

ଆଜି କଳିଙ୍ଗରେ ହକି ଇଣ୍ଡିଆ ଲିଗ୍

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-202 ◆SATURDAY ◆17 JANUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୦୨ ◆ଶନିବାର ◆୧୭ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ପ୍ରତିବର୍ଷ ବଢୁଛି ବିଜୁଳି ଆବଶ୍ୟକତା**

# ଆଗକୁ ଅସମ୍ଭାଳ

## ୨୦୩୦ ବେଳକୁ ଲୋଡ଼ା ୯୪୫୦୦ ମେଗାୱାଟ

■ ଭୁବନେଶ୍ୱର, ୧୬।୧ (ସମିସ): ଓଡ଼ିଶାରେ ପ୍ରତିବର୍ଷ ବଢ଼ିବଢ଼ି ଚାଲିଛି ବିଜୁଳି ଚାହିଦା। ୨୦୦୭-୦୮ ବର୍ଷରେ ରାଜ୍ୟର ବିଜୁଳି ଚାହିଦା ୧୮୮୪୬ ମେଗା ୟୁନିଟ୍ ଥିବାବେଳେ ୨୦୨୪ରେ ଏହା ପାଖାପାଖି ଅଢ଼େଇଗୁଣ ବୃଦ୍ଧି ପାଇ ୪୬ ହଜାର ମେଗା ୟୁନିଟ୍‌ରେ ଛୁଇଁଛି । ମାତ୍ର ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟର ଶକ୍ତି ଚାହିଦା ଦୁଇଗୁଣ ବୃଦ୍ଧି ପାଇବ ଓ ୨୦୩୦ ବେଳକୁ ପିକ୍ ସମୟରେ ଏହା ୯୪୫୬ ମେଗା ୟୁନିଟ୍ ଅତିକ୍ରମ କରିବ । ଓଡ଼ିଶା ରାଜ୍ୟ ପାଇଁ କେନ୍ଦ୍ର ସରକାରଙ୍କ ଆର୍‌ଏପି ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇବା ପରେ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ସ୍ଥିତି ଓ ଭବିଷ୍ୟତ ଆବଶ୍ୟକତାକୁ ମଧ୍ୟରେ ବିପୁଳ ପାର୍ଥକ୍ୟ ସୃଷ୍ଟି ହେବା ଆଶଙ୍କା କରାଯାଉଛି।

ବର୍ତ୍ତମାନ ସମୟରେ ରାଜ୍ୟରେ ରାଜ୍ୟରେ ବିଜୁଳି ସମସ୍ୟା ନାହିଁ। ଆବଶ୍ୟକ ତୁଳନାରେ ବିଜୁଳି ଉପଲବ୍ଧ ହେଉଛି। ମାତ୍ର ଭବିଷ୍ୟତରେ ବିଜୁଳି ଚାହିଦା ଢ଼େର ବୃଦ୍ଧି ପାଇବାର ଆଶଙ୍କା ରହିଛି। ୨୦୧୫-୧୬ରେ ରାଜ୍ୟରେ ୨୨୧୨୧ ମେଗା ୟୁନିଟ୍ ବିଜୁଳିର ଆବଶ୍ୟକତା ଥିବାବେଳେ ୨୧୯୫୯ ମେଗା ୟୁନିଟ୍ ବିଜୁଳି ଉପଲବ୍ଧ ହେଉଥିଲା। ମାତ୍ର ଘରୋଇ ସଂସ୍ଥାଗୁଡ଼ିକର ତାପଜ ବିଦ୍ୟୁତ କେନ୍ଦ୍ରରୁ ବିଦ୍ୟୁତ କିଣି ସରକାର ଆବଶ୍ୟକତାକୁ ଭରଣା କରୁଥିଲେ। ବର୍ତ୍ତମାନ ମଧ୍ୟ ରାଜ୍ୟରେ ସମାନ ସ୍ଥିତି ରହିଛି। ସରକାରଙ୍କ ଅଧୀନସ୍ଥ ଜଳ ବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ବିଜୁଳି ରାଜ୍ୟର ଉପଭୋକ୍ତାମାନଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ସମର୍ଥ



ହେଉନାହିଁ। ଅଧିକାଂଶ ସମୟରେ ଗ୍ରୀଡ଼୍‌କୋ ଅନ୍ୟ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ବିଦ୍ୟୁତ୍ କ୍ରୟ କରି ବିତରଣକାରୀ କମ୍ପାନୀମାନଙ୍କୁ ଯୋଗାଉଛି।

ବର୍ତ୍ତମାନ ସମୟରେ ରାଜ୍ୟରୁ ଉତ୍ପାଦିତ ବିଦ୍ୟୁତ୍‌ର ସିଂହଭାଗ ଅର୍ଥାତ୍ ପ୍ରାୟ ୫୭ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ପ୍ରସ୍ତୁତ ହେଉଛି। ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ହେଉଛି ମୋଟ ୩୦ ପ୍ରତିଶତ। ଅଣପାରମ୍ପରିକ ସୂତ୍ରରୁ ସୌର ଓ ପବନରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ଯାବତୀୟ ଉଦ୍ୟମ ସତ୍ତ୍ୱେ ତାହା ଏଯାଏ ଉତ୍ସାହଜନକ ହୋଇପାରି ନାହିଁ। ରିପୋର୍ଟ ଅନୁସାରେ ଉଭୟ ସୌର ଓ ପବନରୁ ବିଦ୍ୟୁତ୍ ଉତ୍ପାଦନ ପରିମାଣ ୧୩ ପ୍ରତିଶତ ବି ଅତିକ୍ରମ କରିନାହିଁ। ବାୟୋମାସରୁ ମାତ୍ର ୨୦ ମେଗାୱାଟ୍ ବିଦ୍ୟୁତ୍ ▶ପୃଷ୍ଠା-୭

# ନବୀନଙ୍କୁ ଭେଟିଲେ ଅଖିଳେଶ

## ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟ ଦୃଶ୍ୟମାନ



■ ଭୁବନେଶ୍ୱର, ୧୬।୧ (ସମିସ): ଓଡ଼ିଶା ଗସ୍ତରେ ଥିବା ଉତ୍ତରପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଶୁକ୍ରବାର ଅପରାହ୍ଣରେ ଭୁବନେଶ୍ୱରରେ ପହଞ୍ଚିବା ପରେ ନବୀନ ନିବାସ ଯାଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ସୌଜନ୍ୟମୂଳକ ସାକ୍ଷାତ ବେଳେ ଉଭୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହି ସାକ୍ଷାତ ସମ୍ପର୍କରେ ନବୀନ ନିଜ ଏକ୍ସରେ ଉଲ୍ଲେଖ କରିବା ସହ ଅଖିଳେଶଙ୍କୁ ଭେଟି ଖୁସି ଲାଗିଲା ବୋଲି କହିଛନ୍ତି। ଅନେକ ସମସାମୟିକ ପ୍ରସଙ୍ଗ ଉପରେ ଉଭୟଙ୍କ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ଆଲୋଚନା ହୋଇଛି ବୋଲି ନବୀନ କହିବା ସହ ସୌଜନ୍ୟମୂଳକ ସାକ୍ଷାତ ପାଇଁ ଅଖିଳେଶଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନବୀନ ନିବାସରୁ ଫେରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଅଖିଳେଶ ଯାଦବ କହିଛନ୍ତି ଯେ ▶ପୃଷ୍ଠା-୭

# ନିତିନ ନବୀନ ହେବେ ବିଜେପି ଅଧ୍ୟକ୍ଷ



**ଦଳ ତରଫରୁ ଜାରି ହେଲା ବିଜ୍ଞପ୍ତି**

**୨୦ ତାରିଖରେ ବିଧିବଦ୍ଧ ଘୋଷଣା**

■ ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ଜାନୁଆରୀ ୨୦ ତାରିଖରେ ଶାସକ ଦଳ ବିଜେପିକୁ ନୂଆ ଜାତୀୟ ସଭାପତି ମିଳିବ। ଦଳ ଶୁକ୍ରବାର ଏଥିପାଇଁ ବିଜ୍ଞପ୍ତି ଜାରି କରିଛି। ଏହା ଅନୁସାରେ, ଜାନୁଆରୀ ୧୯ରେ ନାମାଙ୍କନ ଦାଖଲ ହେବ ଓ ୨୦ରେ ଦଳର ନୂଆ ସଭାପତିଙ୍କ ନାମ ଘୋଷଣା କରାଯିବ। ଏବେ ନୀତିନ ନବୀନ ଦଳର କାର୍ଯ୍ୟକାରୀ ସଭାପତି ଅଛନ୍ତି ଓ ଦଳ ତାଙ୍କୁ ନିର୍ବିରୋଧରେ ଅର୍ଥାତ ବିନା ପ୍ରତିଦ୍ୱନ୍ଦ୍ୱୀତାରେ ନିର୍ବାଚିତ କରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ନୀତିନ ୧୯ରେ ତାଙ୍କର ନାମାଙ୍କନ ଦାଖଲ କରିବେ। ପୂର୍ବରୁ ତାଙ୍କୁ ଡିସେମ୍ବର ୧୪ରେ ଦଳର କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଥିଲା। ବିଜେପି ୨୦୨୦ରେ ଜେପି ନଡ୍ଡାଙ୍କୁ ଜାତୀୟ ସଭାପତି ଭାବେ ନିଯୁକ୍ତ କରିଥିଲା। ତାଙ୍କ କାର୍ଯ୍ୟକାଳ ୨୦୨୪ରେ ଶେଷ ହୋଇଥିଲା। ସେବେଠାରୁ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଛି ଓ ସେ ବିସ୍ତାରିତ କାର୍ଯ୍ୟକାଳରେ ଅଛନ୍ତି। ନଡ୍ଡା ଏବେ କେନ୍ଦ୍ର ସରକାରରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦାୟିତ୍ୱରେ ରହିଛନ୍ତି। ▶ପୃଷ୍ଠା-୭

**ମହାରାଷ୍ଟ୍ର ପୌର ନିର୍ବାଚନ**

# ୩ ଦଶନ୍ଧି ପରେ ଠାକ୍‌ରେ ପରିବାର ହରାଇବ ମୁମ୍ବାଇ

**୨୩ ନିଗମରେ ବିଜେପି ମେଣ୍ଟ ଆଗରେ**

**ଲାତୁରରେ କଂଗ୍ରେସ ବିଜୟୀ**

■ ମୁମ୍ବାଇ, ୧୬।୧ (ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନରେ କ୍ଷମତାସୀନ ମହାୟୁତି ମେଣ୍ଟକୁ ବଡ଼ ସଫଳତା ମିଳିଛି। ବିଜେପି ନେତୃତ୍ୱାଧୀନ ଏହି ମେଣ୍ଟ ଏକପାଖିଆ ବିଜୟ ଅଭିମୁଖେ ଅଗ୍ରସର ହେଉଛି। ୧୯ରୁ ୨୩ ପୌର ନିଗମରେ ବିଜେପି ନେତୃତ୍ୱାଧୀନ ମେଣ୍ଟ ଆଗରେ ରହିଛି। ମୁମ୍ବାଇର ବୃହନମୁମ୍ବାଇ ନଗରପାଳିକା (ବିଏମସି) ରେ ବିଜେପି ଏବଂ ଶିବସେନା (ସିନ୍ଦେ) ମେଣ୍ଟ ମୋଟ ୨୨୭ ଆସନରୁ ୧୧୫ଟି ଆଗରେ ରହିଛି। ୯୦ ଆସନରେ ବିଜେପି ଏବଂ ୨୮ ଆସନରେ ଏକନାଥ ସିନ୍ଦେଙ୍କ ଶିବସେନା ଆଗରେ ଚାଲିଛି। ଏପରି ସ୍ଥିତିରେ ଦୀର୍ଘ ତିନି ଦଶନ୍ଧି ପରେ ଠାକରେ ପରିବାର ହାତରୁ ମୁମ୍ବାଇ ଖସି ଯାଇଛି। ସ୍ୱାଧୀନତା ପରେ ୭୭ ବର୍ଷ ହେଲା ବିଏମସି କଂଗ୍ରେସ ଏବଂ ଶିବସେନା ନିୟନ୍ତ୍ରଣରେ ରହିଥିଲା। ୧୯୪୭ରୁ ୧୯୬୭ ଯାଏଁ କଂଗ୍ରେସ ଏବଂ ୧୯୯୦ରୁ ୨୦୨୨ ପର୍ଯ୍ୟନ୍ତ ଅର୍ଥାତ ୩୦ ବର୍ଷ ହେଲା ମେୟର ଆସନ ଶିବସେନା ପାଖରେ ଥିଲା। ପ୍ରଥମ ଥର ପାଇଁ ମୁମ୍ବାଇ ମେୟର ପଦବୀ ବିଜେପି ହାତକୁ ଯାଇପାରେ। ୧୯୮୦ରେ ବିଜେପି ଗଠନ ପରେ ୧୯୯୨ରୁ ୨୦୧୭ ପର୍ଯ୍ୟନ୍ତ ଶିବସେନାକୁ ବିଜେପି ସମର୍ଥନ ଦେଇଥିଲା।

ଶିବସେନାର କିଶୋରୀ ପେଡନେକର ଶେଷ ଥର ପାଇଁ ମୁମ୍ବାଇ ମେୟର ପଦରେ ଥିଲେ। ସେ ୨୦୧୯ ନଭେମ୍ବର ୨୨ ରୁ ୨୦୨୨ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ। ମାତ୍ର ସେତେବେଳେ ଶିବସେନା ଭାଗ ଭାଗ ହୋଇ ନ ଥିଲା। ଦଳ ବିଭାଜନ ପରେ ମେୟର ପଦ ଖାଲି ରହିଥିଲା। ସେହି ଦିନଠାରୁ ବିଏମସି ପ୍ରଶାସନର ଦାୟିତ୍ୱ ନଗର ଆୟୁକ୍ତ ସମ୍ଭାଳୁ ଥିଲେ। ବିଏମସି ଏସିଆର ସବୁଠାରୁ ବଡ଼ ପୌର ନିଗମ। ଏହାର ବଜେଟ ପ୍ରାୟ ୭୪ ହଜାର କୋଟି। ବିଏମସି ବଜେଟ ଗୋଆ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ▶ପୃଷ୍ଠା-୭

# ବାଂଲାଦେଶ ସେନା ଦୁଇ ଫାଳ

## ଲାଗିଛି କ୍ଷମତା ଅକ୍ତିଆର ମୋହ; ଗୃହଯୁଦ୍ଧ ଆଶଙ୍କା

■ ଢାକା, ୧୬।୧ (ଏଜେନ୍ସି): ଛାତ୍ର ନେତା ତଥା ଇନ୍‌କିଲାବ ମଞ୍ଚର ଉସମାନ ହାଦିଙ୍କ ହତ୍ୟା ପରଠୁ ବାଂଲାଦେଶ ଅଶାନ୍ତ ରହିଛି। ହିନ୍ଦୁଙ୍କୁ ନିଶାଣ କରି ହତ୍ୟା କରାଯାଉଛି। ଗତ ୧୮ ତାରିଖରୁ ଏ ପର୍ଯ୍ୟନ୍ତ ୭ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ଛାତ୍ର ନେତା ଏହି ହିଂସା ପାଇଁ ସେନା ଏବଂ ପୁଲିସକୁ ଦାୟୀ କରୁଛନ୍ତି। ଆଉ ଏହା ପଛରେ ଏକ ବଡ଼ କାରଣ ରହିଥିବା ଦାବି କରିଛନ୍ତି। ଏପରି ସମୟରେ ବଡ଼ ସୂଚନା ସାମ୍ନାକୁ ଆସିଛି। ବାଂଲାଦେଶ ସେନାରେ ବିଦ୍ରୋହ ସୃଷ୍ଟି ହୋଇଛି। ଏଥିଯୋଗୁଁ ସେନା ଦୁଇ ଭାଗରେ ବିଭକ୍ତ ହୋଇଯାଇଛି। ଗୋଟିଏ ଗୋଷ୍ଠୀ ସରକାରକୁ ସମର୍ଥନ କରୁଥିବାବେଳେ ଅନ୍ୟ ଗୋଟିଏ ଜମାତ-ଇ-ଇସଲାମୀ ସପକ୍ଷରେ ରହି କ୍ଷମତା ଅକ୍ତିଆର କରିବାକୁ ପ୍ରୟାସ କରୁଛି। ବାଂଲାଦେଶ ସେନା ▶ପୃଷ୍ଠା-୭

# ମୋରମ ଖାଦାନରେ ଅତଡ଼ା ଧସି ୨ ଶ୍ରମିକ ମୃତ



■ ମାଲକାନଗିରି, ୧୬।୧ (ସମିସ): ମୋରମ୍ ଖୋଳୁଥିବା ବେଳେ ପଥର ଅତଡ଼ା ଧସି ଦୁଇ ଶ୍ରମିକଙ୍କ ମୃତ୍ୟୁ। ମାଲକାନଗିରି ସହର ପ୍ରବେଶ ଦ୍ୱାର ତାରିଣୀ ମନ୍ଦିର ପାର୍ଶ୍ୱରେ ଥିବା ଏକ ବେଆଇନ ମୋରମ୍ ଖଣିରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ମାଲକାନଗିରି ସତ୍ୟମଗୁଡ଼ା ଗ୍ରାମର ଟୁନା ଗାଦବା(୨୧) ଓ ଚମ୍ପାଖାରି ଗ୍ରାମର ମିଟୁ ମାଢ଼ି(୩୧)। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ମନ୍ଦିର ପାର୍ଶ୍ୱରେ ଥିବା ଏହି ବେଆଇନ ଖଣିରେ ଦୀର୍ଘ ଦିନ ହେବ ବେଆଇନ ଭାବେ ଖନନ କାର୍ଯ୍ୟ ଚାଲୁଥିଲା। ଆଜି କିଛି ଶ୍ରମିକ ମୋରମ୍ ଖନନ କରୁଥିବା ବେଳେ ହଠାତ୍ ପଥର ଅତଡ଼ା ଧସି ଯାଇଥିଲା ଏବଂ ତା' ତଳେ ଟୁନା ଓ ମିଟୁ ରହିଯାଇଥିଲେ। ଘଟଣାସ୍ଥଳରେ ଟୁନାଙ୍କ ମୃତ୍ୟୁ ଘଟିଥିବା ବେଳେ ସାଥୀ ଶ୍ରମିକମାନେ ମିଟୁଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ମାଲକାନଗିରି ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମିଟୁଙ୍କର ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷେ, ଖବର ପାଇ ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓ ଓ ସତ୍ୟମଗୁଡ଼ା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଶ୍ରମିକମାନଙ୍କୁ ଉଦ୍ଧାର କରିବା ସହ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବିଦାହେବେ ଅପାରଗ ଅଧ୍ୟାପକ

**କାର୍ଯ୍ୟଦକ୍ଷତା ଓ ସାଧୁତା ସ୍ଥିତି ଯାଞ୍ଚ କରିବାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ**

■ ଭୁବନେଶ୍ୱର, ୧୬।୧ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ମାନଦଣ୍ଡ ଏବଂ ପ୍ରଶାସନିକ ଦକ୍ଷତା ବଜାୟ ରଖିବା ପାଇଁ ଅଧ୍ୟାପକ/ଅଧ୍ୟାପିକାଙ୍କ ଦକ୍ଷତା ପରଖିବେ ସରକାର। ଦକ୍ଷତା ବିହୀନ ବା ଅପାରଗ ଅଧିକାରୀ ଓ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇ ବିଦା କରିବେ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଅଧ୍ୟାପକଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ପାଇଁ ଅଧ୍ୟାପକ ଅଧ୍ୟାପିକାଙ୍କର ପ୍ରଦର୍ଶନର ସମୀକ୍ଷା କରାଯିବ। ଅଧ୍ୟକ୍ଷ ବା ନିରନ୍ତର ଭାବେ ନିମ୍ନ-ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କ ପ୍ରଦର୍ଶନ ଓ ଆଚରଣକୁ ବିଚାର କରାଯିବ। ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ, ସରକାରୀ ଡିଗ୍ରୀ କଲେଜର ଅଧ୍ୟକ୍ଷ, ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନେ ସେମାନଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ପ୍ରଦର୍ଶନକୁ ଯାଞ୍ଚ କରିବେ। ସେମାନଙ୍କ ସର୍ଭିସ୍ ରେକର୍ଡ, କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ, ସାଧୁତା ସ୍ଥିତି ଏବଂ ସାମଗ୍ରିକ ଆଚରଣକୁ ସତର୍କତାର ସହ ଯାଞ୍ଚ କରି ଆସନ୍ତା ୩୧ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧ୍ୟାପକଙ୍କ ଉପରେ ରାଜ୍ୟ ▶ପୃଷ୍ଠା-୭






**ଋଣ କରି ଘିଅ ଖିଆ**

# ଇଏମ୍‌ଆଇ ଜାଲରେ ଚାକିରିଆ

## ଆୟର ଅଧା ଋଣ ପରିଶୋଧରେ ଯାଉଛି



**ଦରମାର ୪୦% ଖାଇଯାଉଛି ଇଏମ୍‌ଆଇ**

**ଚାଳିଶି ଭାଗ ଋଣକାରୀ ଗୋଟିଏ କ୍ରେଡିଟ୍ କାର୍ଡର ବିଲ୍ ଅନ୍ୟ ଏକ କାର୍ଡରୁ ସୁଝୁଛନ୍ତି**

■ ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ସମ୍ପ୍ରତି ଭାରତୀୟ ପରିବାଗୁଡିକରେ ସଞ୍ଚୟ କମୁଥିବାବେଳେ ଋଣ ଭାର ବଢ଼ି ଚାଲିଛି। ଗତ ଏକ ଦଶକ ମଧ୍ୟରେ ଦେଶରେ ପରିବାର ଗୁଡିକର କରଜ ପରିମାଣ ପାଖାପାଖି ଦୁଇ ଗୁଣ ବୃଦ୍ଧି ପାଇଥିବା ନେଇ ରିଜର୍ଭବ୍ୟାଙ୍କ ରିପୋର୍ଟରେ ପ୍ରକାଶ ପାଇଛି। ବର୍ତ୍ତମାନ ବଜାରରେ ସହଜଲଭ୍ୟ ବାଏ ନାଓଁ, ପେ ଲ୍ୟାଟର (ଆଗ ସାମଗ୍ରୀ ନିଅ, ପଛରେ ପରିଶୋଧ କର) ଯୋଜନା ଏବଂ ଇନ୍‌ଷ୍ଟାଣ୍ଟ ଋଣ ଆପ୍ ଲୋକଙ୍କୁ ସହରରେ ଋଣଗ୍ରସ୍ତ କରାଉଛି। ଇଏମ୍‌ଆଇ ମାଧ୍ୟମରେ ପରିଶୋଧ କରିବା ଲକ୍ଷ୍ୟରେ ଲୋକେ ଅଧିକ ମାତ୍ରାରେ ଋଣ କରିବାରେ ଲାଗିଛନ୍ତି। ବିଶେଷ କରି ଚାକିରିଆ ବର୍ଗ ଏହି ଇଏମ୍‌ଆଇ ଋଣ ଜାଲରେ ପଡୁଛନ୍ତି। ଏପରିକି ଚାକିରିଆଙ୍କୁ ସେମାନଙ୍କ ଆୟର ଅଧା ଅର୍ଥ ଋଣ ପରିଶୋଧ ବାବଦରେ ବ୍ୟୟ ହେଉଛି। ପ୍ରାୟ ୮୫ ପ୍ରତିଶତ ଋଣଗ୍ରହୀତାଙ୍କ ରୋଜଗାରର ୪୦ ଭାଗ ଟଙ୍କା ଇଏମ୍‌ଆଇ ଖାଇଯାଉଛି। ଏମିତିକି ୪୦% ଋଣକାରୀ ଗୋଟିଏ କ୍ରେଡ଼ିଟ୍ କାଡର୍ ବିଲ୍ ପରିଶୋଧ ପାଇଁ ଅନ୍ୟ ଏକ କ୍ରେଡ଼ିଟ୍ କାଡର୍‌ର ଉପଯୋଗ କରୁଛନ୍ତି। ଋଣ କରି ଘିଅ ଖିଆ ଚାକିରିଆମାନଙ୍କ ସଉକରେ ପରିଣତ ହୋଇଛି ଓ ଏହା ଭବିଷ୍ୟତରେ ମହଙ୍ଗା ସାବ୍ୟସ୍ତ ହୋଇପାରେ ବୋଲି ଇରେଜୋଲ୍ୟୁସନ୍ କନସଲ୍ଟାନ୍ସି ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।

ରିପୋର୍ଟ ଅନୁସାରେ ବାଏ ନାଓଁ, ପେ ଲ୍ୟାଟର ଯୋଜନା, ଇନ୍‌ଷ୍ଟାଣ୍ଟ ଋଣ ଆପ୍ ଏବଂ ବ୍ୟକ୍ତିଗତ ଋଣ ହଜାର ହଜାର ଲୋକଙ୍କୁ ଏକ ବିପଦପୂର୍ଣ୍ଣ ଋଣ ଜାଲରେ ଫସାଇ ଦେଉଛି। ଏହି ସର୍ଭେରେ ଋଣ ଖିଲାପ, ଚେକ୍ ବାଉନ୍ସ ଏବଂ ରିକଭରୀ ଏଜେଣ୍ଟଙ୍କ ସହିତ ଜଡିତ ସମସ୍ୟା ଉପରେ ଆଚମ୍ବିତ କରିବା ଭଳି ଖବର ଆସିଛି। ୨୦୨୫ ଜୁନ୍‌ରୁ ଡିସେମ୍ବର ମଧ୍ୟରେ ଦେଶବ୍ୟାପୀ ୧୦,୦୦୦ ଆର୍ଥିକ ▶ପୃଷ୍ଠା-୭

● କଂଗ୍ରେସର ଅଭିଯୋଗ

## ଚାବାହାରକୁ ନିୟନ୍ତ୍ରଣ ମୁକ୍ତକଲା ଭାରତ; ୧୧୦୦ କୋଟି ବର୍ବାଦ

ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ଆମେରିକା ଭୟରେ ଭାରତ ସରକାର ଇରାନର ଚାବାହାର ବନ୍ଦରକୁ ନିୟନ୍ତ୍ରଣ ମୁକ୍ତ କରିଦେଇଛନ୍ତି। ଏହି ପ୍ରକଳ୍ପରେ ଦେଶବାସୀଙ୍କ ୧୨୦ ନିୟୁତ ଡଲାର ଅର୍ଥାତ ୧୧୦୦ କୋଟି ଟଙ୍କା ବ୍ୟୟ କରିଥିଲେ। ଏବେ ଏହା ବର୍ବାଦ ହୋଇଯାଇଛି ବୋଲି ବିରୋଧୀ ଦଳ କଂଗ୍ରେସ ଅଭିଯୋଗ କରିଛି। ମାତ୍ର ଏହି ଅଭିଯୋଗକୁ ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ ଖଣ୍ଡନ କରିଦେଇଛନ୍ତି। ଇରାନର ଚାବାହର ବନ୍ଦର ସମ୍ବନ୍ଧିତ ପ୍ରକଳ୍ପ ଏବେ ଜାରି ରହିଛି। ଏହାକୁ ଆଗକୁ ବଢ଼ାଇବା ପାଇଁ ଭାରତ ଏବଂ ଆମେରିକା ମଧ୍ୟରେ ଆଲୋଚନା ଜାରି ରହିଛି। ଇରାନ ଉପରେ ଲଗାଯାଇଥିବା କଟକଣା ସତ୍ତ୍ୱେ ବନ୍ଦର ସମ୍ବନ୍ଧିତ କାର୍ଯ୍ୟ ଜାରି ରଖିବା ପାଇଁ ଆମେରିକା ଭାରତକୁ ଆଶ୍ୱସ୍ତି ଦେଇଥିଲା। ମାତ୍ର ଏହି ଅବଧି ଏପ୍ରିଲ ୨୬ରେ ଶେଷ ହେଉଛି। ଇରାନରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବାବେଳେ ଆମେରିକା ନୂଆ କଟକଣା ଲଗାଇ ଥିଲା। ଗତ ବର୍ଷ ସେପ୍ଟେମ୍ବର ୨୯ରେ ଚାବାହାର ପାଇଁ ଦିଆଯାଇଥିବା ଆଶ୍ୱସ୍ତିକୁ ଆମେରିକା ପ୍ରତ୍ୟାହାର କରି ନେଇଥିଲା। ନିର୍ମାଣ କାର୍ଯ୍ୟ ଜାରି ରଖିବା ପାଇଁ ଭାରତକୁ ଏହି ଆଶ୍ୱସ୍ତି ମିଳିଥିଲା। ପରେ ଗତ ବର୍ଷ ଅକ୍ଟୋବର ୨୭ରେ ଆଉ ୬ ମାସ ପାଇଁ କଟକଣା ମୁକ୍ତ କରାଯାଇଥିଲା।

## ଦକ୍ଷିଣ କୋରିଆ ପୂର୍ବତନ ରାଷ୍ଟ୍ରପତିଙ୍କୁ ୫ ବର୍ଷ ଜେଲ୍

ସିଓଲ, ୧୬।୧(ଏଜେନ୍ସି): ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତି ୟୁନ-ସୁକ୍-ୟେଓଲଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଡିସେମ୍ବର ୨୦୨୪ରେ ସେ ପଦରେ ଥିବା ସମୟରେ ଦେଶବ୍ୟାପୀ ସାମରିକ ଆଇନ ଲାଗୁ କରିବାକୁ ସେ ଚେଷ୍ଟା କରିଥିଲେ। ଏକ ସ୍ଥାନୀୟ କୋର୍ଟ ଏହାକୁ କ୍ଷମତାର ଅପବ୍ୟବହାର ବୋଲି ବିବେଚନା କରିଛନ୍ତି। ଶୁକ୍ରବାର ବିଚାରପତି ରାୟ ଦେଇ କହିଛନ୍ତି ଯେ, ୟୁନ୍ ଦେଶକୁ ଏକ ରାଜନୈତିକ ସଙ୍କଟକୁ ଠେଲି ଦେଇଥିଲେ। ରିପୋର୍ଟ ଅନୁଯାୟୀ, ୟୁନ୍ ତଦନ୍ତକାରୀ ଅଧିକାରୀଙ୍କୁ ନିଜ ଘରକୁ ପ୍ରବେଶ ନ କରାଇବା ପାଇଁ ଘର ବାହାରେ ଅନେକ ପ୍ରହରୀ ନିଯୁକ୍ତ କରିଥିଲେ। କିନ୍ତୁ ପୁଲିସ ତାଙ୍କୁ ଗିରଫ କରି କୋର୍ଟରେ ହାଜର କରିଥିଲା।

## ବ୍ରିଟେନ ସଂସଦରେ ଉଠିଲା ବାଂଲାଦେଶ ହିନ୍ଦୁଙ୍କ ଉପରେ ଅତ୍ୟାଚାର ମାମଲା

ଲଣ୍ଡନ, ୧୬।୧(ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ବ୍ରିଟେନରୁ ଜଣେ ସାଂସଦ ବବ୍ ବ୍ଲାକ୍ମ୍ୟାନ ଏ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ଏକ ବଡ଼ ବିପର୍ଯ୍ୟୟ ବୋଲି ବର୍ଣ୍ଣନା କରିବା ସହ ସେ ବ୍ରିଟିସ ସଂସଦରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ବ୍ଲାକମ୍ୟାନ ଅଭିଯୋଗ କରିଛନ୍ତି ଯେ, ବାଂଲାଦେଶରେ ହିନ୍ଦୁମାନଙ୍କୁ ସର୍ବସାଧାରଣରେ ହତ୍ୟା କରାଯାଉଛି, ସେମାନଙ୍କ ଘର ଓ ମନ୍ଦିରରେ ନିଆଁ ଲଗାଇ ଦିଆଯାଉଛି। ଫେବୃଆରୀ ୧୨ରେ ବାଂଲାଦେଶରେ ସାଧାରଣ ନିର୍ବାଚନ ଆୟୋଜନ ହେବାକୁ ଯାଉଥିବାବେଳେ ସେ ଦେଶର ଗଣତାନ୍ତ୍ରିକ ସ୍ଥିତି ଉପରେ ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟ ବିରୋଧୀ ଦଳ ଆବାମୀ ଲିଗ୍କୁ ନିର୍ବାଚନରୁ ବାଦ୍ ଦିଆଯାଇଥିବା ବେଳେ ଉଗ୍ରବାଦୀ ଓ କଟୋରପନ୍ଥୀ ଶକ୍ତିମାନେ ସମ୍ବିଧାନ ପରିବର୍ତ୍ତନ ପାଇଁ ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ବାଂଲାଦେଶର ସଂଖ୍ୟାଲଘୁଙ୍କ ସୁରକ୍ଷା ଏବଂ ମୁକ୍ତ ତଥା ଅବାଧ ନିର୍ବାଚନ ସୁନିଶ୍ଚିତ କରିବାକୁ ସେ ବ୍ରିଟେନ ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

## ମୁକୁଲ ରୟଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୬।୧(ଏଜେନ୍ସି): ସୁପ୍ରିମକୋର୍ଟ ଶୁକ୍ରବାର ପଶ୍ଚିମବଙ୍ଗର ଟିଏମସି ନେତା ମୁକୁଲ ରୟଙ୍କ ବିଧାନସଭା ସଦସ୍ୟତାକୁ ରଦ୍ଦ କରିବା ଉପରେ ରହିତାଦେଶ ଜାରି କରିଛନ୍ତି। ଫଳରେ ମୁକୁଲଙ୍କୁ ଆଶ୍ୱସ୍ତି ମିଳିଛି। ପୂର୍ବରୁ କଲିକତା ହାଇକୋର୍ଟ ଦଳବଦଳ ବରୋଧୀ ଆଇନ୍ ଅନୁଯାୟୀ ତାଙ୍କୁ ବିଧାୟକ ପଦରୁ ଅଯୋଗ୍ୟ ଘୋଷଣା କରିଥିଲେ। ଏହାକୁ ମୁକୁଲଙ୍କ ପୁଅ ଶୁଭ୍ରାଂଶୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସିଜେଆଇ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ମାମଲାରେ ରହିତାଦେଶ ଜାରି କରିବା ସହ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ, ବିଜେପି ବିଧାୟକ ଅମ୍ବିକା ରାୟ, ବିଧାନସଭା ବାଚସ୍ପତି ଓ ଅନ୍ୟଙ୍କୁ ନୋଟିସ୍ ଜାରି କରି ୪ ସପ୍ତାହ ଭିତରେ ଉତ୍ତର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଲ-ଫଲାହର ୧୪୦ କୋଟି ସମ୍ପତ୍ତି ଜବତ

ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ବିସ୍ଫୋରଣ ମାମଲା ସମ୍ବନ୍ଧିତ ଅଲ-ଫଲାହ ୟୁନିଭର୍ସିଟିର ୧୪୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହି ୟୁନିଭର୍ସିଟିର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦ୍ଦିକି ଏବଂ ଏହାର ଟ୍ରଷ୍ଟ ବିରୋଧରେ ଶୁକ୍ରବାର ଆରୋପପତ୍ର ଦାଖଲ କରିଛି। ଜବତ ସମ୍ପତ୍ତିରେ ଫରିଦାବାଦର ଧୌଜ ସ୍ଥିତ ୫୪ ଏକର ଜମି, ୟୁନିଭର୍ସିଟି କୋଠା, ସ୍କୁଲ ଏବଂ ବିଭାଗ ଗୁଡ଼ିକର କୋଠା ସହିତ ଛାତ୍ରାବାସ ସାମିଲ ରହିଛି। ଇଡି ଏହାକୁ ଅପରାଧରୁ ଆୟଶ୍ରେଣୀଭୂକ୍ତ କରିଛି। ପିଏମଏଲଏ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ବଦାନ୍ୟତା ନା କ୍ଷମତା ଲୋଭ

# ଟ୍ରମ୍ପଙ୍କୁ 'ନୋବେଲ ଶାନ୍ତି' ଦାନକଲେ ମାଚାଡୋ

ନୂଆଦିଲ୍ଲୀ, ୧୬ ।୧ (ଏଜେନ୍ସି): ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଶା ପରିଶେଷରେ ପୂର୍ଣ୍ଣ ହେଉଛି। ଶୁଳ୍କ ଛାଟ ହେଉ ଅବା ଅମାନବିକ ପ୍ରତ୍ୟର୍ପଣ କିମ୍ବା ଅନ୍ୟ ଦେଶରେ ଆକ୍ରମଣ ପାଇଁ ସର୍ବଦା ବିବାଦରେ ଥିବା ଅଶାନ୍ତ ଟ୍ରମ୍ପ ଏବେ ଶାନ୍ତ ପଡ଼ିବେ ବୋଲି ଆଶା କରାଯାଉଛି। କାରଣ ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ରାତିଅଧରେ ଅପହରଣ କରି ଆଣିବାକୁ ନିର୍ଦ୍ଦେଶ ଦେଇଥିବା ଆମେରିକା ରାଷ୍ଟ୍ରପତିଙ୍କ ଦୀର୍ଘ ଦିନର ଆଶା ପୂରଣ ହୋଇଛି। ଗ୍ରୀନଲାଣ୍ଡ କବ୍ଜା ପାଇଁ ସ୍ୱପ୍ନ ଦେଖୁଥିବା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ନୋବେଲ 'ଶାନ୍ତି' ପୁରସ୍କାର ମିଳିଛି। ମାତ୍ର ପ୍ରସିଦ୍ଧ ବୈଜ୍ଞାନିକ ଆଲଫ୍ରେଡ ନୋବେଲଙ୍କ ନାମରେ ଦିଆଯାଉଥିବା ଏହି ସମ୍ମାନ ନୋବେଲ କମିଟି ଦ୍ୱାରା ଦିଆଯାଇ ନାହିଁ। ଟ୍ରମ୍ପ ଏହି ପୁରସ୍କାର ଜିତିନାହାନ୍ତି, ବରଂ ତାଙ୍କୁ ଅଦିନିଆ ଦାନରେ ମିଳିଛି। ଭେନେଜୁଏଲା ବିପକ୍ଷ ନେତା ମାରିଆ କାରିନୋ ମାଚାଡ଼ୋ ହ୍ୱାଇଟ ହାଉସରେ ଟ୍ରମ୍ପଙ୍କୁ ଭେଟି ନିଜ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛନ୍ତି। ନୋବେଲ ପୁରସ୍କାରର ଇତିହାସରେ ପ୍ରଥମ ଥର ପାଇଁ ଏପରି ହୋଇଛି। ମାତ୍ର ଏଭଳି ଦେବାନେବା ବେଆଇନ ବୋଲି ନୋବେଲ କମିଟି ପକ୍ଷରୁ କୁହାଯାଇଛି। କିନ୍ତୁ କୌଣସି ବଦାନ୍ୟତା ନୁହେଁ, ବରଂ କ୍ଷମତା ଲୋଭରେ ମାଚାଡ଼ୋ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଉଠାଇ ନେଇ ବନ୍ଦୀ କରିବା ପରେ ଟ୍ରମ୍ପ ପ୍ରଥମଥର ପାଇଁ କୌଣସି



ଭେନେଜୁଏଲା ନେତାଙ୍କୁ ଭେଟିଛନ୍ତି। ଆଉ ଏହି ସାକ୍ଷାତ ଇତିହାସ ପାଲଟି ଯାଇଛି। ମାଚାଡ଼ୋ ଟ୍ରମ୍ପଙ୍କୁ ନିଜ ନୋବେଲ ଶାନ୍ତି ପୁରସ୍କାରକୁ ବଦାନ୍ୟତା ସ୍ୱରୁପ ପ୍ରଦାନ କରିଛନ୍ତି। ଆଜି ଭେନେଜୁଏଲା ବାସୀଙ୍କ ପାଇଁ ଏକ ଐତିହାସିକ ଦିନ ବୋଲି ମାଚାଡୋ କହିଛନ୍ତି। ବୈଠକ ପରେ ସାମ୍ବାଦିକଙ୍କ ସହ କଥା ହେବା ବେଳେ ମାଚାଡୋ ଟ୍ରମ୍ପଙ୍କୁ ତାଙ୍କ ପୁରସ୍କାର ପ୍ରଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ତେବେ ସେ ଅନ୍ୟ କୌଣସି ବିବରଣୀ ପ୍ରଦାନ କରି ନଥିଲେ। ଟ୍ରମ୍ପ ପୁରସ୍କାରର ପଦକ ଗ୍ରହଣ କରିଛନ୍ତି କି ନାହିଁ ତାହା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇନି। ହ୍ୱାଇଟ୍ ହାଉସ୍ ଛାଡ଼ିବା ପରେ ଟ୍ରମ୍ପଙ୍କୁ ବିଶ୍ୱାସ କରିବା ନେଇ ମାଚାଡ଼ୋ କହିଥିଲେ। କିନ୍ତୁ ଟ୍ରମ୍ପ ଏପର୍ଯ୍ୟନ୍ତ ମାଚାଡ଼ୋଙ୍କୁ ଭେନେଜୁଏଲାର ନୂଆ ନେତା ଭାବେ ସମର୍ଥନ ଦେଇନାହାନ୍ତି। ପୂର୍ବରୁ ନରୱେର ନୋବେଲ ଇନଷ୍ଟିଚ୍ୟୁଟ୍ ସ୍ପଷ୍ଟ କରିଛି ଯେ, ନୋବେଲ ଶାନ୍ତି ପୁରସ୍କାର ଜଣେ ଅନ୍ୟ ଜଣକୁ ଦେଇପାରିବ ନାହିଁ କିମ୍ବା ସ୍ଥାନାନ୍ତରିତ ହୋଇପାରିବ ନାହିଁ। ନୋବେଲ ପୁରସ୍କାର ଥରେ ଘୋଷଣା ପରେ ଏହାକୁ ପ୍ରତ୍ୟାହାର କରାଯାଇପାରିବ ନାହିଁ। ଏହି ନିଷ୍ପତ୍ତି ଚୂଡାନ୍ତ ଓ ସବୁଦିନ ପାଇଁ ବୈଧ।

ଉଲ୍ଲେଖଥାଉ କି, ମାଚାଡୋଙ୍କୁ ଭେନେଜୁଏଲାରେ ଗଣତାନ୍ତ୍ରିକ ଅଧିକାର ପାଇଁ ତାଙ୍କର ନିରନ୍ତର ସଂଗ୍ରାମ ଏବଂ ଏକଛତ୍ରବାଦରୁ ଗଣତନ୍ତ୍ରକୁ ଶାନ୍ତିପୂର୍ଣ୍ଣ ପରିବର୍ତ୍ତନ ପାଇଁ ୨୦୨୫ରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ସେତେବେଳେ ସେ ଏହି ପୁରସ୍କାର ଟ୍ରମ୍ପଙ୍କୁ ଉତ୍ସର୍ଗ କରିଥିଲେ। ତେବେ ଟ୍ରମ୍ପ ମାଚାଡୋଙ୍କଠାରୁ ନୋବେଲ ପୁରସ୍କାର ପଦକ ଗ୍ରହଣ କରିଛନ୍ତି । ସୂଚନାଯୋଗ୍ୟ ଟ୍ରମ୍ପ ପୂର୍ବରୁ ଏକାଧିକ ବାର ନୋବେଲ ଶାନ୍ତି ପୁରସ୍କାର ପାଇଁ ନିଜର ଇଚ୍ଛା ଜାହିର କରିଥିଲେ। ପୁରସ୍କାର ପାଇଁ ମାଚାଡୋଙ୍କ ନାମ ଘୋଷଣା କରାଯିବା ପରେ ଟ୍ରମ୍ପ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଟ୍ରମ୍ପଙ୍କ ଆଉ ଏକ ରୂପକୁ ବିଶ୍ୱ ଦେଖିଥିଲା।

## ଦିଲ୍ଲୀ ବାୟୁ ଗୁଣବତ୍ତା ବହୁତ ଖରାପ

ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ଦିଲ୍ଲୀରେ ଶୀତ ସ୍ଥିର ରହିଥିଲେ ମଧ୍ୟ ବାୟୁ ଗୁଣବତ୍ତା ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି। ଶୁକ୍ରବାର ସକାଳ ୭ଟାରେ ସାମଗ୍ରିକ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୪୬ ରେକର୍ଡ କରାଯାଇଥିଲା। ଏହାକୁ ଅତ୍ୟନ୍ତ ଖରାପ ବର୍ଗର ବୋଲି କୁହାଯାଇପାରେ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଦିଲ୍ଲୀର ଏକାଧିକ ଅଞ୍ଚଳରେ ଏକ୍ୟୁଆଇ ସ୍ତର ୩୦୦ ଉପରେ ରେକର୍ଡ କରାଯାଇଛି। ସକାଳ ୭ଟା ପର୍ଯ୍ୟନ୍ତ ସିପିସିବି ତଥ୍ୟ ଅନୁଯାୟୀ, ଆନନ୍ଦ ବିହାରରେ ଏକ୍ୟୁଆଇ ୩୫୪, ଆଶୋକ ବିହାରରେ ୩୬୭, ଆଇଟିଓରେ ୩୬୨ ଓ ଆରକେ ପୁରମ୍ରେ ୩୭୪ ରେକର୍ଡ କରାଯାଇଛି। ପାଟପରଗଞ୍ଜରେ ଏକ୍ୟୁଆଇ ୩୭୨, ୱାଜିରପୁରରେ ୩୭୪, ଚାନ୍ଦୀନୀ ଚୌକରେ ୩୭୦ ଓ ଦ୍ୱାରକା ସେକ୍ଟର-୮ରେ ୩୬୯ ରେକର୍ଡ କରାଯାଇଛି।

### ମୃତଦେହ ପଡ଼ିଥିବାବେଳେ ମରିଗଲା ମାନବିକତା

## ସହାୟତା ପରିବର୍ତ୍ତେ ମାଛ ବୋହିନେଲେ ଲୋକେ

ସୀତାମଢି, ୧୬।୧ (ଏଜେନ୍ସି): ନୈତିକ ଅଧୋପତନ ଏବଂ ମାନବିକତାକୁ ଲଜ୍ଜିତ କଲାଭଳି ଏକ ବିଚଳିତ ଘଟଣା ବିହାର ସୀତାମଢ଼ିର ଝଝିହାଟ ଗ୍ରାମ ନିକଟରୁ ସାମନାକୁ ଆସିଛି। ଏଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବାବେଳେ ସାଧାରଣ ଜନତାଙ୍କ ସମ୍ବେଦନହୀନ ମନୋବୃତ୍ତି ବିହାରକୁ ପୁଣି ଦେଶରେ ଲଜ୍ଜିତ କରିଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ସପ୍ତମ ଶ୍ରେଣୀ ଛାତ୍ରର ମୃତଦେହ ରାସ୍ତାରେ ପଡ଼ିଥିବାବେଳେ ଲୋକେ ଧକ୍କା ଦେଇ ଓଲଟି ପଡ଼ିଥିବା ଟ୍ରକରୁ ମାଛ ଲୁଟି ନେଇଛନ୍ତି। ରାସ୍ତାର ଗୋଟିଏ ପଟେ ପୀଡ଼ିତ ପରିବାର ପୁଅର ବିୟୋଗ ଦୁଃଖରେ ରାସ୍ତାରେ ବସି କାନ୍ଦୁଥିବାବେଳେ ଅନ୍ୟପଟେ ଆନର ସମ୍ପତ୍ତି ଲୁଟିବାର ଲୋଭ ନାଗରିକଙ୍କ ନୈତିକ ମୂଲ୍ୟବୋଧକୁ ବି ଭୁଲାଇ ଦେଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଛାତ୍ର ରିତେଶ କୁମାର ଓରଫ ଗୋଲୁ କୋଚିଂ ପାଇଁ ଯାଉଥିଲା। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ପିକ୍ଅପ ଟ୍ରକ ତାଙ୍କୁ ଧକ୍କା ଦେଇଥିଲେ। ଏହା ଏତେ ଭୟାବହ ଥିଲା ଯେ ଘଟଣାସ୍ଥଳରେ ଗୋଲୁ ପ୍ରାଣ ହରାଇଥିବାବେଳେ ଟ୍ରକ୍ଟି ଓଲିଟ ପଡ଼ିଥିଲା। ଏହି ଖବର ଶୁଣି ଗୋଲୁଙ୍କ ବାପା ସନ୍ତୋଷ ଦାସ ଏବଂ ପରିବାର ସଦସ୍ୟ ଘଟଣାସ୍ଥଳକୁ ପହଞ୍ଚି ଥିଲେ। ପୁଅକୁ ହରାଇବାର ଦୁଃଖରେ ମ୍ରିୟମାଣ ହୋଇ ପରିବାର ସଦସ୍ୟ ଶୋକରେ ବୁଡ଼ି ରହିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକଟି ଓଲଟି ପଡ଼ିବାରୁ ସେଥିରେ ଥିବା ମାଛ ଚାରିଆଡ଼େ ଖେଳାଇ ହୋଇ ପଡ଼ିଥିଲା। ଆଖପାଖରେ ଥିବା ଲୋକେ ଏହା ଦେଖି ପୀଡ଼ିତଙ୍କୁ ସହାୟତା କରିବା ପରିବର୍ତ୍ତେ ମାଛ ଲୁଟି ନେଇଥିଲେ। ଯିଏ ଯେଉଁଥିରେ ପାଇଲେ ମାଛ ବୋହି ନେଇ ଚାଲିଥିଲେ। କିଏ ଲୁଗାରେ ତ ଆଉ କିଏ ପିନ୍ଧିଥିବା ପୋଷାକରେ ମାଛ ନେଇ ପଳାଇ ଥିଲେ। ମାତ୍ର ପୀଡ଼ିତ ପରିବାରକୁ ଟିକିଏ ବି ଧ୍ୟାନ ଦେଇ ନ ଥିଲେ। କିଛି ସମୟ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଲୋକଙ୍କୁ ହଟାଇ ରିତେଶଙ୍କ ମୃତଦେହକୁ ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା। ଏବେ ମାମଲାର ତଦନ୍ତ ଜାରି ରହିଛି।

### ଇରାନକୁ ଆମେରିକା ରାଷ୍ଟ୍ରଦୂତଙ୍କ ଚେତାବନୀ

## 'ଟ୍ରମ୍ପ କଥା କୁହନ୍ତିନି; ସିଧା କାର୍ଯ୍ୟାନୁଷ୍ଠାନ ନିଅନ୍ତି'

ୱାଶିଂଟନ, ୧୬।୧(ଏଜେନ୍ସି): ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍ଏସସି) ଜରୁରୀକାଳୀନ ବୈଠକରେ ଆମେରିକା ଇରାନକୁ କଡ଼ା ବାର୍ତ୍ତା ଦେବା ସହ ଚେତାବନୀ ଦେଇଛି। ଆମେରିକୀୟ ରାଷ୍ଟ୍ରଦୂତ ମାଇକ୍ ୱାଲ୍ଜ କହିଛନ୍ତି ଯେ, ଇରାନରେ ଚାଲିଥିବା ଆନ୍ଦୋଳନ ତଥା ପ୍ରତିବାଦ ଉପରେ ନିଷ୍ଠୁର କାର୍ଯ୍ୟାନୁଷ୍ଠାନ ବନ୍ଦ ପାଇଁ ସମସ୍ତ ବିକଳ୍ପ ଖୋଲା ଅଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ସେ ଇରାନ ନାଗରିକଙ୍କ ସାହସିକତାକୁ ପ୍ରଶଂସା କରିଛନ୍ତି। ଇତିହାସରେ ପୂର୍ବରୁ ଇରାନୀମାନେ ଏତେ ପ୍ରଭାବୀ ଢଙ୍ଗରେ କେବେ ବି ସ୍ୱାଧୀନତା ଦାବି କରିନାହାନ୍ତି। ଟ୍ରମ୍ପ କଥା କୁହନ୍ତି ନାହିଁ, ସିଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ



କରିଥାନ୍ତି ବୋଲି ୱାଲ୍ଜ ସତର୍କ କରାଇ କହିଛନ୍ତି। ଏହିକ୍ରମରେ ସେ ଚେତାବନୀ ଦେଇ କହିଛନ୍ତି ଯେ, ଇରାନ ନେତୃତ୍ୱ ଜାଣି ରଖିବା ଉଚିତ ଯେ ଆମେରିକା ଇରାନରେ ଚାଲିଥିବା ନରସଂହାର ରୋକିବାକୁ ଯେକୌଣସି କଡ଼ା ପଦକ୍ଷେପ ନେଇପାରେ। ଅବଶ୍ୟ ୧୫ ସଦସ୍ୟ ବିଶିଷ୍ଟ ଜାତିସଂଘ ନିରାପତ୍ତା ପରିଷଦରେ ଇରାନ୍ ଉପ-ରାଷ୍ଟ୍ରଦୂତ ଘୋଲାମ ହୋସେନ ଦର୍ଜି ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଇରାନ ସଂଘର୍ଷ ଚାହୁଁନାହିଁ, କିନ୍ତୁ ଯଦି ଆମେରିକା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଇରାନ ଏହାର କଡ଼ା ଜବାବ ଦେବ।

ଏହି ବୈଠକରେ ୱାଲ୍ଜ ଇରାନ ସରକାରଙ୍କ କାର୍ଯ୍ୟକୁ ନିନ୍ଦା କରିଥିଲେ। ଇରାନରେ ଇଣ୍ଟରନେଟ୍ ବ୍ଲାକ୍ଆଉଟ୍ ହେବା କାରଣରୁ ଆନ୍ଦୋଳନକାରୀଙ୍କ ବିରୋଧରେ ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନର ପରିମାଣ ନିର୍ଣ୍ଣୟ କରିବା କଷ୍ଟକର ହୋଇଛି ବୋଲି ସେ କହିଛନ୍ତି। ଇରାନ ସରକାର ଜାନୁଆରୀ ୮ରୁ ସାରା ଦେଶରେ ଇଣ୍ଟରନେଟ୍ ପାଖାପାଖି ପୂରା ବନ୍ଦ କରିଦେଇଛନ୍ତି। ୱାଲ୍ଜ କହିଛନ୍ତି ଯେ, ଆନ୍ଦୋଳନକାରୀଙ୍କ ପଛରେ ବିଦେଶୀ ଶକ୍ତିର ହାତ ଥିବା ଇରାନ ସରକାର ଦାବି କରିଛନ୍ତି । ସରକାର ନିଜ ସରକାରଙ୍କୁ ଡରୁଛନ୍ତି ଓ ଅନ୍ୟ ମୁଣ୍ଡରେ ଦୋଷ ଲଦିବାକୁ ପ୍ରୟାସ କରୁଛନ୍ତି ବୋଲି ଏଥିରେ ସ୍ପଷ୍ଟ ହେଉଛି। ଟ୍ରମ୍ପ ଚାପ ପକାଇବା ଫଳରେ ଇରାନରେ ୮୦୦ ଲୋକଙ୍କୁ ଫାଶୀ ଦେବାର ପ୍ରକ୍ରିୟା ରୋକା ଯାଇଥିଲା। ମାନବାଧିକାର ସଂଗଠନଗୁଡିକ ଦେଇଥିବା ତଥ୍ୟ ଅନୁସାରେ, ଏପର୍ଯ୍ୟନ୍ତ ୩, ୪୨୮ ଆନ୍ଦୋଳନକାରୀଙ୍କୁ ହତ୍ୟା କରାଯାଇଛି ଓ ୧୮, ୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଛି। ସେପଟେ ଇରାନ ମାମଲାରେ ଆମେରିକା ହସ୍ତକ୍ଷେପ କରୁଛି ଓ ଏହା ଠିକ୍ ନୁହେଁ ବୋଲି ରୁଷିଆ କହିଛି। ଉଲ୍ଲେଖଥାଉ କି, ଡିସେମ୍ବର ୨୮ରୁ ଇରାନରେ ହିଂସ୍ରକ ଆନ୍ଦୋଳନ ଆରମ୍ଭ ହୋଇ ଏବେ ଉଗ୍ରରୂପ ଧାରଣ କରିଛି। ଦରଦାମ ବୃଦ୍ଧି, ଆର୍ଥିକ ସଙ୍କଟ, ବ୍ୟବସାୟୀଙ୍କ ଆନ୍ଦୋଳନ, ସରକାରଙ୍କ ବିରୋଧରେ ରୋଷ, ସରକାରଙ୍କ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଆମେରିକା, ଇସ୍ରାଏଲ ଭଳି ରାଷ୍ଟ୍ରଙ୍କ ହସ୍ତକ୍ଷେପ ଭଳି ବିଭିନ୍ନ କାରଣରୁ ଏହି ଆନ୍ଦୋଳନ ଦେଶରେ ନାହିଁ ନଥିବା ସ୍ଥିତି ସୃଷ୍ଟି କରିଛି।

### 'କୁନ୍ତୀଙ୍କୁ ଭେଟିବାର ଅଧିକାର କର୍ଣ୍ଣଙ୍କର ରହିଛି'

## ମା'ଙ୍କୁ ଖୋଜିବା ପାଇଁ ଭାରତରେ ନେଦରଲାଣ୍ଡ ମେୟର

ନୂଆଦିଲ୍ଲୀ, ୧୬।୧(ଏଜେନ୍ସି): ନିଜ ମା'ଙ୍କୁ ଖୋଜିବା ପାଇଁ ସୁଦୂର ୟୁରୋପୀୟ ଦେଶ ନେଦରଲାଣ୍ଡରୁ ଜଣେ ମେୟର ଭାରତ ଆସିଛନ୍ତି। ୪୧ ବର୍ଷ ପୂର୍ବେ ତାଙ୍କ ମା ତାଙ୍କୁ ଏକ ଆଶ୍ରୟସ୍ଥଳରେ ଛାଡ଼ି ଚାଲିଯାଇଥିଲେ। ୧୯୮୫ରେ, ଜଣେ ଅବିବାହିତ ମା ତାଙ୍କର ୩ ଦିନର ଶିଶୁକୁ ନାଗପୁରରେ ଏକ ଆଶ୍ରୟସ୍ଥଳରେ ପରିତ୍ୟାଗ କରିଥିଲେ। ଏହାର ଗୋଟିଏ ମାସି ପରେ ନେଦରଲାଣ୍ଡର ଏକ ଦମ୍ପତି ତାଙ୍କୁ ଗ୍ରହଣ କରି ନେଇ ଯାଇଥିଲେ। ଏବେ ଏହି ଘଟଣାକୁ ପାଖାପାଖି ୪ ଦଶନ୍ଧି ବିତି ଗଲାଣି। ୩ ଦିନର ସେହି ଶିଶୁ



ଏବେ ନେଦରଲାଣ୍ଡର ରାଜଧାନୀ ଆମଷ୍ଟରଡାମ ନିକଟବର୍ତ୍ତୀ ସହର ହିମଷ୍ଟେଡରର ମେୟର ହୋଇଛି। ତାଙ୍କ ନାମ ହେଉଛି ଫାଲଗୁନ୍ ବିନ୍ନେଣ୍ଡିଜକ୍। ଫାଲଗୁନ୍ ଏବେ ତାଙ୍କ ମାଙ୍କୁ ଖୋଜି ପାଇବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ସେ ୨୦୨୫ ଡିସେମ୍ବରରେ ଶେଷଥର ପାଇଁ ଭାରତ ଆସିଥିଲେ। ଫାଲଗୁନ୍ କହିଛନ୍ତି ଯେ, ମୁଁ ମହାଭାରତ ପଢ଼ିଛି। ସେ ନିଜ ଜୀବନର ଏହି ଯାତ୍ରାକୁ ମହାଭାରତର 'କର୍ଣ୍ଣ ଓ କୁନ୍ତୀ'ଙ୍କ କାହାଣୀ ସହ ତୁଳନା କରିଛନ୍ତି।

ମୋତେ ଲଗୁଛି ଯେ, ସବୁ କର୍ଣ୍ଣଙ୍କୁ ତାଙ୍କ ମା କୁନ୍ତୀଙ୍କୁ ଦେଖିବା ଓ ସାକ୍ଷାତ କରିବାର ଅଧିକାର ରହିଛି। ନିଜ ମାଙ୍କୁ ଥରେ ମାତ୍ର ଦେଖିବାକୁ ଚାହୁଁଛି ଓ ତାଙ୍କ କହିବାକୁ ଚାହୁଁଛି ଯେ, ମୋତେ ବହୁତ ଭଲ ପାଇବାର ସହ ବଡ଼ କରାଯାଇଛି। ୧୯୮୫ ଫେବୃଆରୀ ୧୦ରେ ଫାଲଗୁନ୍ଙ୍କ ଜନ୍ମ ହୋଇଥିଲା। ମା ତାଙ୍କୁ ନାଗପୁରର 'ମାତୃ ସେବା ସଂଘ' ନାମକ ଏକ ଆଶ୍ରୟ ସ୍ଥଳରେ ଛାଡି ଚାଲିଯାଇଥିଲେ। ଆଶ୍ରୟସ୍ଥଳର ନର୍ସ ତାଙ୍କ ନାମ ଫାଲଗୁନ ରଖିଥିଲେ। ଫାଲଗୁନ ୨୦୨୫ରେ ୩ଥର ଭାରତ ଆସିଛନ୍ତି। ଏହି ନର୍ସଙ୍କୁ ଏବେ ଫାଲଗୁନ ଭେଟିଛନ୍ତି। ବଦନାମ ଓ ସମାଜ ଡରରେ ମା' ତାଙ୍କୁ ଆଶ୍ରୟସ୍ଥଳରେ ଛାଡି ଯାଇଥିଲେ। ୨୦୦୬ରେ ସେ ଭାରତ ଆସି ନିଜ ମାଙ୍କୁ ଖୋଜି ପାଇବା ପାଇଁ କେତୋଟି ଏନ୍ଜିଓ, ପୌର ପାଳିକା ଓ ପୁଲିସର ସାହଯ୍ୟ ଲୋଡିଛନ୍ତି। ଏଥର ନହେଲେ ସେ ପୁଣି ଥରେ ନାଗପୁର ଆସି ନିଜ ମାଙ୍କୁ ଖୋଜିବାକୁ ଚେଷ୍ଟା କରିବେ ବୋଲି ଫାଲଗୁନ କହିଛନ୍ତି।

## ସମ୍ପତ୍ତି ତାଲିକା ନ ଦେବାରୁ ୩ ମନ୍ତ୍ରୀ, ୨୯ ସାଂସଦ ନିଲମ୍ବିତ

ଇସଲାମାବାଦ, ୧୬।୧ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ନିଆରା ଉଦାହରଣ ସୃଷ୍ଟି କରିଛି। ଏହି ଦେଶର ନିର୍ବାଚନ କମିଶନ (ପିଇସି) ୩ ମନ୍ତ୍ରୀ ଏବଂ ୨୯ ସାଂସଦଙ୍କ ସମେତ ୧୫୨ ବିଧାୟକଙ୍କ ସଦସ୍ୟତା ନିଲମ୍ବନ କରିଦେଇଛନ୍ତି। ସମ୍ପତ୍ତି ବିବରଣୀ ଦେଇ ନ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପାକିସ୍ତାନରେ ପ୍ରତ୍ୟେକ ବର୍ଷ ସାଂସଦଙ୍କୁ ନିଜ ସମ୍ପତ୍ତି ବିବରଣୀ ଦେବାର ନିୟମ ରହିଛି। ଏହାକୁ ଉଲ୍ଲଙ୍ଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି। ପ୍ରଥମ ଥର ପାଇଁ ଏହି ମାମଲାରେ ଏତେ ସାଂସଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପିଇସିଙ୍କ ପକ୍ଷରୁ କୁହାଯାଇଛି ଯେ ମନ୍ତ୍ରୀ ଖାଲିଦ ମକବୁଲ ସିଦ୍ଦିକି, ସୈଦ ଅଲି ମୁସା ଗିଲାନୀ, ସୈଦ ଅବଦୁଲ କାଦିର ଗିଲାନିଙ୍କ ସମେତ ୨୯ ସାଂସଦ ଏବଂ ପଞ୍ଜାବ ବିଧାନପରିଷଦର ୫୨ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି। ଏହି ସଦସ୍ୟଙ୍କୁ ନିଜ ପକ୍ଷ ରଖିବାକୁ ସୁଯୋଗ ଦିଆଯିବ। ଯଦି ଧାର୍ଯ୍ୟ ସମୟ ପୂର୍ବରୁ ସମ୍ପତ୍ତି ବିବରଣୀ ନ ଦେବେ ତେବେ ସଦସ୍ୟତା ରଦ୍ଦ କରିଦିଆଯିବ। ଦୁର୍ନୀତିକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ପାକିସ୍ତାନ ସରକାରଙ୍କ ପକ୍ଷରୁ କୁହାଯାଇଛି।

## ପୁଲୱାମାରେ ତାପମାତ୍ରା ବିୟୁକ୍ତ ୪.୬

ନୂଆଦିଲ୍ଲୀ, ୧୬।୧(ଏଜେନ୍ସି): ଉତ୍ତର ଭାରତରେ ପ୍ରବଳ ଥଣ୍ଡା ଓ ଶୀତ ଲହର ଜାରି ରହିଛି। ଜମ୍ମୁ-କଶ୍ମୀରର ପୁଲୱାମାରେ ଗୁରୁବାର ରାତିରେ ଚଳିତ ଶୀତଋତୁରେ ସବୁଠାରୁ ଥଣ୍ଡା ଅନୁଭୂତ ହୋଇଥିଲା।ଏଠାରେ ତାପମାତ୍ରା ବିୟୁକ୍ତ ୪.୬ ଡ୍ରିଗୀ ସେଲସିୟସ ଥିଲା। ସେହିପରି ହରିୟାଣା ହିସାରରେ ଶୀତ ଦୁଇବର୍ଷର ରେକର୍ଡ ଭାଙ୍ଗି ତାପମାତ୍ରା ସର୍ବନିମ୍ନ ୦.୨ ଡିଗ୍ରୀ ରହିଛି। ଅନ୍ୟପଟେ ଉତ୍ତରପ୍ରଦେଶର ୩୫ଟି ଜିଲ୍ଲାରେ ଘନ କୁହୁଡ଼ି ଛାଇ ରହିଥିଲା। ଏହି ଦୁର୍ଘଟଣାଗୁଡିକରେ ୨୪ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ଏଥିରେ ଜଣେ ଲୋକ ମୃତ୍ୟୁବରଣ କରିଥିବା ବେଳେ ୪୦ ଜଣ ଆହତ ହୋଇଥିଲେ। କୁହୁଡି କାରଣରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପଞ୍ଜାବ ଜଳନ୍ଧର ଗସ୍ତ ବାତିଲ ହୋଇଛି। ଅମୃତସରରୁ ତାଙ୍କ ବିମାନ ଉଡ଼ାଣ ଭରିପାରି ନଥିଲା। ସେ ଏନ୍ଆଇଟି ଜଳନ୍ଧରର ସମାବର୍ତ୍ତନ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା।

# ଆଫଗାନରେ ରୁଢ଼ିବାଦ ବନାମ ଆଧୁନିକତା; ଭୁଶୁଡ଼ିବ ତାଲିବାନ ସରକାର!

କାବୁଲ, ୧୬।୧(ଏଜେନ୍ସି): ଆଫଗାନିସ୍ତାନରେ କ୍ଷମତାସୀନ ତାଲିବାନ ସରକାର ଭୁଶୁଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ତାଲିବାନ ମଧ୍ୟରେ ଏକ ବଡ଼ ବିଭାଜନ ଦେଖା ଦେଇଛି। ସରକାରରେ କ୍ଷମତାକୁ ନେଇ ସଂଘର୍ଷ ସୃଷ୍ଟି ହୋଇଛି। ସର୍ବୋଚ୍ଚ ନେତା ହିବତୁଲ୍ଲା ଅଖୁନ୍ଦଜାଦା ଓ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନୀଙ୍କ ମଧ୍ୟରେ ଥିବା ମତଭେଦ ଏବେ ପଦାରେ ପଡ଼ିଛି। ଦେଶରେ ଇଣ୍ଟରନେଟ୍କୁ ନିଷିଦ୍ଧ କରିବାରୁ ବିଦ୍ରୋହ ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଏବେ ଏହି ମତଭେଦ ତୀବ୍ର ହେବା ସହ ସାର୍ବଜନୀନ ହୋଇଛି। ଗତ ସେପ୍ଟେମ୍ବରରେ ଅଖୁନ୍ଦଜାଦା ସମଗ୍ର ଦେଶରେ ଇଣ୍ଟରନେଟ ନିଷିଦ୍ଧ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ କାବୁଲରେ ଥିବା ହକ୍କାନୀ ଗୋଷ୍ଠୀ ଏହି ନିର୍ଦ୍ଦେଶକୁ ନମାନି ୩ ଦିନ ପରେ ହିଁ ଇଣ୍ଟରନେଟ ସେବା ପୁନଃସ୍ଥାପିତ



କରିଥିଲେ। ଏହାକୁ ଏକ ଆଭ୍ୟନ୍ତରୀଣ ବିଦ୍ରୋହ ଭାବେ ଦେଖାଯାଉଛି। ପୁଣି ଏବେ ତାଲିବାନ ଦୁଇଟି ଭାଗରେ ଯଥା କାବୁଲ ଓ କାନ୍ଦାହାର ଗୋଷ୍ଠୀରେ ବିଭକ୍ତ ହୋଇଛି। କାନ୍ଦାହରରୁ ଅଖୁନ୍ଦଜାଦା କଠୋର ଇସ୍ଲାମିକ ନିୟମ ଓ ପୃଥକୀକରଣ ଚାହୁଁଥିବା ବେଳେ କାବୁଲର ହକ୍କାନୀ ଓ ପ୍ରତିରକ୍ଷା ମନ୍ତ୍ରୀ ମୁଲ୍ଲା ୟାକୁବ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଓ ଅର୍ଥନୈତିକ ସମ୍ପର୍କ ରଖିବା ସପକ୍ଷରେ ଅଛନ୍ତି। ଏକ ଲିକ୍ ହୋଇଥିବା ଭିଡିଓରେ ମତପାର୍ଥକ୍ୟ ନେଇ ପ୍ରମାଣ ମିଳିଛି। ଏଥିରେ ଅଖୁନ୍ଦଜାଦା ସତର୍କ କରାଇଛନ୍ତି ଯେ, କନ୍ଦଳ ଯୋଗୁଁ ତାଲିବାନ ଶାସନ ଭୁଶୁଡ଼ି ଯାଇପାରେ। ଇଣ୍ଟରନେଟ ବ୍ୟାନ କଲେ ଶାସନ ପରିଚାଳନ ଅସମ୍ଭବ ବୋଲି ହକ୍କାନୀ କହିଛନ୍ତି। ଏହି ମତ ପାର୍ଥକ୍ୟ ଦୂର ନହେଲେ ତାଲିବାନ ଶାସନ ଭୁଶୁଡିବା ନିଶ୍ଚିତ ବୋଲି କୁହାଯାଉଛି।

### ୟୁପିଏ ଅମଳର ଆଉ ୨ଟି ଆଇନ୍ ବଦଳିବ

## ଶିକ୍ଷା ଅଧିକାର, ଖାଦ୍ୟ ସୁରକ୍ଷା ଆଇନରେ ସଂସ୍କାର ପାଇଁ ପ୍ରସ୍ତୁତି

ନୂଆଦିଲ୍ଲୀ, ୧୬।୧(ଏଜେନ୍ସି): ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ପୂର୍ବର ୟୁପିଏ ସରକାରଙ୍କ କାର୍ଯ୍ୟକାଳରେ ପ୍ରଣୀତ ଦୁଇଟି ପ୍ରମୁଖ ଆଇନରେ ପରିବର୍ତ୍ତନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ଦୁଇଟି ଆଇନ୍ ହେଲା ଶିକ୍ଷା ଅଧିକାର ଓ ଖାଦ୍ୟ ସୁରକ୍ଷା ଅଧିକାର ଆଇନ୍। ଏଥିରେ ସଂସ୍କାର ଆଣିବାକୁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ଯୋଜନାଗୁଡ଼ିକର ଲୋକ ସଠିକ୍ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ଓ ସମସ୍ତ ହିତାଧିକାରୀ ପଞ୍ଜିକୃତ ହେବା ନେଇ ସରକାର ନିଶ୍ଚିତ ହେବାକୁ ଚାହୁଁଛନ୍ତି। ଏହିକ୍ରମରେ ସରକାର ପ୍ରଥମେ ନିୟମ ଓ ନିର୍ଦ୍ଦେଶ ମାଧ୍ୟମରେ ସଂସ୍କାର କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବେ। ଯଦି ଏହା ବିଫଳ ହୁଏ, ତେବେ ନୂତନ ବିଲ୍ ସଂସଦରେ ଆଗତ କରାଯାଇପାରେ। ପୁଣି ସରକାର ଘର ପାଇବାର ଅଧିକାରକୁ ଏକ ଆଇନଗତ ଅଧିକାର କରିବାକୁ ମଧ୍ୟ ବିଚାର କରୁଛନ୍ତି।

## ୧୫ ସାଂଗଠନିକ ଜିଲ୍ଲା ପାଇଁ ବ୍ଲକ ଓ ନଗର ସଭାପତି ବାଛିଲା ବିଜେଡି

ଭୁବନେଶ୍ୱର,୧୬ ।୧(ସମିସ): ରାଜ୍ୟରେ ୧୫ଟି ସାଙ୍ଗଠନିକ ଜିଲ୍ଲା ପାଇଁ ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା କରିଛି ବିଜେଡି। ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଆଜି ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏହି ୧୫ଟି ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ୧୨୬ ବ୍ଲକ୍ ସଭାପତି ଓ ୪୧ନଗର ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଏହି ୧୫ଟି ସାଙ୍ଗଠନିକ ଜିଲ୍ଲା ମଧ୍ୟରେ ବୌଦ୍ଧ, ବରଗଡ଼, କଟକ, ଦେବଗଡ଼, ଗଜପତି, ଜଗତସିଂହପୁର, ଝାରସୁଗୁଡ଼ା, କନ୍ଧମାଳ, କୋରାପୁଟ, ନୟାଗଡ଼, ନୂଆପଡ଼ା, ରାଉରକେଲା, ରାୟଗଡ଼ା, ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ରହିଛି।

ପୂର୍ବରୁ ୯ଟି ସାଙ୍ଗଠନିକ ଜିଲ୍ଲାର ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ଆଜିର ଘୋଷଣା ସହ ମୋଟ ୨୪ଟି ସାଙ୍ଗଠନିକ ଜିଲ୍ଲାର ବ୍ଲକ୍ ଓ ନଗର ସଭାପତିଙ୍କ ନାମ ଘୋଷଣା ସମ୍ପୂର୍ଣ୍ଣ ହୋଇଛି। ଏହି ସାଙ୍ଗଠନିକ ନିଯୁକ୍ତି ପ୍ରକ୍ରିୟା ଦଳର ତୃଣମୂଳସ୍ତରର ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବ। ନବନିଯୁକ୍ତ ବ୍ଲକ୍ ଓ ନଗର ସଭାପତିମାନେ ଦଳୀୟ ସଂଗଠନକୁ ଶକ୍ତିଶାଳୀ କରିବା ସହ ବିଜୁ ଜନତା ଦଳର ଦୃଷ୍ଟିକୋଣ ଓ ନୀତିକୁ ସାଧାରଣଲୋକଙ୍କ ନିକଟକୁ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଦଳ କହିଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସାଙ୍ଗଠନିକ ଶିଷ୍ଟାଚାର, ତୃଣମୂଳ ସଶକ୍ତୀକରଣ ଓ ଓଡ଼ିଶାର ଜନସାଧାରଣଙ୍କ ସେବା ପ୍ରତି ଦୃଢ଼ ପ୍ରତିବଦ୍ଧ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଅପରେଶନ 'ଭାଇନା'

# ଜିଲ୍ଲା ସଭାପତିଙ୍କ କାନ୍ଧରେ 'ଅପା'ଙ୍କ ବନ୍ଧୁକ!

ପୁରୀ,୧୬।୧(ସମିସ): ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଦଳ ବଦଳ କରିବାର କିଛିମାସ ପରେ ନିମାପଡ଼ା ବିଜେପିରେ ଆରମ୍ଭ ହୋଇଥିଲା ଦଳୀୟ କନ୍ଦଳ। ନିର୍ବାଚନ ସମୟରେ ପ୍ରଭାତୀ ଆବଶ୍ୟକତା ଦୃଷ୍ଟିରୁ ସମୀରଙ୍କ ପ୍ରତି ଆନୁଗତ୍ୟ ଦେଖାଇଥିଲେ ହେଁ ଉପମୁଖ୍ୟମନ୍ତ୍ରୀ ପଦ ମିଳିବା ପରେ ସେଥିରେ କଳଙ୍କି ଲାଗିଗଲା। ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ସହ କନ୍ଦଳ ବି ବଢ଼ିଲା। ଯଥାସମ୍ଭବ ଉଭୟେ ଏହାକୁ ପରଦା ଆଢୁଆଳରେ ରଖିବାକୁ ଚେଷ୍ଟା କରୁଥିଲେ। ହେଲେ ବିଭିନ୍ନ କାର୍ଯ୍ୟକ୍ରମ ସେମାନଙ୍କ ତିକ୍ତତାକୁ ପଦାରେ ପକାଇ ଦେଉଥିଲା। କୌଣସି କାର୍ଯ୍ୟକ୍ରମରେ ଦୁଇଜଣ ଅତିଥି ହେଉଥିଲେ ସେଠାରେ କେବଳ ଜଣଙ୍କୁ ହିଁ ଦେଖିବାକୁ ମିଳୁଥିଲା। ଏପରିକି ମଞ୍ଚରେ କେହି କାହାରି ଉପସ୍ଥିତି ଚାହୁଁ ନ ଥିଲେ। ନିର୍ବାଚନମଣ୍ଡଳୀରେ କୌଣସି କାର୍ଯ୍ୟକ୍ରମ କିମ୍ବା ରାଲି ସମାନ୍ତରାଳ ଭାବେ ଆୟୋଜନ କରି ସେମାନଙ୍କ ଭିତରେ ଶୀତଳ ନୁହେଁ, ସମ୍ମୁଖ ଯୁଦ୍ଧ ଚାଲିଥିବାର ଆଭାସ ବି ଦେଉଥିଲେ। ବିଜେପିର ବର୍ଷ ପୂର୍ତ୍ତି ଅବସରରେ ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତାକୁ ସମାଲୋଚନା କରି ଅସନ୍ତୁଷ୍ଟ ରାଜ୍ୟ ନେତୃତ୍ୱଙ୍କୁ ଇସାରା ଦେଇଥିଲେ ସମୀର। ଯଦିଓ ପଦ ପଦବୀକୁ ନେଇ ଅପା ଚୁପ୍ ରହିବାକୁ ବାଧ ହେଉଥିଲେ, କିନ୍ତୁ ଭାଇନା ଥିଲେ ଲଗାମ୍‌ଛଡ଼ା। ତେଣୁ ମଝିରେ ମଝିରେ ଆକ୍ଷେପ ପ୍ରତିଆକ୍ଷେପର ରୋଚକ ଖବର ପଦାକୁ ଆସୁଥିବା ବେଳେ ଏବେ ସମୀର ନିଜେ ଲୋକଙ୍କ ଅଭିଯୋଗ ଶୁଣିବାକୁ ଆଉ ହଜମ କରିପାରୁନାହାନ୍ତି ଅପା। ତେଣୁ ଜିଲ୍ଲା ସଭାପତିଙ୍କ କାନ୍ଧରେ ବନ୍ଧୁକ ରଖି ଭାଇନାଙ୍କୁ ଶିକାର କରିବାକୁ ଅପା ଆରମ୍ଭ କରିଛନ୍ତି ଗୋଟି ଚାଳନା।

ନିକଟରେ ସମୀର ନିମାପଡ଼ା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସମସ୍ୟା ଶୁଣିବା ପାଇଁ ସପ୍ତାହର ଦୁଇଦିନ ଧାର୍ଯ୍ୟ କରିଛନ୍ତି। ଏହାକୁ ନେଇ ଜିଲ୍ଲା ବିଜେପି ସଭାପତି ଡା. ଦେବେନ୍ଦ୍ର ତରାଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବିଜେପି ଏକ ସାଙ୍ଗଠନିକ ବ୍ୟବସ୍ଥାର ପାର୍ଟି। ଯିଏ ଯେତେ ଉଚ୍ଚରେ ଥାନ୍ତୁ ସାଙ୍ଗଠନିକ ବ୍ୟବସ୍ଥା ବାହାରେ କେହି କିଛି କରିପାରିବେ ନାହିଁ। ସମୀର ଦାଶ ପୂର୍ବତନ ମନ୍ତ୍ରୀ ହୋଇପାରନ୍ତି; କିନ୍ତୁ ସେ ବିଜେପିରେ ଯୋଗଦାନ ପରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ବିଶୃଙ୍ଖଳିତ ଆଚରଣ କରୁଛନ୍ତି। ଏଥିପାଇଁ ଜିଲ୍ଲା ପକ୍ଷରୁ ତାଙ୍କୁ ଦୁଇଥର ତାଗିଦ୍ କରାଯିବା ସହିତ ଲିଖିତ

**ଶାଳୀନତା ନ ରଖିଲେ କାର୍ଯ୍ୟାନୁଷ୍ଠାନ ଧମକ ଦେଲେ ଦେବେନ୍ଦ୍ର**

ଭାବେ ଜଣାଇ ଦିଆଯାଇଛି। ନିଜକୁ ନିମାପଡ଼ାର ନେତା କହୁଥିବା ସମୀର ଦାଶ ଯଦି ଏହି ଅଳ୍ପଦିନ ମଧ୍ୟରେ ତାଙ୍କ କାର୍ଯ୍ୟକ୍ରମରେ ଶାଳୀନତା ନ ରଖନ୍ତି ତା' ହେଲେ ଜିଲ୍ଲାର ଦାୟିତ୍ୱ କ୍ରମରେ ରାଜ୍ୟ ସଙ୍ଗଠନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବ। ପୂର୍ବରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ତରଫରୁ ରାଜ୍ୟ ସହ ପରାମର୍ଶ ହୋଇଥିଲା। ହେଲେ ସେ କୌଣସି କାର୍ଯ୍ୟକ୍ରମ ବିଶୃଙ୍ଖଳିତ ଭାବେ କରିବେ ନାହିଁ ବୋଲି ରାଜ୍ୟ ନେତୃତ୍ୱଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦେଖୁଛୁ ସେ ବାରମ୍ବାର ବିଶୃଙ୍ଖଳିତ କାର୍ଯ୍ୟକ୍ରମ କରୁଛନ୍ତି। ଯଦି ସେ ଶାଳୀନତା ଭିତ୍ତିରେ କାର୍ଯ୍ୟକ୍ରମ ନ କରନ୍ତି ନିଶ୍ଚିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ। ବିଧି ବ୍ୟବସ୍ଥାରେ ଅଭିଯୋଗ ଶୁଣିବାର ଅଧିକାର ତାଙ୍କର ଆଦୌ ନାହିଁ। ଆମର ମଣ୍ଡଳ ସଭାପତି, ଜିଲ୍ଲା ସଭାପତି ଏବଂ ସାଙ୍ଗଠନିକ ବ୍ୟବସ୍ଥାରେ ଥିବା ବ୍ୟକ୍ତି ଅଭିଯୋଗ ଗ୍ରହଣ କରିପାରିବେ। ସାଙ୍ଗଠନିକ ବ୍ୟବସ୍ଥାରେ ନ ଥିବା ବ୍ୟକ୍ତିଙ୍କୁ ଏ ଅଧିକାର ଦେଲା କିଏ? ସେ କେବଳ ଛଳନାପୂର୍ଣ୍ଣ କାର୍ଯ୍ୟକ୍ରମ କରୁଛନ୍ତି। ନିମାପଡ଼ାର ବିଧାୟକ ପ୍ରଭାତୀ ପରିଡ଼ା ଏବେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ। ତାଙ୍କ ନେତୃତ୍ୱରେ ନିମାପଡ଼ାରେ ସଙ୍ଗଠନ ଦୃଢ ଭାବେ ଚାଲିଛି। ସମୀର ଦାଶ ଅଭିଯୋଗ ଶୁଣାଣି କରିବା ପରେ କାହାକୁ କହିବେ? ସରକାରଙ୍କର ମୁଖ୍ୟ ଲୋକ ସେଠାରେ ନେତ୍ରୀ ଅଛନ୍ତି ବୋଲି କହିଛନ୍ତି ଜିଲ୍ଲା ବିଜେପି ସଭାପତି।

ସମୀରଙ୍କୁ ଇଙ୍ଗିତ କରି ଜିଲ୍ଲା ସଭାପତି ଆହୁରି କହିଛନ୍ତି, ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଇ ନାହିଁ। ଲୋକଙ୍କଠାରୁ ଅଭିଯୋଗ ଶୁଣିବାକୁ ତାଙ୍କୁ କେହି କହିନାହାନ୍ତି। ସେ ତାଙ୍କର ବ୍ୟକ୍ତିଗତ ଭାବେ କରୁଥାଇପାରନ୍ତି। ମୁଁ ସଭାପତି ହେବା ପରେ ମୋର କୌଣସି ସାଙ୍ଗଠନିକ ବୈଠକ ବା କାର୍ଯ୍ୟକ୍ରମରେ ସେ ସାମିଲ ହୋଇନାହାନ୍ତି। ସେ ବିଜେପିର ପ୍ରବକ୍ତା ଭାବେ ରାଜ୍ୟ ଦାୟିତ୍ୱରେ ଅଛନ୍ତି ବୋଲି କହୁଛନ୍ତି। ହେଲେ ମୋତେ ଲାଗୁଛି ସେ ଜଣେ ପ୍ରବକ୍ତାର କାର୍ଯ୍ୟକ୍ରମ କରୁନାହାନ୍ତି, ପାଗଳାମୀର କାର୍ଯ୍ୟକ୍ରମ କରୁଛନ୍ତି ବୋଲି କହିଛନ୍ତି ଜିଲ୍ଲା ସଭାପତି ଡାକ୍ତର ତରାଇ। ଜିଲ୍ଲା ସଭାପତିଙ୍କ ଏଭଳି ମନ୍ତବ୍ୟ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ତଥା ନିମାପଡ଼ାର ଭାଇନା ସମୀର ଦାଶଙ୍କୁ ପଚାରିବାରେ ସେ କହିଛନ୍ତି, 'ମୋ ପାଖକୁ କୌଣସି ନୋଟିସ୍ ଆସିନାହିଁ। ଭିଡିଓରେ ଜିଲ୍ଲା ସଭାପତିଙ୍କ କଥା ଶୁଣିଛି। ହେଲେ ନୋଟିସ୍ କଥା ମିଛ। ସେ କହିବା କଥା କହି ଦେଇଛନ୍ତି। ରାଜ୍ୟ ନେତୃତ୍ୱଙ୍କୁ ମୁଁ ମୋ କଥା କହିଛି। ସେମାନେ ମୋତେ ଡାକି କଥା ହେବେ ବୋଲି କହିଛନ୍ତି'।

## ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ନିଲମ୍ବନ କଲା ବିଜେଡି

ଭୁବନେଶ୍ୱର,୧୬ ।୧(ସମିସ): ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ଦଳରୁ ନିଲମ୍ବନ କରିଛି ବିଜେଡି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ପ୍ରକାଶିତ ଏକ ବିଜ୍ଞପ୍ତିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନାଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳଙ୍କୁ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବିତ କରାଯାଇଛି ବୋଲି ଦଳର ବରିଷ୍ଠ ଉପସଭାପତି ପ୍ରତାପ ଜେନା ସୂଚନା ଦେଇଛନ୍ତି। ଉଭୟଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରାଯାଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

# ପୁଣି ରାଜଧାନୀରେ ବନ୍ଧୁକ ବେପାର

ଭୁବନେଶ୍ୱର, ୧୬।୧(ସମିସ): ପୁଣି ଜଣେ ବନ୍ଧୁକ ବେପାରୀକୁ ଗିରଫ କରିଛି ଭୁବନେଶ୍ୱର କମିସନରେଟ୍ ପୁଲିସ। ସେ ହେଲା, ଯାଜପୁର ଜିଲ୍ଲାର ବିଞ୍ଝାରପୁର ଥାନା ବୋଡୁଆ ଗ୍ରାମର ମନୋଜ କୁମାର ମଲ୍ଲିକ ଓରଫ୍ ପପୁ। ତା'ଠାରୁ ପୁଲିସ ୬ଟି ସେମି ଅଟୋ-ମେଟେଡ୍ ପିସ୍ତଲ୍, ୧୦ ରାଉଣ୍ଡ ଗୁଳି, ୬ଟି ମାଗାଜିନ୍, ଗୋଟିଏ ମୋବାଇଲ୍ ଓ ବାଇକ୍ ଜବତ କରିଛି। ଗୁରୁବାର ରାତି ପ୍ରାୟ ୨ଟାରେ ପୁଲିସ୍ ଗ୍ରାହକ ବେଶରେ ତାକୁ ଚନ୍ଦକା ଅଞ୍ଚଳରୁ ଗିରଫ କରିଛି। ମନୋଜ ବିରୋଧରେ ପୂର୍ବରୁ ଏକ ଦୁଷ୍କର୍ମ ମାମଲା ରହିଛି ବୋଲି ପୁଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି।



ଅଭିଯୁକ୍ତ ଗିରଫ, ୬ ପିସ୍ତଲ୍, ୧୦ ଗୁଳି ଜବତ

୬ ମାସରେ ଜବତ ହେଲାଣି ୩୪ ବନ୍ଧୁକ

ସୂଚନାନୁଯାୟୀ, ମନୋଜ ରାଜଧାନୀରେ ବନ୍ଧୁକ କାରବାର କରୁଛି ବୋଲି ସ୍ପେଶାଲ କ୍ରାଇମ୍ ୟୁନିଟ୍‌କୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ତାକୁ ଧରିବାକୁ ପୁଲିସ ଅଭିଯାନ ଆରମ୍ଭ କରିଥିଲା। ଗ୍ରାହକ ବେଶରେ ତା' ସହ ଯୋଗାଯୋଗ କରି ବନ୍ଧୁକ କିଣିବାକୁ ମୂଲଚାଲ କରିଥିଲା। ମୂଲଚାଲ କରୁଥିବା ପୁଲିସ ଅଧିକାରୀଜଣଙ୍କ ମନୋଜକୁ ବାରମ୍ବାର ଭରସା ଦେଇଥିଲେ ଯେ ବନ୍ଧୁକର ନିହାତି ଆବଶ୍ୟକତା ରହିଛି। ବନ୍ଧୁକ ନ ମିଳିଲେ, ବିରୋଧୀ ଗୋଷ୍ଠୀଙ୍କୁ ଚେକ୍ ଦେଇ ହେବ ନାହିଁ। ଏହା ଶୁଣି ମନୋଜ ଲୋଭରେ ପଡ଼ି ଯାଇଥିଲା ଓ ବଡ଼ ମାଛ ହାତରେ ଲାଗିଛି ଭାବି ୬ଟି ବନ୍ଧୁକ ବିକିବାକୁ ରାଜି ହୋଇଯାଇଥିଲା। ସେ ଚନ୍ଦକାସ୍ଥିତ କୁଜିମହଲ ଖେଳପଡ଼ିଆରେ ବନ୍ଧୁକ ବିକିବାକୁ ଅପେକ୍ଷା କରିଥିବା ବେଳେ ପୁଲିସ ତାକୁ ମାଡ଼ି ବସିଥିଲା।

ମନୋଜ ବିହାରୀ ବନ୍ଧୁକ ବେପାରୀ ଗ୍ୟାଙ୍ଗ୍‌ର ସଦସ୍ୟ ବୋଲି ପୁଲିସ ଜାଣିବାକୁ ପାଇଛି। ବିଗତ ଦିନରେ ସେ ଭୁବନେଶ୍ୱରରେ ବହୁ ବନ୍ଧୁକ ବିକ୍ରି କିରଛି। ବିହାରୀ ବନ୍ଧୁକ କାରବାର ଲିଙ୍କ୍‌ରେ ପୁଲିସ ଦ୍ୱାରା ଗିରଫ ହୋଇଥିବା ଏକାଧିକ ଅଭିଯୁକ୍ତ ମନୋଜ ନାଁ ନେଇଥିଲେ ହେଁ ପୁଲିସ ତାକୁ ଠାବ କରିପାରୁନଥିଲା। କିନ୍ତୁ ଏକ ବିଶ୍ୱସ୍ତ ସୂତ୍ରରୁ ପୁଲିସ ମନୋଜକୁ ଟ୍ରାକ୍ କରିଥିଲା। ଉଲ୍ଲେଖଯୋଗ୍ୟ, ଗତ ୬ ମାସ ମଧ୍ୟରେ କମିସନରେଟ୍ ପୁଲିସ ୩୪ ବନ୍ଧୁକ ଜବତ କରିବା ସହ ଅନେକଙ୍କୁ ଗିରଫ କରିଛି। ଏହା ସତ୍ତ୍ୱେ ବନ୍ଧୁକ ବେପାର ଉପରେ ରୋକ୍ ଲାଗି ପାରୁନାହିଁ। ଏହା ପୁଲିସର ଚିନ୍ତା ବଢ଼ାଇ ଦେଇଛି।

## ନିପା ଭାଇରସ୍ ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬ ।୧(ସମିସ): ପଶ୍ଚିମବଙ୍ଗରେ ନିପା ଭାଇରସ ଚିହ୍ନଟ ହେବା ପରେ ଓଡ଼ିଶାରେ ପ୍ରତିରୋଧମୂଳକ ବୈଠକ କରାଯାଇଛି। ବର୍ତ୍ତମାନ ରାଜ୍ୟରେ କୌଣସି ନିପା ଭାଇରସର ସନ୍ଦିଗ୍ଧ କେସ ଚିହ୍ନଟ ହୋଇନାହିଁ। ରାଜ୍ୟ ସରକାର ସଂପୂର୍ଣ୍ଣ ସତର୍କତା ଅବଲମ୍ବନ କରୁଛନ୍ତି ଏବଂ ସ୍ୱାସ୍ଥ୍ୟ ବିଭାଗ ସଂପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ରାଜ୍ୟରେ ନିପା ଭାଇରସ ସମ୍ପର୍କିତ ସ୍ଥିତି ଓ ପ୍ରତିରୋଧମୂଳକ ପ୍ରସ୍ତୁତିକୁ ନେଇ ଶୁକ୍ରବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର , ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ଗୁରୁ, ମେଡିକାଲ୍ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ରାଜ୍ୟ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ବୈଠକ ପରେ ସ୍ୱାସ୍ଥ୍ୟମନ୍ତ୍ରୀ ସାଧାରଣ ଜନତାଙ୍କୁ ଆତଙ୍କିତ ନ ହେବାକୁ ଅନୁରୋଧ କରିଛନ୍ତି। ସମସ୍ତ ସୀମାବର୍ତ୍ତୀ ଜିଲ୍ଲାକୁ ସତର୍କ ରହିବା, ସନ୍ଦେହଜନକ ମାମଲାର ତୁରନ୍ତ ସନ୍ଧାନ ଓ ରିପୋର୍ଟିଂ, ହସ୍ପିଟାଲରେ ପର୍ଯ୍ୟାପ୍ତ ଔଷଧ, ପିପିଇ କିଟ୍ ଓ ଚିକିତ୍ସା ସାଧନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱ ଦିଆଯାଇଛି।

**ବାଲେଶ୍ୱରରେ ଭିଡ଼ ହିଂସାରେ ଯୁବକଙ୍କ ମୃତ୍ୟୁ**

## ଧର୍ମାନ୍ଧ ଏବେ ସରକାରଙ୍କ ଗେହ୍ଲାପୁଅ: ଭକ୍ତ

ଭୁବନେଶ୍ୱର,୧୬ ।୧(ସମିସ): ବାଲେଶ୍ୱରରେ ଏସ୍‌କେ ମକନ୍ଦର ମହମ୍ମଦ ନାମକ ଜଣେ ଯୁବକଙ୍କୁ ପିଟିପିଟି ମାରିଦେବା ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛି ଏଆଇସିସି। ଶୁକ୍ରବାର ଏଆଇସିସି ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏହି ଘଟଣାକୁ ନିନ୍ଦା କରାଯାଇଛି। ଏଆଇସିସି ପୋଷ୍ଟରେ ଉଲ୍ଲେଖ କରିଛି ଯେ ବାଲେଶ୍ୱରରେ ଏସ୍‌କେ ମକନ୍ଦର ମହମ୍ମଦଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ଏଭଳି ଘଟଣା ସଭ୍ୟ ସମାଜ ପାଇଁ ଏକ ଅପମାନ। ଏଭଳି ଘଟଣା ମାନବ ଜାତିକୁ ଲଜ୍ଜିତ କରୁଛି। ଦେଶରେ ସଂଖ୍ୟାଲଘୁଙ୍କ ବିରୋଧରେ ଏଭଳି ଅପରାଧ କ୍ରମାଗତ ଭାବେ ବୃଦ୍ଧି ପାଉଛି। ୨୦୧୪ ମସିହାରୁ ଦେଶରେ ଭିଡ଼ହିଂସାକୁ ପ୍ରୋତ୍ସାହିତ କରାଯାଉଛି। ଏହା ବିଜେପିର ଘୃଣା ରାଜନୀତିର ପରିଣାମ। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ଦଳ ଦାବି କରିବା ସହ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଦାବି କରିଛି।

**କାର୍ଯ୍ୟାନୁଷ୍ଠାନ ଦାବିରେ ବର୍ଷିଲା ଏଆଇସିସି**

ଅନ୍ୟପଟେ ଶୁକ୍ରବାର ସନ୍ଧ୍ୟାରେ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀ ଦାସ କହିଛନ୍ତି, ହିନ୍ଦୁ ଧର୍ମର ମହାନ ଗୁଣକୁ ଏହି ଧର୍ମାନ୍ଧମାନେ ତିଳତିଳ କରି ହତ୍ୟା କରୁଛନ୍ତି। ବିଜେପି ସରକାର ଆସିଲା ଦିନଠୁ ସଂଖ୍ୟାଲଘୁ, ଦଳିତ ଓ ଆଦିବାସୀଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ସଂଖ୍ୟାଲଘୁଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଛି। ଶେଖ ମକନ୍ଦର ମହମ୍ମଦଙ୍କ ହତ୍ୟାକାରୀଙ୍କୁ ପୁଲିସ ଏପର୍ଯ୍ୟନ୍ତ ଧରିପାରିନାହିଁ। ଯେହେତୁ ସରକାର ଏଭଳି ଅପରାଧୀଙ୍କୁ ପ୍ରଶ୍ରୟ ଦେଉଛି, ପୁଲିସ ବି ନିଜ ଚାକିରି ଯିବା ଭୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଶ୍ରୀ ଦାସ କହିଛନ୍ତି। ଏଭଳି ଧର୍ମାନ୍ଧ ଅପରାଧୀ ବିଜେପି ସରକାରଙ୍କ ଗେହ୍ଲାପୁଅ ହୋଇଛନ୍ତି ବୋଲି ସେ କହିଛନ୍ତି।

## ଜଷ୍ଟିସ କୃଷ୍ଣରାମ ମହାପାତ୍ର ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ନିଯୁକ୍ତ

କଟକ, ୧୬ ।୧(ସମିସ): ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ କୃଷ୍ଣରାମ ମହାପାତ୍ର ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।



ସମାଜର ଦଳିତ ଓ ଅବହେଳିତ ଜନସାଧାରଣ କିଭଳି ଉନ୍ନତମାନର ନିଃଶୁଳ୍କ ଆଇନ ସହାୟତା ପାଇପାରିବେ, ସେଥିପାଇଁ ଆଇନ ସେବା ସଂସ୍ଥାଗୁଡ଼ିକ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ଏହି ଅବସରରେ ଜଷ୍ଟିସ ମହାପାତ୍ର ପରାମର୍ଶ ଦେଇଛନ୍ତି। ତତ୍‌ସହିତ ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଲୋକ ଅଦାଲତରେ ଉପଯୁକ୍ତ ମାମଲାଗୁଡ଼ିକୁ ଅଧିକ ସଂଖ୍ୟାରେ ଫଇସଲା କରିବା ନିମନ୍ତେ ପଦକ୍ଷେପ ନେବା ପାଇଁ ସମସ୍ତ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗଞ୍ଜାମର ବିଭିନ୍ନ ସ୍ଥାନରେ ଇଡି ଚଢ଼ଉ

ବ୍ରହ୍ମପୁର/ଆସିକା/ଶେରଗଡ଼, ୧୬ ।୧ (ସମିସ): ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଶୁକ୍ରବାର ଭୋର୍‌ରେ ବଡ଼ଧରଣର ଚଢ଼ଉ ହୋଇଛି। ମୁଖ୍ୟତଃ ବାଲି କାରବାରରେ ଲିପ୍ତ ବ୍ୟବସାୟୀଙ୍କ ଘରେ ଏକକାଳୀନ ଚଢ଼ଉ ହୋଇଥିବା ଜଣାଯାଇଛି। ରିପୋର୍ଟ ଲେଖା ହେବା ବେଳକୁ ଚଢ଼ଉ ଜାରି ରହିଛି। ଇଡିର ୫ରୁ ଅଧିକ ଟିମ୍ ବ୍ରହ୍ମପୁର ସହରର ଏକାଧିକ ସ୍ଥାନ ସମେତ କନିସି, ଶେରଗଡ଼ ଓ ଆସିକା ଅଞ୍ଚଳରେ ଚଢ଼ଉ କରି ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଜବତ କରିଥିବା ଜଣାପଡ଼ିଛି।

ବ୍ରହ୍ମପୁର ସହରର ଜୟପ୍ରକାଶନଗର, ଅମ୍ବିକା ନଗର, ବିଜିପୁର, ଲାଞ୍ଜିପଲ୍ଲୀ, ଷ୍ଟେସନ୍‌ରୋଡ୍ ଓ ତୁଳସୀନଗରର ସମେତ ସହର ଉପକଣ୍ଠ କନିଷିରେ ଇଡି ଚଢ଼ଉ କରିଥିଲା। ସେହିଭଳି ଜିଲ୍ଲାର ଶେରଗଡ଼ ଓ ଆସିକାଠାରେ ମଧ୍ୟ ଚଢ଼ଉ କରାଯାଇଥିଲା। ଶେରଗଡ଼ର ପ୍ରତିଷ୍ଠିତ ଠିକାଦାର ହୃଷୀକେଶ ପାଢ଼ୀଙ୍କ ବାସଭବନ, ଆସ୍କା ବ୍ଲକ୍ ଖାରିଆ ସରପଞ୍ଚଙ୍କ ସ୍ୱାମୀ ତଥା ମଦ ଓ ବାଲି ବ୍ୟବସାୟୀ ଭଗବାନ ସାହୁ ଓରଫ୍ ଭାଲୁଙ୍କ ବାସଭବନ, ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଉମାନଗରସ୍ଥିତ ବ୍ୟବସାୟୀ କୃପାସିନ୍ଧୁ ମୁଦୁଲିଙ୍କ କାର୍ଯ୍ୟାଳୟ, ଜୟପ୍ରକାଶ ନଗରସ୍ଥିତ ହୃଷୀକେଶ ପାଢ଼ୀଙ୍କ ପୁଅ ସଚ୍ଚିନ ପାଢ଼ୀଙ୍କ ବାସଭବନ, ବିଜିପୁର କାଲୁଆସାହିସ୍ଥିତ



ଖଣି ମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀଙ୍କ ଘର ବି ବାଦ୍ ପଡ଼ିଲାନି

ବାଲି କାରବାରରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ଉ!




ବିଶ୍ୱଜିତ ପାତ୍ର ଓରଫ୍ 'ହକି'ଙ୍କ ବାସଭବନ, ଶ୍ରୀ ଟୁର ଏଣ୍ଡ ଟ୍ରାଭଲ୍ ମାଲିକ ଶିବ ପ୍ରସାଦ ପଣ୍ଡାଙ୍କ ଅମ୍ବିକା ନଗର ଦ୍ୱିତୀୟ ଲାଇନସ୍ଥିତ ବାସଭବନ ଓ ଷ୍ଟେସନ୍ ରୋଡ୍‌ରେ ଥିବା କାର୍ଯ୍ୟାଳୟ, ତୁଳସୀନଗରସ୍ଥିତ ସନ୍ତୋଷ ଦଳେଇଙ୍କ ଘର, କନିଷି ଗାଁର ବ୍ୟବସାୟୀ ସୁନୀଲ ପାତ୍ର ଓ ଶୁଭାଶିଷ ସାହୁଙ୍କ ଘରେ ଇଡି ଚଢ଼ଉ କରିଥିଲା।

ଏହି ଚଢ଼ଉ ସମ୍ପର୍କରେ ଇଡି ପକ୍ଷରୁ କୌଣସି ସୂଚନା ମିଳି ନଥିବା ବେଳେ ବାଲି ବ୍ୟବସାୟ ଓ ବଡ଼ ଧରଣର ଆର୍ଥିକ କାରବାରକୁ ନେଇ ଏହି ଚଢ଼ଉ କରାଯାଇଥିବା ଆଲୋଚନା ହେଉଛି। ସେପଟେ ବାଲି କାରବାର ଓ ଟିକସ ଫାଙ୍କିବା ଅଭିଯୋଗରେ ଏଭଳି ଚଢ଼ଉ ହୋଇଥିବା ନେଇ ଆଲୋଚନା ହେଉଥିବା ବେଳେ ଖୋଦ୍ ଖଣି ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଜେନାଙ୍କ ଘନିଷ୍ଠ ସହଯୋଗୀ ସୁନୀଲ ପାତ୍ରଙ୍କ କନିଷିସ୍ଥିତ ବାସଭବନ ମଧ୍ୟ ଇଡିର ଚଢ଼ଉରୁ ବାଦ୍ ପଡ଼ିନାହିଁ।

ବଡ଼ କଥା ହେଲା, ଖଣି ଓ ପରିବହନ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ ପରେ ମନ୍ତ୍ରୀ ବିଭୂତି ଜେନା ନିଜର ଘନିଷ୍ଠ ସହଯୋଗୀଙ୍କ ନାମ ତାଲିକା ପ୍ରସ୍ତୁତ କରି ନିଜ ନିର୍ବାଚନମଣ୍ଡଳୀରେ ବିଭିନ୍ନ ବିଭାଗର ଦାୟିତ୍ୱ ବୁଝିବା ପାଇଁ ଜିଲ୍ଲାପାଳଙ୍କୁ ଗତ ଅଗଷ୍ଟ ୨୮ ତାରିଖରେ ଚିଠି କରିଥିଲେ। ଉକ୍ତ ଚିଠିରେ ୧୯ ଜଣଙ୍କ ନାମ ରହିଥିବା ବେଳେ ୧୪ ନମ୍ବରରେ କନିଷିର ସୁନୀଲ ପାତ୍ରଙ୍କ ନାମ ରହିଥିଲା। ତାଙ୍କୁ ଖଣି, ପୁଲିସ ଓ କୋର୍ଟ ଭଳି ବିଭାଗ ସମ୍ପର୍କିତ କଥା ବୁଝିବାକୁ ଦାୟିତ୍ୱ ପ୍ରଦାନ କରିଥିଲେ। କିନ୍ତୁ ବର୍ତ୍ତମାନ ହୋଇଥିବା ଚଢ଼ଉରୁ ଖୋଦ୍ ଖଣି ଓ ପରିବହନ ମନ୍ତ୍ରୀଙ୍କ ଖଣି ଦାୟିତ୍ୱ ବୁଝୁଥିବା ଘନିଷ୍ଠ ସହଯୋଗୀ ସୁନୀଲ ପାତ୍ର ମଧ୍ୟ ଇଡି ପଞ୍ଜାରୁ ବର୍ତ୍ତିପାରିନଥିବା ଦେଖିବାକୁ ମିଳିଛି। ଏହା ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି।


FAKIR MOHAN UNIVERSITY
NAAC 'A'
nirf NATIONAL INSTITUTIONAL RANKING FRAMEWORK
Ranked 51-100 University Category





NAAC 'A' 25 YEARS OF EXCELLENCE

ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

~ଅଧ୍ୟୟନ ଓ ଅନୁସନ୍ଧାନରେ ଗୁଣାତ୍ମକ ଅଗ୍ରସରତା~

୧. ସବୁଜ ଓ ସୁସ୍ଥିର ପରିସର
ପରିବେଶ ସୁରକ୍ଷା, ସବୁଜ ଶକ୍ତି ବ୍ୟବହାର, କାର୍ବନ ନିସ୍ସରଣ ହ୍ରାସ, ପରିବେଶ-ମିତ୍ର ପଦକ୍ଷେପ ଓ ବ୍ୟାଟେରୀଚାଳିତ ଯାନ ମାଧ୍ୟମରେ ପ୍ରଦୂଷଣମୁକ୍ତ ଯାତାୟାତ।

୨. ଜାତୀୟ ଶିକ୍ଷାନୀତି-୨୦୨୦ର ସମ୍ପୂର୍ଣ୍ଣ ରୂପାୟନ
୨୦୨୪-୨୫ ଶିକ୍ଷାବର୍ଷରୁ NEP-2020 ର ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱୟନ ସହ ଶିକ୍ଷାର ଗୁଣାତ୍ମକ ବୃଦ୍ଧି।

୩. ଭାରତୀୟ ଜ୍ଞାନ ପ୍ରଣାଳୀ ଓ ନବୋନ୍ମେଷମୂଳକ ଗବେଷଣା
ଧାନ-ପାନ-ମୀନ-ବିଜ୍ଞାନ, ଫକୀରମୋହନ ଚେତନା, ଭାରତୀୟ ଜ୍ଞାନ ପ୍ରଣାଳୀ, ସାଂସ୍କୃତିକ-ଐତିହ୍ୟ ସଂରକ୍ଷଣ ଉପରେ ମୂଳ ଓ ମୂଲ୍ୟଯୁକ୍ତ ଗବେଷଣା।

୪. ବିଶେଷ ଅଧ୍ୟୟନ କେନ୍ଦ୍ର ଓ ସଂଗ୍ରହାଳୟ ସ୍ଥାପନା
ଭାରତୀୟ ଜ୍ଞାନ ପ୍ରଣାଳୀ, ସାମଗ୍ରିକ ସ୍ୱାସ୍ଥ୍ୟ, ସଂସ୍କୃତି ଓ ଐତିହ୍ୟ ଅଧ୍ୟୟନ ପାଇଁ ବିଶେଷ କେନ୍ଦ୍ର ଓ ମ୍ୟୁଜିୟମ୍।

୫. ଗବେଷଣା, ନବୋନ୍ମେଷ ଓ ଉଦ୍ୟମଶୀଳତାକୁ ପ୍ରୋତ୍ସାହନ
ANRF-PAIR , OMBRIC ପ୍ରକଳ୍ପ , ବିଶ୍ୱବିଦ୍ୟାଳୟ ଫେଲୋସିପ ଓ ବିଭାଗୀୟ ଗବେଷଣା ମାଧ୍ୟମରେ ପ୍ରାୟୋଗିକ ଓ ସଂସ୍ଥାଗତ ସମର୍ଥନ।

୬. ଛାତ୍ର-କେନ୍ଦ୍ରିକ ଓ ସାମଗ୍ରିକ ବିକାଶ
ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଦୃଷ୍ଟିକୋଣରେ ଶିକ୍ଷା, କୌଶଳ ଓ ମୂଲ୍ୟାଧାରିତ ଉନ୍ନତି।

୭. ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ସୁସ୍ଥତା
ପରାମର୍ଶ ଓ ଚିକିତ୍ସା ସୁବିଧା ସହ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ୱୀକାର କରି ଆନେମିଆମୁକ୍ତ ପରିସର ପାଇଁ ବିଶେଷ ଉଦ୍ୟମ।

୮. କ୍ରୀଡା, ସାଂସ୍କୃତିକ ଓ ସହପାଠ୍ୟକ୍ରମିକ କାର୍ଯ୍ୟକଳାପ
ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବ୍ୟକ୍ତିତ୍ୱ ଗଠନ ପାଇଁ ବିବିଧ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ସହଯୋଗରେ 'ଆମ କଲେଜ, ଆମ ଗୌରବ' ଜରିଆରେ ଡିଜିଟାଲ୍ ଲାଇବ୍ରେରୀ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ। 'ଉନ୍ନରୁମ' ଆନ୍ତର୍ଜାତୀୟ ସାଂସ୍କୃତିକ ଓ ପାରମ୍ପରିକ ଉତ୍ସବ।

୯. ଶିକ୍ଷକ ଓ ଗବେଷଣାର୍ଥୀଙ୍କ ଶିକ୍ଷାଗତ ସଶକ୍ତିକରଣ
ସେମିନାର, କର୍ମଶାଳା, ଆଲୋଚନାଚକ୍ର, ଅତିରିକ୍ତ ଅଧ୍ୟାପନା ଓ ଅନୁଶୀଳନ କାର୍ଯ୍ୟକ୍ରମ।

୧୦. ସୁଶାସନ, ସାମାଜିକ ଦାୟିତ୍ୱ ଓ ଗୋଷ୍ଠୀ ସଂଲଗ୍ନତା
ଦିବ୍ୟାଙ୍ଗ-ମିତ୍ର ପରିସର, ଲିଙ୍ଗ ସମାନତା, POSH (ICC), ଅଭିଯୋଗ ସମାଧାନ, NSS, ଆଉଟ୍‌ରିଚ୍ କାର୍ଯ୍ୟକଳାପ, ପୋଷ୍ୟ ଗ୍ରାମ ଓ ଗୋଷ୍ଠୀସମୁଦାୟର ଉନ୍ନୟନ।

~Upcoming Mega Events~

*EAST ZONE YOUTH FESTIVAL(UTSAH-2026)

*CONVOCATION-2026

*STATE INTER UNIVERSITY SPORTS & GAMES-2025-26

*EAST ZONE INTER UNIVERSITY KHO-KHO

ନୂତନ ଆଶା ଓ ସମ୍ଭାବନା ସହ ନବବର୍ଷର ଶୁଭେଚ୍ଛା — ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିବାର



# ୧୦ ପ୍ରବାସୀ ଶ୍ରମିକ କର୍ଣ୍ଣାଟକ ଇଟାଭାଟିରୁ ଉଦ୍ଧାର

ନୂଆପଡ଼ା, ୧୬ ।୧(ସମିସ)



ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ ଜରେଲପଦର ଗ୍ରାମର ୧୦ଜଣ ପ୍ରବାସୀ ଶ୍ରମିକଙ୍କୁ କର୍ଣ୍ଣାଟକ ରାଜ୍ୟ ବାଗଲକୋଟ ଜିଲ୍ଲା ପ୍ରଶାସନ ଦ୍ୱାରା ଇଟାଭାଟିରୁ ଉଦ୍ଧାର କରାଯାଇ ନୂଆପଡ଼ା ଜିଲ୍ଲାପ୍ରଶାସନକୁ ହସ୍ତାନ୍ତର କରାଯାଇଛି । ପ୍ରକାଶ ଯେ ଓଡିଆ ଶ୍ରମିକମାନେ ନିର୍ଯାତିତ ହେଉଥିବାର ଖବର ପାଇ ଜିଲ୍ଲା ପ୍ରଶାସନ ବାଗଲକୋଟ ୯ ଜାନୁଆରୀରେ ଗୁଲେଡାଗୁ‡ା ତାଲୁକର ମୁରାଡି ଗ୍ରାମରେ ଅବସ୍ଥିତ ଏକ ଇଟାଭାଟିରେ ଶ୍ରମିକ ଉଦ୍ଧାର କାର୍ଯ୍ୟାନୁଷ୍ଠାନ ଅଭିଯାନ ଚଳାଇଥିଲା । ଏଠାରେ ଜଣେ ମଧ୍ୟସ୍ଥି ଚାଲାଣକାରୀ ଦ୍ୱାରା ଅଣାଯାଇ ମୁରାଡି ଗ୍ରାମର ଏକ ଇଟା ଭାଟିରେ ୫ ଜଣ ମହିଳା ଓ ୫ ଜଣ ପୁରୁଷ ମୋଟ ୧୦ ଜଣ ଶ୍ରମିକଙ୍କୁ ବନ୍ଧକ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ଜଣାପଡ଼ିଥିଲା । ତଦନ୍ତ ସମୟରେ, ଏହା ଜଣାପଡ଼ିଥିଲା ଯେ ଶ୍ରମିକମାନେ ଅଗ୍ରୀମ ଆକାରରେ ଦଶ ହଜାର ଟଙ୍କା ଜଣ ପ୍ରତି ପାଇଥିଲେ । ପହଞ୍ଚିବା ମାତ୍ରେ ୪୦ ହଜାର ଟଙ୍କା ଲେଖାଏଁ ଦିଆଯିବା ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଦିଆଯାଇନଥିଲା । ଏମାନଙ୍କୁ ସେଠାରେ ଦୈନିକ ୧୨ ଘଣ୍ଟାରୁ ଅଧିକ ସମୟ କଠିନ ପରିଶ୍ରମ କରାଉଥିଲେ । ଏହା ସହିତ ସେମାନେ ଇଟା ଭାଟି ମାଲିକଙ୍କ ଦ୍ୱାରା ଦୁର୍ବ୍ୟବହାର ଏବଂ ଶୋଷଣର ଶିକାର ହୋଇଥିଲେ । ତଦନୁସାରେ, ନିଯୁକ୍ତିଦାତାଙ୍କ ବିରୋଧରେ ବନ୍ଧିତ ଶ୍ରମିକ ଆଇନ, ଅନୁଯାୟୀ ଏଫଆଇଆର ରୁଜୁ କରାଯାଇଛି । ବାଗଲକୋଟର ସହକାରୀ କମିଶନର ଏବଂ ଉପବିଭାଗୀୟ ମାଜିଷ୍ଟ୍ରେଟଙ୍କ ରିପୋର୍ଟ ଅନୁଯାୟୀ, ସେମାନେ ନିଜ ଗ୍ରାମକୁ ଫେରିବା ପାଇଁ ଅନୁରୋଧ କରିବା ପରେ, ଶ୍ରମିକମାନଙ୍କୁ ଇଟା ଭାଟିରୁ ମୁକ୍ତ କରାଯାଇଥିଲା । ଶ୍ରମିକମାନଙ୍କୁ ସେମାନଙ୍କ ନିଜ ଗ୍ରାମକୁ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ନୂଆପଡ଼ା ସହିତ ଯୋଗାଯୋଗ କରାଯାଇଥିଲା । ବାଗଲକୋଟର ସହକାରୀ କମିଶନର ଏବଂ ଉପବିଭାଗୀୟ ମାଜିଷ୍ଟ୍ରେଟ ସମସ୍ତ ୧୦ ଜଣ ବନ୍ଧିତ ଶ୍ରମିକଙ୍କୁ ମୁକ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହାସହିତ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଶିଶୁ ଶ୍ରମିକ ବିଭାଗ ବାଗଲକୋଟ, ସୁଧାକର ବାଦିଗର୍ ଏବଂ ଆରକ୍ଷୀ ଡିଏମ ରାଜପୁତ ଓ ଏସଏମ ହାବଲଦାର ଙ୍କ ମାର୍ଫତରେ ସମସ୍ତ ଶ୍ରମିକଙ୍କୁ ଜିଲ୍ଲାପାଳ ନୂଆପଡ଼ାଙ୍କ କାର୍ଯ୍ୟାଳୟରେ ନିରାପଦ ଭାବରେ ହସ୍ତାନ୍ତର କରାଯାଇଛି । ଏହି ପରିବାର ଗୁଡ଼ିକୁ ଜିଲ୍ଲା ପ୍ରଶାସନ ଗ୍ରହଣ କରି ପ୍ରାସଙ୍ଗିକ ଆଇନ ଏବଂ ନିୟମ ଅନୁଯାୟୀ ଆବଶ୍ୟକୀୟ ପୁନର୍ବାସ ଏବଂ ପ୍ରତ୍ୟାବର୍ତ୍ତନ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ବାଦିଗର କହିଲେ ଯେ ଶ୍ରମିକମାନେ ସେମାନଙ୍କ ନିଜସ୍ଥାନରେ ପହଞ୍ଚିବା ପରେ ବ୍ୟାଙ୍କ ମାଧ୍ୟମରେ ସମସ୍ତଙ୍କୁ ତିରିଶ ହଜାର ଟଙ୍କା ଲେଖାଏଁ ସିଧାସଳଖ ସେମାନଙ୍କ ଆକାଉଣ୍ଟକୁ କର୍ଣ୍ଣାଟକ ସରକାର ପ୍ରଦାନ କରିବେ । ଜିଲ୍ଲା ପ୍ରଶାସନ ଶ୍ରମିକମାନଙ୍କୁ ସମସ୍ତ ପ୍ରକାର

### ସମସ୍ତ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି

ସୁବିଧା ସୁଯୋଗ ଯୋଗାଇ ଦେଉଥିବାରୁ ଭୁଲରେ ବି ଆଉ ପ୍ରବାସୀ ଶ୍ରମିକ ହିସାବରେ ଭିଟାମାଟି ଛାଡ଼ି ନ ଯିବା ପାଇଁ ସେମାନଙ୍କୁ ବୁଝାଇଥିଲେ । ତୁରନ୍ତ ସମସ୍ତଙ୍କୁ ରେଡକ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦେବା ପାଇଁ ଏବଂ ସେମାନଙ୍କ ଜୀବନ ଜୀବିକା ନିର୍ବାହ ପାଇଁ ସାଧନ ଯୋଗାଇ ଦେବାକୁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ କର୍ଣ୍ଣାଟକରୁ ଆସିଥିବା ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଆଜି ଏହି ପୁନର୍ମିଳନ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଶ୍ରମ ଉପକମିଶନର ରବୀନ୍ଦ୍ର ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ ।

## ନିର୍ମାଣସ୍ଥଳରେ ଶ୍ରମିକଙ୍କୁ ହତ୍ୟା, ଜଣେ ଗିରଫ



**କର୍ଲାମୁଣ୍ଡା, ୧୬ ।୧(ସମିସ):** କର୍ଲାମୁଣ୍ଡା ବ୍ଲକ ରିଞ୍ଚା ପଞ୍ଚାୟତ ଟକାରୁମାଲ ବଜାର ପଡ଼ିଆ ନିକଟରେ ଗୁରୁବାର ରାତି ନିର୍ମାଣ ସ୍ଥଳରେ ଜନୈକ ଶ୍ରମିକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି ।ସୂଚନା ମତେ ଆରଏମ୍ସି ପକ୍ଷରୁ ଠିକାଦାରଙ୍କ ଦ୍ୱାରା ଟକାରୁମାଲ ଠାରେ ଧାନ ପିଣ୍ଡି ନିର୍ମାଣ କରାଯାଉଛି ।ଏହି କାର୍ଯ୍ୟରେ ନିୟୋଜିତ ସୋନପୁର ଜିଲ୍ଲା ବିନିକା ରାମପୁର ଥାନା ତେଲିପାଲି ଗ୍ରାମର ଚଏତୁ ଛତରଙ୍କ ପୁଅ ରସିକ ଛତର (୪୦) ଓ ବରଗଡ଼ ଜିଲ୍ଲା ବରପାଲି ଥାନା ଖେମେସରା ଗ୍ରାମର ରସିକ ଭୋଇ(୫୦)ଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲେ । ରସିକ ଭୋଇ ଉତକ୍ଷିପ୍ତ ହୋଇ ରସିକ ଛତରକୁ କାଠ ଫାଳିଆରେ ମାଡ଼ ମାରି ହତ୍ୟା କରିଛି ବୋଲି ମୃତକଙ୍କ ଭିଣୋଇ ଦୟା ଘିଭେଳା କର୍ଲାମୁଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି । ଫାଣ୍ଡି ଅଧିକାରୀ ଥବିର ବରିହା କର୍ଲାମୁଣ୍ଡା ଡାକ୍ତରଖାନାରେ ମୃତଦେହ ଜବତ କରିଥିଲେ । ଖବର ପାଇ ମ.ରାମପୁର ଥାନାଧିକାରୀ ଚିତ୍ତରଞ୍ଜନ ପ୍ରଧାନୀ ସାଇଣ୍ଟିଫିକ ଟିମ୍ ସହିତ ପହଁଞ୍ଚି ପ୍ରାଥମିକ ତଦନ୍ତ କରି ରସିକ ଭୋଇଙ୍କୁ ମ.ରମପୁର ଥାନା ରେ ଅଟକ ରଖିଛନ୍ତି । ଏନେଇ ମ.ରାମପୁର ଥାନାରେ କେଶ ନଂ୧୩ ରେ ହତ୍ୟା ମାମଲା ରୁଜୁ ହୋଇଥିବା ଜଣାଯାଇଛି । ଆସନ୍ତା କାଲି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ଶ୍ରୀ ପ୍ରଧାନୀ କହିଛନ୍ତି । ଅପରାହ୍ନରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ଥିବା ବେଳେ ତଦନ୍ତ ଜାରି ରହିଥିବା କୁହାଯାଇଛି ।

## ମାଝୀ ବଂଶୀୟ ପାଟଯାତ୍ରା ଶୁଭଖମ୍ବ ସ୍ଥାପନ



**କୋକସରା, ୧୬ ।୧(ସମିସ) :** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଟେମରାଠାରେ ପାଟଯାତ୍ରା ଲାଗି ଶୁକ୍ରବାର ଶୁଭଖମ୍ବ ସ୍ଥାପନ ହୋଇଛି । ପାଟଯାତ୍ରା ଆସନ୍ତା ଫେବୃଆରୀ ୨ ତାରିଖ ଠାରୁ ଆରମ୍ଭ ହୋଇ ୪ ତାରିଖରେ ଉଦ୍ଯାପିତ ହେବ । ପାଟଯାତ୍ରାରେ ଭୈରବ ଦେବ, ମା'ଲଛମା, ରାତି ମାଏ ଦେବୀ, ବୃନ୍ଦା ଭିମା ପ୍ରମୁଖ ଦେବାଦେବୀ ପୂଜା ପାଇବେ । ପୂଝାରୀ ଚିତ୍ରସେନ ମାଝୀ, ଶିରା ସୁରେଶ ମାଝୀ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ପାଟଯାତ୍ରାରେ ଟେମରା, ମହିମା, ଘଣ୍ଟିଗୁଡା ଗ୍ରାମର ନେତାମ, କାଶ୍ୟପ ଗୋତ୍ର, ପାତ୍ର, ମାଝୀ ବଂଶୀୟ ପରିବାର ମିଳିତ ଭାବେ ପୂଜା କାର୍ଯ୍ୟ କରୁଛନ୍ତି । ପାଟଯାତ୍ରା ପୂଜାର ସଭାପତି ଭାବେ ସୁଧୀର କୁମାର ପାତ୍ର, ସମ୍ପାଦକ ଲୋକନାଥ ପାତ୍ର, ଟେମରା ଗୌନ୍ତିଆ ଚୁମନ ପାତ୍ର, ମହିମା ଗୌନ୍ତିଆ ଭଦ୍ରେଶ୍ୱର ପାତ୍ର, ଘଣ୍ଟିଗୁଡା ଗୌନ୍ତିଆ ହିମାଞ୍ଚଳ ପାତ୍ର, କ୍ଷିତିରାମ ପାତ୍ର, ଲମ୍ବୋଦର ମାଝୀ, ସୁଦାମ ମାଝୀ, ଦୀନକୃଷ୍ଣ ପାତ୍ର, ନରସିଂ ପାତ୍ର, ତୋଫାନ ପାତ୍ର ପ୍ରମୁଖ ପାଟଯାତ୍ରର ଶୁଭଖମ୍ବ ସ୍ଥାପନ ଅବସରରେ ଉପସ୍ଥିତ ରହିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ଗୋଲାମୁଣ୍ଡା, ୧୬ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି ।ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ସୁଜିତ କୁମାର ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ଶ୍ରୀମାନ ବିନ୍ଦୁ ମହାନନ୍ଦ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ, ବୃନ୍ଦାବାହାଲ ସରପଞ୍ଚ ଇଂ ଦିନେଶ କୁମାର ରାଉତ, ଗଣ୍ଡାମେର ସରପଞ୍ଚ ହେମଲତା ନାଏକ, ମୁଖ୍ୟବକ୍ତା ନବରତ୍ନ ରାଉତ, ବିଦ୍ୟାଳୟର ସଭାପତି ଶତ୍ରୁଘ୍ନ ନାଏକ, ବିଦ୍ୟାଳୟର ସମ୍ପାଦକ ତ୍ରିଲୋଚନ ନାୟକ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜୁ ନାଏକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ପରିଚାଳନା ଆରମ୍ଭ ହୋଇଥିଲା । ପ୍ରଧାନଆଚାର୍ଯ୍ୟ ରାଜୁ ନାଏକ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସମ୍ପାଦକ ତ୍ରିଲୋଚନ ନାଏକ ଅତିଥି ପରିଚୟ କରିଥିଲେ । ସମସ୍ତ ଅତିଥି ମାନେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଯୋଜନା ବିଷୟରେ ନିଜ ନିଜ ମତାମତ ଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ସୁଶାନ୍ତ ନାଏକ ମଞ୍ଚ ପରିଚାଳନା କରି ଥିବା ବେଳେ ବିଦ୍ୟାଳୟର ପରିଚାଳନା ସମିତି ଅଭିଭାବକ ଅଭିଭାବିକା ତଥା ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ । ସଭା କାର୍ଯ୍ୟ ସମାପନ ପରେ ବିଦ୍ୟାଳୟ ର କୁନି କୁନି ଛାତ୍ରଛାତ୍ରୀମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ଯାପିତ




**କେସିଙ୍ଗା, ୧୬ ।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟରେ ଚଳିତ ମାସ ୯ ତାରିଖରୁ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ୧୬ ତାରିଖ ଦିନ ଉଦ୍ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଥିବା ଉକ୍ତ ଉଦ୍ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅନେକ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ । ଅଧ୍ୟକ୍ଷ ଶ୍ରୀ ପାଢ଼ୀ ପ୍ରଶିକ୍ଷିତ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣର ସଦୁପଯୋଗ କରିବା, ଯେକୌଣସି ଅସ୍ୱାଭାବିକ ପରିସ୍ଥିତିକୁ ଦକ୍ଷତାର ସହିତ ମୁକାବିଲା କରିବା, ତାଲିମ ନେଇଥିବା କୌଶଳର ଅପବ୍ୟବହାର ନ କରିବା ଭଳି ଉପଦେଶାତ୍ମକ ବାର୍ତ୍ତା ପ୍ରଦାନ କରିଥିଲେ ।ଉକ୍ତ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିରର ଭାର ସଂଯୋଜିକା ଗୀତାଞ୍ଜଳି ଦୋରା ତୁଲାଇ ଥିବା ବେଳେ ମାଷ୍ଟର ଟ୍ରେନର ତପସ୍ୱିନୀ ମାଝୀ ଓ ନେପୁରା ମାଝୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଆଶ୍ୱିନୀ କୁମାର ପଟ୍ଟନାୟକ, ଆଶ୍ୱିନୀ ପାଇକରାଏ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

### ପାଟିକାଙ୍କ ସ୍ୱାମୀର ଉନ୍ମୋକ୍ତ କାଣ୍ଡ

## ସ୍କୁଲ ଭିତରେ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ

**କୋକସରା, ୧୬ ।୧(ସମିସ):** ପାଚିକାଙ୍କ ସ୍ୱାମୀର ଉନ୍ମୋତକାଣ୍ଡ । ସ୍କୁଲ ଭିତରେ ପଶି ଜଣେ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ । ଏ ଭଳି ଅଭାବନୀୟ ଘଟଣା କୋକସରା ଥାନା ବେହେରା ପଞ୍ଚାୟତର ପିପଲପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ



ଘଟିଛି । ଶୁକ୍ରବାର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଦେବା ସମୟରେ ଉକ୍ତ ବିଦ୍ୟାଳୟର ପାଚିକା ମାଧୁରୀ ନିଆଲଙ୍କ ସ୍ୱାମୀ ଭାସ୍କର ବାଗ(୩୨)ସ୍କୁଲକୁ ପସିଆସି ଶିକ୍ଷକ ରିସିରାଜ ମେହେର କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଶିକ୍ଷକ ଜଣକ ନିଜ ଜୀବନ ବଞ୍ଚାଇବା ପାଇଁ କୌଣସି ପ୍ରକାରରେ ଦୌଡ଼ ଯାଇ ଶ୍ରେଣୀ କୋଠରୀରେ ଲୁଚିଯାଇଥିଲେ । ଶ୍ରେଣୀ କୋଠରୀ ଭିତରେ ଶିକ୍ଷକ ଜଣକ ଭୟରେ ରହିଥିବା ଜାଣି ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ନିଳାମ୍ବର ନିଆଲ ଓ ହୃଷିକେଶ ନିଆଲ ଘଟଣାସ୍ଥଳେ ପହଞ୍ଚି ଥିଲେ । କୋକସରା ପୁଲିସକୁ ତୁରନ୍ତ ଖବର ଦେଇଥିଲେ । କୋକସରା ଥାନା ପୁଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକଙ୍କୁ ଶ୍ରେଣୀ କୋଠରୀ ଭିତରୁ ଉଦ୍ଧାର କରିଥିଲେ । ଏବଂ ଆକ୍ରମଣକାରୀ ଯୁବକ ଭାସ୍କର ବାଗକୁ ମଧ୍ୟ କାବୁ କରିବା ସହ କୋକସରା ଥାନାକୁ ଆଣି ଅଟକ ରଖିଛନ୍ତି । ତେବେ ଆକ୍ରମଣର କାରଣ ଅସ୍ପଷ୍ଟ ରହିଛି । କୋକସରା ଥାନାରେ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

## ମାଁ ହିରାନୀଳାଙ୍କ ଝାମୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି

**ଲାଞ୍ଜିଗଡ଼, ୧୬ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରବନ୍ଧ ପଞ୍ଚାୟତ ବକଟପୁର ମାଁ ହିରାନୀଳାଙ୍କ ଝାମୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଓ କମର୍କର୍ତ୍ତା ଚୟନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗାଁ ଗୌତିଆ ବିକ୍ରମାଦିତ୍ୟ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ମାଁ ହିରାନୀଳାଙ୍କ ଝାମୁଯାତ୍ରା ମହୋତ୍ସବ କିପରି ଶାନ୍ତି ଶୃଙ୍ଖଳା ଭାବରେ ପାଳନ କରାଯିବ ନେଇ ଆଲୋଚନା ହୋଇଥିଲା । ଚଳିତ ବର୍ଷ ମାଁ ହିରାନୀଳାଙ୍କ ଝାମୁଯାତ୍ରାକୁ ସୁପରିଚଳନା କରିବା ପାଇଁ କମିଟି ଗଠିତ କରାଯାଇଥିଲା । ଏଥିରେ ସର୍ବ ସମତିକ୍ରମେ ରମେଶ ଚନ୍ଦ୍ର ସାହୁଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଭବାନୀ ଶଙ୍କର ବାଣୁଆ, ଉପସଭାପତି କର୍ଣ୍ଣ ମାଝୀ, ପବିତ୍ର ବିଭାର, ସାଧାରଣ ସମ୍ପାଦକ ବିକ୍ରମାଦିତ୍ୟ ବାରିକ, ସହସମ୍ପାଦକ ସଂକୀର୍ତ୍ତନ ବେହେରା, କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ବାରିକ, ସହ କୋଷାଧ୍ୟକ୍ଷ ମୁକେଶ ବେହେରା, ପରାମର୍ଶଦାତା ସନାତନ ବିଶି, କୁଳମଣି ବାଣୁଆ, ଆବାହକ ପିତାମ୍ବର ବିଶି, ଯାତ୍ରା ପରିଚାଳନାରେ ଶଙ୍କର ପ୍ରଧାନୀ, ଉଗ୍ରସେନ ବାଗ, ବୈରାଗୀ ବିଭାର, ହର ବେହେରା, ଫକିର ହରପାଲ, ଲଛମନ ବେହେରା, ଲୋଚନ ବେହେରା, ସୁଶାନ୍ତ ମାଝୀ, ଦେବାନନ୍ଦ ସାହୁ, ଭଗବାନ ରାଉତ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା । ଚଳିତ ବର୍ଷ ଏହି ମାଁ ହିରାନୀନା ଝାମୁଯାତ୍ରା ୫ ଦିନ ଧରି ମେଲୋଡି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମିନ ବଜାର ହେବ ବୋଲି କମିଟି ସଭାପତି ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।

## ୭୩ ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା ଓ ବାରଣାସୀ ତୀର୍ଥଯାତ୍ରା

**ନୂଆପଡ଼ା, ୧୬ ।୧(ସମିସ):** ନୂଆପଡ଼ା ଜିଲ୍ଲାରୁ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୭୩ଜଣ ଆଜି ଅଯୋଧ୍ୟା, ବାରଣାସୀ ଯାତ୍ରା କରିଛନ୍ତି । ଯେଉଁ ବରିଷ୍ଠ ନାଗରିକମାନଙ୍କୁ ଯୋଜନାରେ ଚୟନ କରାଯାଇଥିଲା ସେମାନେ ଆସି ନୂଆପଡ଼ା ପର୍ଯ୍ୟଟନ କାଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଡାକ୍ତରଙ୍କ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା ।ତୀର୍ଥଯାତ୍ରୀଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାଶ ସ୍ୱାଗତ କରି ଆନନ୍ଦଦାୟକ ତୀର୍ଥ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ । ଗସ୍ତ ପଛରେ ଜିଲ୍ଲା ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ଓ ଶୁଭେଚ୍ଛା ରହିଛି । ଦୁଇଜଣ ସହାୟକ ଅଧିକାରୀ ବିକ୍ରମ କେଶରୀ ହେର୍ଣ୍ଣା



ଓ ତୃପ୍ତିମାନ ମୁଣ୍ଡଙ୍କ ସହିତ ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ସମସ୍ତେ ରାୟଗଡ଼ା ଯାତ୍ରା କରିଥିଲେ । ଆସନ୍ତାକାଲି ଅନ୍ୟ ପାଞ୍ଚଟି ଜିଲାର ଯଥା କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ତୀର୍ଥ ଯାତ୍ରୀ ମାନଙ୍କ ସହ ମିଶି ଏକ ସତନ୍ତ୍ର ରେଳ ଯୋଗେ ସମସ୍ତେ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ । ବାରଣାସୀ ମଧ୍ୟ ପରିଭ୍ରମଣ କରି ଆସନ୍ତା ୨୨ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ । ନୂଆପଡ଼ା ପର୍ଯ୍ୟଟନ କାର୍ଯ୍ୟାଳୟରେ ନୂଆପଡ଼ା ଜିଲ୍ଲାପାଳ ଶ୍ରୀ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ ବସ କୁ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘନଶ୍ୟାମ ମୁଣ୍ଡଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ଜିଲ୍ଲା କ୍ରିଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ପ୍ରମୁଖ ଯୋଗଦାନ କରିଥିଲେ ।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍ଯାପିତ

**କେସିଙ୍ଗା, ୧୬ ।୧(ସମିସ):** କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବର ଉଦ୍ ଯାପନୀ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦାନ କରି ବ୍ୟକ୍ତିଗତ



ଜୀବନରେ ସାମ୍ନା କରିଥିବା ସମସ୍ୟାମାନ ଓ କିପରି ତା'ର ଉଚିତ ମୁକାବିଲା କରି ସେ ମହିଳା ସଶକ୍ତିକରଣର ଜ୍ୱଳନ୍ତ ନିଦର୍ଶନ ସ୍ୱରୂପ ପ୍ରଶାସନିକ ଅଧିକାରୀ ହୋଇପାରିଛନ୍ତି ଅଭିଭାଷଣ ପ୍ରଦାନ କରିଥିଲେ । ପୂର୍ବତନ ଛାତ୍ରୀଦ୍ୱୟ ରୁବି ଚୌଧୁରୀ ଓ ଡ.ଅନିନ୍ଦିତା ସାହା ସମ୍ମାନିତ ଅତିଥି ରୂପେ ଯୋଗ ଦେବା ସହ ସଫଳ ବିଦ୍ୟାର୍ଥୀର ସମସ୍ତ ଗୁଣାବଳୀର ବିକାଶ କରି ସାମଗ୍ରିକ ଗୁଣାକ ବିକାଶମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ସ୍ୱକୀୟ ଅଭିଭାଷଣରେ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ବିଦ୍ୟାଳୟର ଶିକ୍ଷାର୍ଥୀମାନେ ଯତ୍ନବାନ ହେବାର ଯୁଗୋପଯୋଗୀ ପ୍ରାସଙ୍ଗିକତା ରହିଛି ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ଖେଳ ଶିକ୍ଷୟିତ୍ରୀ ହରିପ୍ରିୟା ରାୟଙ୍କ ନେତୃତ୍ୱରେ ଆୟୋଜିତ ଦୁଇ ଦିନିଆ ବାର୍ଷିକ କ୍ରୀଡା ମହୋତ୍ସୋବର ବିଭିନ୍ନ ଖେଳର କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା ।ବିଦ୍ୟାଳୟର ସମସ୍ତ ଛାତ୍ରୀ ଏବଂ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା ବାର୍ଷିକ କ୍ରୀଡ଼ାର ଉଦ୍ଯାପନୀ ବକ୍ତବ୍ୟ ପ୍ରଦାନ ସହ ବାର୍ଷିକ କ୍ରୀଡାର ପରିସମାପ୍ତି ଘୋଷଣା କରିଥିବା ବେଳେ ଶିକ୍ଷକ ଜି କ୍ରିଷ୍ଣା ରେଡି ସଭା ପରିଚାଳନା କରିଥିଲେ ।

### ଜିଲ୍ଲାସ୍ତରୀୟ ସମ୍ମାନ କାର୍ଯ୍ୟକ୍ରମ

# ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ପାଇଁ ମାର୍ଗଦର୍ଶିକା ଶୀର୍ଷକ ସମ୍ମାନ

ଭବାନୀପାଟଣା, ୧୬ ।୧(ସମିସ)



ସାମ୍ପ୍ରତିକ ସମାଜରେ ବିଶୃଙ୍ଖଳିତ ବ୍ୟବସ୍ଥା, ରାଜନୈତିକ ଅନାଦର୍ଶ ଓ ଅର୍ଥନୈତିକ ତାରତମ୍ୟ ବିକାଶ ପାଇଁ ପ୍ରତିବନ୍ଧକ ସାଜିଥିବାବେଳେ ତାହାକୁନେଇ କଟାକ୍ଷ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । କିନ୍ତୁ ସାମାଜିକ ଜୀବନରେ ଦୃଢ଼ ମନୋବଳ କୌଶଳ ଏବଂ ଦକ୍ଷତା କ୍ଷେତ୍ରରେ ପ୍ରଶାସନିକ ଓ ବ୍ୟକ୍ତିଗତ ସ୍ତରରେ ଜିଜ୍ଞାସା ବୃଦ୍ଧି ଘଟିଲେ ବିକାଶର ସ୍ୱପ୍ନ ଦେଖିବା ସମ୍ଭବ । କୁହାଯାଏ କଳାହାଣ୍ଡି ଜିଲ୍ଲାର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ପାଇଁ ଜିଲ୍ଲାବାସୀଙ୍କ ମଧ୍ୟରେ ଥିବା ପ୍ରତିଭାର ଖୋଜ ସହିତ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସାମିଲ କରାଇବାକୁ ହେବ । ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ବିଷୟବସ୍ତୁ ଓ ପ୍ରସଙ୍ଗକୁ ନିରନ୍ତର ବିକାଶ ପ୍ରକ୍ରିୟାରେ ଅଗ୍ରାଧିକାର ଦିଆଗଲେ ଏ ଜିଲ୍ଲାର ଗୌରବ ବୃଦ୍ଧି ପାଇବ । ମୁଖ୍ୟତଃ ଏ ଜିଲ୍ଲାର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବୈଭବ କୃଷି ଉପରେ ନିର୍ଭରଶୀଳ ଥିବାବେଳେ ଏଥିପାଇଁ ଏକ ସୁଚିନ୍ତିତ ରୂପରେଖ ପ୍ରସ୍ତୁତି ଓ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଲେ ଆଗାମୀ ଦିନରେ ଏହା ସାରା ବିଶ୍ୱ ପାଇଁ ଉଦାହରଣୀୟ ହେବ । ଏଥିପାଇଁ ତୃଣମୂଳ ସ୍ତରରୁ ଉଦ୍ୟମ ଆରମ୍ଭ କରାଯାଇ ଏକ ବୃହତ୍ତର ଉଦ୍ଦେଶ୍ୟରେ ବିନିଯୋଗ କରିବା ସହିତ ସାମୁହିକ ଯୋଗଦାନର ମନୋଭାବ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି । ଏ ଦିଗରେ କେବଳ ସରକାରୀ, ପ୍ରଶାସନିକ ସ୍ତରରେ ନୁହେଁ ଜିଲ୍ଲାର ପ୍ରତ୍ୟେକ ବ୍ୟକ୍ତିଙ୍କ ନାଗରିକ ଦାୟିତ୍ୱ ନିର୍ବାହ କରିବାକୁ ପ?ିବ ବୋଲି ୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୬ ଅବସରରେ ଆଜି ଜିଲ୍ଲାସ୍ତରୀୟ ସମ୍ମାନ କାର୍ଯ୍ୟକ୍ରମରେ ଅତିଥିମାନେ ବକ୍ତବ୍ୟ ରଖିଛନ୍ତି । ଆଜି ସ୍ଥାନୀୟ ଟାଉନହଲଠାରେ କଳାହାଣ୍ଡିର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶର ମାର୍ଗଦର୍ଶିକା ଶୀର୍ଷକ ସମ୍ମାନ ଆୟୋଜିତ ହୋଇଥିଲା । କଳାହାଣ୍ଡି ଉତ୍ସବ ସମ୍ମାନ ଉପସମିତିର ଅଧ୍ୟକ୍ଷ ତଥା ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସମ୍ମାନ ଉପସମିତିର ନୋଡାଲ ଅଧିକାରୀ ତଥା ଭବାନୀପାଟଣା ବିଡିଓ ଚନ୍ଦନ କୁମାର ଭୋଇ, ଉପସମିତିର ସହଅଧ୍ୟକ୍ଷ ସୀମାଞ୍ଚଳ ମିଶ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ବାଲଗୋପାଳ ସେବା ନିକେତନର ଛାତ୍ରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ବିଧିବଦ୍ଧ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଡ.ସଞ୍ଜିତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପସମିତିର ଆବାହକ ଡ. ଉମେଶ ଚନ୍ଦ୍ର ଶତପଥି ସଭା ପରିଚାଳନା କରିଥିଲେ । ଆଲୋଚକ ଭାବେ ଥୁଆମୂଳ ରାମପୁରସ୍ଥିତ ମାଆ ମାଣିକେଶ୍ୱରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ଓ ଚସ୍ମିତ କୌର ଯୋଗଦେଇ କଳାହାଣ୍ଡିର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶର ମାର୍ଗଦର୍ଶିକା ଶୀର୍ଷକରେ ତଥ୍ୟପୂର୍ଣ୍ଣ ଓ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ଦୀନବନ୍ଧୁ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ମାନ ଉପସମିତିର ସହ-ଆବାହକ ଶେଷଦେବ ମିଶ୍ର, ସଦସ୍ୟ ସୁଢଳଦେବ ମୁଣ୍ଡ, ଦୁର୍ଗାପ୍ରସାଦ ବେହେରା, ବିଜୟ ପାତ୍ର, ସୁଧାଂଶୁ ନନ୍ଦ, ଅଶୋକ ମୁଣ୍ଡ, ଭାଗବତ ମହାପାତ୍ର, ନିରଞ୍ଜନ ଯୋଶୀ, ପ୍ରତାପ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଧାନଭର୍ତ୍ତି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ



ବଲାଙ୍ଗିର,୧୬।୧(ସମିସ): ବଲାଙ୍ଗିର ସହରରେ ଏକ ଧାନଭର୍ତ୍ତି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗୁରୁବାର ରାତିରେ ଏହି ଦୁର୍ଘଟଣା ଘଟିଛି। ବଲାଙ୍ଗିର ଟାଉନ ଥାନା ପାଖରେ ଥିବା ଏକ ପେଟ୍ରୋଲ ଟ୍ୟାଙ୍କ ସାମ୍ନାରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାଡେଇ ହୋଇ ଟ୍ରକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏକ ମଣ୍ଡିରୁ ଧାନ ନେଇ ଗାଡିଟି ମିଲ୍‌କୁ ଯାଉଥିଲା।

## ଲୋଇସିଂହାରେ ବାଇକ୍ ଚୋରି ଅଭିଯୋଗ

ଲୋଇସିଂହା,୧୬।୧(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଞ୍ଚଳରେ ପୁଣି ଏକ ବାଇକ୍ ଚୋରି ଅଭିଯୋଗ ହୋଇଛି। କିଛି ଦିନ ହେଲା ଏହି ଥାନା ଅଧୀନ ବିଭିନ୍ନ ଅଞ୍ଚଳରୁ ଚୋରି ଅଭିଯୋଗ ସାମ୍ନାକୁ ଆସୁଛି। ଗୁରୁବାର ରାତିରେ ଥାନାଠାରୁ ମାତ୍ର କିଛି ମିଟର ଦୂରରେ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଜଣେ ବ୍ୟବସାୟୀ ନିଜ ବାଇକକୁ ସବୁଦିନ ଭଳି ଘର ନିକଟରେ ଥିବା ଏକ ପିଣ୍ଡିରେ ରଖି ଶୋଇବାକୁ ଯାଇଥିଲେ। ସକାଳୁ ଉଠି ଦେଖିବା ସମୟରେ ସେହି ସ୍ଥାନରେ ତାଙ୍କ ବାଇକଟି ନ ଥିଲା। ବହୁ ଖୋଜାଖୋଜି କରିଥିଲେ। ନ ମିଳିବାରୁ ସେ ଲୋଇସିଂହା ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

### ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ମାମଲା

# ଯାତ୍ରା ଉଦ୍‌ଘାଟନ କରି ବିବାଦରେ ଫାଣ୍ଡି ଅଧିକାରୀ

ବଲାଙ୍ଗିର,୧୬।୧(ସମିସ)

ବଲାଙ୍ଗିର ସଦର ଥାନା ଅଞ୍ଚଳରେ ବିବାଦୀୟ ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଏବଂ ଏହି ଘଟଣାରେ ୨ ଜଣ ଆୟୋଜକ ଗିରଫ ଘଟଣା ଏକ ଭିନ୍ନ ମୋଡ ନେଇଛି। ସଦର ଥାନା ଚନ୍ଦନଭାଟି ଫାଣ୍ଡି ଅଧିକାରୀ ରଞ୍ଜିତ ପଧାନ ହିଁ ଏହି ଯାତ୍ରା ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ରିପୋର୍ଟ ବଳରେ ସଦର ଥାନାରେ ମାମଲା ରୁଜୁ ହୋଇଛି ଏବଂ ୨ ଜଣ ଆୟୋଜକ ଗିରଫ ହୋଇଛନ୍ତି। ଅଶ୍ଳୀଳ ନୃତ୍ୟ ଚାଲିଥିବା ବେଳେ ନିଜେ ସେ ଉପସ୍ଥିତ ରହି ତାହା ଉପଭୋଗ ମଧ୍ୟ କରିଥିଲେ। ପରେ କିନ୍ତୁ କାହିଁକି ଓ କାହା ନିର୍ଦ୍ଦେଶରେ ଲିଖିତ ରିପୋର୍ଟ କରିଥିଲେ ତାହା ଏବେ ବଡ଼ ପ୍ରଶ୍ନ। ତେବେ ଏହି ଘଟଣା ପରେ ବଲାଙ୍ଗିର ପୁଲିସ ପ୍ରତି ଲୋକଙ୍କ ପ୍ରଶ୍ନ ଉଠିଛି। ଖାକିର ଭାବମୂର୍ତ୍ତି ସ୍ୱଚ୍ଛ ରଖିବାକୁ ଜିଲ୍ଲା ପୁଲିସ ଯଥା ସମ୍ଭବ ଉଦ୍ୟମ କରିଛି। କେବଳ ଉଦ୍ୟମ କରିନି; ବରଂ ରାତିରାତି ଚନ୍ଦନଭାଟି ଫାଣ୍ଡି ଅଧିକାରୀଙ୍କୁ ବେରାଶ ବଦଳି କରିଛି।

ଶ୍ରୀ ପଧାନ ଗତ କିଛି ଦିନ ହେଲା ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦ ଘେରରେ ରହିଛନ୍ତି। ଚନ୍ଦନଭାଟିରେ ଚାଲିଥିବା ଯାତ୍ରା ପେଣ୍ଡାଲରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରାଯାଉଥିବା ନେଇ ସେ ରିପୋର୍ଟ ପ୍ରଦାନ କରିଥିଲେ। ଦୁଇ ଆୟୋଜକଙ୍କୁ ଗିରଫ କରି ଚର୍ଚ୍ଚାକୁ ଆସିଥଲେ।

- ବିବାଦୀୟ ବାବୁଙ୍କ ପାଇଁ ବଦନାମ ବଲାଙ୍ଗିର ପୁଲିସ
- ତରବରିଆ ଭାବେ ବୈରାଶର ଅଞ୍ଚଳକୁ ବଦଳି
- ପୁଲିସର ଭାବମୂର୍ତ୍ତି ସ୍ୱଚ୍ଛ ଦେଖାଇବାକୁ ଉଦ୍ୟମ
- ନିଶାଙ୍କୁ ଗିରଫ ପାଇଁ ଖୋଜୁଛି ପୁଲିସ



ଏବେ ନିଜେ ସେ ଏଥିରେ ବିବାଦୀୟ ହୋଇଛନ୍ତି। ଗତ ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଚନ୍ଦନଭାଟିରେ ଯାତ୍ରା ଅନୁଷ୍ଠିତ ହୋଇଥଲା। ଏହାକୁ ନିଜେ ସେ ଉଦ୍‌ଘାଟନ କରିଥିଲେ। ଏପରିକି ୧୨ ତାରିଖରେ ଯାତ୍ରା ପେଣ୍ଡାଲରେ ଯେତେବେଳେ ନିଶା ମହାରଣା ସର୍ବସମ୍ମୁଖରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିଲେ ଶ୍ରୀ ପ୍ରଧାନ ଉପସ୍ଥିତ ରହି ଉପଭୋଗ କରିଥିଲେ। ଯାତ୍ରାକୁ ନିଜେ ଉଦଘାଟନ କରିବା ଅର୍ଥ ଏଥିପ୍ରତି ତାଙ୍କର ସମର୍ଥନ ରହିଥିଲା। ଯଦି ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା ସେ କାହିଁକି ଜଣକ ବାରଣ କଲେ ନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ତେବେ ୧୨ ତାରିଖରେ ହୋଇଥିବା ଏହି କାର୍ଯ୍ୟକ୍ରମ ବିରୋଧରେ ୧୪ ତାରିଖରେ ମାମଲା ରୁଜୁ ହୋଇଥିଲା। ୧୫ ତାରିଖରେ ୨ ଜଣ ଆୟୋଜକଙ୍କୁ ପୁଲିସ ଗିରଫ କରିଥିଲା। ଅନ୍ୟମାନେ ଫେରାର ଅଛନ୍ତି। ନିଶା ମହାରଣାଙ୍କୁ ଗିରଫ କରିବା ପାଇଁ ସଦର ପୁଲିସର ଏକ ଟିମ୍ ଗଠନ ହୋଇଛି। ସେ ମଧ୍ୟ ଫେରାର ଅଛନ୍ତି। ଏହି ମାମଲାରୁ ଖସିଯିବା ପାଇଁ ପୁଲିସ ତାଙ୍କୁ ଜାଣିଶୁଣି ସୁଯୋଗ ଦେଉନାହିଁ ତ ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

ଗୋଟିଏ ପଟେ ଫାଣ୍ଡି ଅଧିକାରୀ ଯାତ୍ରା ପେଣ୍ଡାଲର ଦୃଶ୍ୟ ଉପଭୋଗ କଲେ ଅନ୍ୟପଟେ ନିଜ ଚାକିରି ବଞ୍ଚାଇବା ପାଇଁ ମାମଲା ରୁଜୁ କରି ଆୟୋଜକଙ୍କୁ ଗିରଫ କରିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଛତିଶଗଡରେ ସାହୁ ଭାଉଜଙ୍କ ଏହିଭଳି ପ୍ରଦର୍ଶନକୁ ନେଇ ମାମଲା ରୁଜୁ ହେବା ପରେ ସେଠାରେ ଉପସ୍ଥିତ ଥିବା ଜଣେ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଥିଲା। ଏହି ମାମଲାରେ ଶ୍ରୀ ପ୍ରଧାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନା ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। କିଛି ଦିନ ପୂର୍ବରୁ ଶ୍ରୀ ପ୍ରଧାନ ଏକ ଚୋରି ମାମଲାରେ ଚୋରଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ନେଇ ଶତାଧିକ ଗ୍ରାମବାସୀ ଏସ୍‌ପି ଅଫିସ ଘେରଉ କରିଥିଲେ। ଏପରିକି କିଛି ବ୍ୟକ୍ତି ତାଙ୍କୁ ଟଙ୍କା ଦେଇ ଚନ୍ଦନଭାଟିରେ ମଦ ବିକ୍ରି ହେଉଥିବା ନେଇ ମଧ୍ୟ ଅଭିଯୋଗ ଆଣିଥିଲେ। ତେବେ ଏହିଭଳି ଜଣେ ବିବାଦୀୟ ଅଧିକାରୀଙ୍କ ବିରୋଧରେ ପୁଲିସ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ତାହା ସବୁଠାରୁ ବଡ ପ୍ରଶ୍ନ ସୃଷ୍ଟି କରିଛି।

### ● ଖରିଫ ବିପଣନ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ

## ୩ ଦିନ ଭିତରେ ଟଙ୍କା ପାଇବେ ମାଣ୍ଡିଆ ଚାଷୀ




ବଲାଙ୍ଗିର,୧୬।୧(ସମିସ): ସ୍ଥାନୀୟ ଖଣ୍ଡୀୟ ବନ ଅଧିକାରୀଙ୍କ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଣ୍ଡିଆ ବିକ୍ରିର ୩ ଦିନ ଭିତରେ ଚାଷୀଙ୍କ ବ୍ୟାଙ୍କ ଖାତାରେ ପ୍ରାପ୍ୟ ପ୍ରଦାନ ପାଇଁ କୁହାଯାଇଛି।

ଚଳିତ ଖରିଫ ବିପଣନ ୨୦୨୫-୨୬ ଋତୁ ପାଇଁ ମାଣ୍ଡିଆ, ଡାଲି ଏବଂ ତୈଳବୀଜ ଜାତୀୟ ଫସଲର କ୍ରୟ ନିମନ୍ତେ ଏହି ବୈଠକ ବସିଥିଲା। ଜିଲ୍ଲାପାଳ ଗୌରଓ ଶିୱାଜୀ ଇସଲୱାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ ପଟେଲ ଏବଂ ଟିଟିଲାଗଡ଼ ଉପ-ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂହ ବରିହା ଶ୍ରୀ ଅନ୍ନ ଅଭିଯାନ ଓ ଅନ୍ୟ ଯୋଜନାର ତଥ୍ୟ ଉପସ୍ଥାପନ କରିଥିଲେ। ୨୧ଟି ମଣ୍ଡିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ୍ ପ୍ରତି ୪,୮୮୬ ଟଙ୍କା ହିସାବରେ ବଙ୍ଗୋମୁଣ୍ଡା, ମୁରିବାହାଲ, ତୁରେଇକେଲା, ଖପ୍ରାଖୋଲ, ପାଟଣାଗଡ଼, ଟିଟିଲାଗଡ ଓ ବେଲପଡାରେ ୧୯ ତାରିଖରୁ ସାପ୍ତାହିକ ୩ ଦିନ ମଣ୍ଡି ଖୋଲାଯାଇ ୨୪,୯୫୨ କ୍ୱିଣ୍ଟାଲ୍ ମାଣ୍ଡିଆ କ୍ରୟ ପାଇଁ ସ୍ଥିର କରାଯାଇଛି। ବ୍ଲକସ୍ତରୀୟ କ୍ରୟ ସଂସ୍ଥାଗୁଡିକୁ ବ୍ଲକଗୁଡିକର ନିର୍ଦ୍ଧାରିତ ଲକ୍ଷ୍ୟ ପରିମାଣର ଏଫଏକ୍ୟୁ ମାନର ମାଣ୍ଡିଆ କ୍ରୟ କରିବା ପାଇଁ ପରାମର୍ଶ ଦିଆଯାଇଛି। ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ମାଣ୍ଡିଆ ଉତ୍ପାଦନ ହେଉଥିବା ଜିଲ୍ଲାର ୭ଟି ବ୍ଲକକୁ ମାଣ୍ଡିଆ ସହିତ ଡାଲି ଓ ତୈଳ ଜାତୀୟ ଶସ୍ୟଗୁଡିକର ଉତ୍ପାଦନ ବୃଦ୍ଧି କରିବା ଦିଗରେ ଅଧିକ ପ୍ରାଧାନ୍ୟ ଦେବାକୁ ଉପ-ମୁଖ୍ୟମନ୍ତ୍ରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ଜିଲ୍ଲାରେ ରପ୍ତାନୀ ମାନର ଶସ୍ୟ ଉତ୍ପାଦନ କରିବାକୁ ଆଲୋଚନା କରିଥିଲେ। ମଣ୍ଡିରେ ଚାଷୀଙ୍କ ମାଣ୍ଡିଆ ବିକ୍ରି ପାଇଁ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ଆଲୋଚନା କରଯାଇଥିଲା।

### ■ ଅଲ୍ ଓଡ଼ିଶା ବ୍ୟାଡମିଣ୍ଟନ ପ୍ରତିଯୋଗିତା

## ଟିଟିଲାଗଡ଼କୁ ହରାଇ ଭୁବନେଶ୍ୱର ବିଜୟୀ




ଟିଟିଲାଗଡ଼,୧୬।୧(ସମିସ): ଟିଟିଲାଗଡ଼ ଲାୟନ୍ସ ଓ ଲିଓ କ୍ଲବ୍ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ତନ୍ମୟ ସାହୁ, ଅଭିଜିତ ମହାରଣା ଏବଂ ଟିଟିଲାଗଡ଼ର ମହମ୍ମଦ ଇରଫାନ ଓ ସରୋଜ ଭୋଇଙ୍କ ମଧ୍ୟରେ ହୋଇଥିଲା। ଭୁବନେଶ୍ୱର ଟିମ୍ ବିଜୟୀ ହୋଇଛନ୍ତି। ଏଥିରେ ବିଧାୟକ ନବୀନ ଜୈନ, ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ମମତା ଗୌତମ, ପ୍ରଶାନ୍ତ ଷଡ଼ଙ୍ଗୀ, ପଙ୍କଜ ଅଗ୍ରୱାଲ, ବିନ୍ଦୁ ସାହୁ, ଈଶ୍ୱର ଜୈନ, ଲାୟନ୍ସ କ୍ଲବ ସଭାପତି ସଞ୍ଜୟ ସୋନି, ସମ୍ପାଦକ ପଙ୍କଜ ନାମଦେବ, ଯମୁନା ପ୍ରସାଦ ଗୋଏଲ, ଲାୟନ୍ସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମମତା ଗୌତମ, ସୀମା ଗୋଏଲ, କ୍ଲବ ସଭାପତି ସଞ୍ଜୟ ସୋନି, ପ୍ରମୋଦ ପ୍ରଧାନ, ଗଙ୍ଗାଧର ଶର୍ମା, କ୍ଲବ ସମ୍ପାଦକ ପଙ୍କଜ ନାମଦେବ, କୋଷାଧ୍ୟକ୍ଷ ବିନୟ ଜୈନ, ଲିଓ କ୍ଲବ ସଭାପତି ପ୍ରତ୍ୟୁଷ ସାହୁ, ନରେଶ ଜୈନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅସୀମ କୁଣ୍ଡୁ ମଞ୍ଚ ପରିଚାଳନା କରିଥିଲେ। ଶୈଳେଶ ଗୋଏଲ ମଞ୍ଚ ପରିଚାଳନା କରିଥିଲେ। ନୀରୋଜ ପଟ୍ଟନାୟକ ଓ ସଞ୍ଜୟ ବଂସଲ ସହଯୋଗ କରିଥିଲେ।

## ଯମୁନାରେ ମକର ମେଳା ମହୋତ୍ସବ



ମୁରିବାହାଲ, ୧୬।୧(ସମିସ): ହଳଦୀ ପଞ୍ଚାୟତ ଯମୁନା ଗ୍ରାମ ପାହାଡ ଉପରେ ମକର ମେଳା ମହୋତ୍ସବ ଓ ଷୋହଳ ପ୍ରହରି ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। କର୍ତ୍ତା ରୂପେ ଆୟୋଜକ କମିଟି ସଭାପତି ନିତ୍ୟାନନ୍ଦ ମହାକୁର ଓ ତାଙ୍କ ପତ୍ନୀ ସୁଚିତା ମହାକୁର ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ରୂପେ ଦାଶରଥି ଷଡ଼ଙ୍ଗୀ, ଜପକ ଭାବେ ଦୁର୍ଯୋଧନ ପାଣିଗ୍ରାହୀ, ଷଡ଼ବୈଷ୍ଣବ ରୂପେ ବ୍ରଜମୋହନ ମହାକୁର, ଦେବେନ୍ଦ୍ର ପଧାନ, ନଟବର ମେର୍ଲି, ରାଏଧର ଶିକା, ଉଦ୍ଧାଧର ମହାକୁର, ଯେହେରୁ ମହାକୁର, ବସନ୍ତ ପଧାନ, ପ୍ରସନ୍ନ କର୍ମୀ ଓ ଲଳିତ ସାହୁ ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ମହୋତ୍ସବରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ତହସିଲଦାର ଜଗଦୀଶ କର୍ତ୍ତାମୀ, ବିଡ଼ିଓ ବାସନ୍ତୀ ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ଗୋପୀନାଥ ପାଣିଗ୍ରାହୀ, ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ନିରୁପମା ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

## ସୁବର୍ଣ୍ଣପୁର ଜିଲ୍ଲାର ବ୍ଲକ୍, ଏନ୍‌ଏସି ବିଜେଡି ସଭାପତିଙ୍କ ନାମ ଘୋଷଣା

ବୀରମହାରାଜପୁର,୧୬।୧(ସମିସ): ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଦଳର ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ନଗର ସଭାପତିମାନଙ୍କ ନାମ ଘୋଷଣା କରାଯାଇଛି। ଶୁକ୍ରବାର ଏ ନେଇ ଦଳ ପକ୍ଷରୁ ବରିଷ୍ଠ ଉପ ସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଦସ୍ତଖତରେ ଏକ ଚିଠି ପ୍ରକାଶ ପାଇଛି। ବୀରମହାରାଜପୁର ବ୍ଲକ୍ ବିଜେଡ଼ି ସଭାପତି ଭାବେ ସୁରୁନାରାୟଣ ମହାକୁର, ଉଲୁଣ୍ଡା ବ୍ଲକ୍ ପାଇଁ ଝସକେତନ ବଘାର, ବିନିକା ବ୍ଲକ୍ ପାଇଁ ଦ୍ୱାରିକାନାଥ ସାହୁ, ବିନିକା ଏନଏସି ପାଇଁ ସୋମନାଥ ମିଶ୍ର, ସୋନୁପୁର ପୌରାଞ୍ଚଳ ପାଇଁ ଜନ୍ମେଜୟ ପାତ୍ର, ସୋନପୁର ବ୍ଲକ୍ ପାଇଁ ଶଙ୍କର ପ୍ରସାଦ ସା, ଡୁଙ୍ଗୁଲିପାଲି ବ୍ଲକ୍ ପାଇଁ ହିମାଂଶୁ ଶେଖର ବିଶ୍ୱାଳ, ତରଭା ବ୍ଲକ୍ ପାଇଁ ହେମନ୍ତ ସାହୁ ଏବଂ ତରଭା ଏନଏସି ଲାଗି ଗଗନ କୁମାର ଅଗ୍ରୱାଲଙ୍କୁ ସଭାପତି ଭାବେ ଦଳ ପକ୍ଷରୁ ଦାୟିତ୍ୱ ଦିଆଯାଇଛି।

## ପରିବେଶ ପାଇଁ ପୋଷଣୀୟ ଜୀବନଶୈଳୀ ପ୍ରଦର୍ଶନୀ

ବେଲପଡା,୧୬।୧(ସମିସ): ଯୁବା ଗାଁ ର ଡିଏସପି ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ପରିବେଶ ପାଇଁ ପୋଷଣୀୟ ଜୀବନଶୈଳୀ ପଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ସର୍ଗିଗୁଡ଼ା ସରକାରୀ ଉ.ପ୍ରା ବିଦ୍ୟାଳୟର ବିକାଶ ଥପା, ଧୁମାଭଟା ବାଣୀଶ୍ରୀ ଉଚ୍ଚ ବିଦ୍ୟାଳୟର ରାଜା ବନଗୁଲା କପାଣି ଉଚ୍ଚ ବିଦ୍ୟାଳୟର ମାନସ ରଞ୍ଜନ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଗୋପାଳ ମେହେର, ବେଲପଡା ବିଇଓ ଅବିନାଶ ମିଶ୍ର, ଚତୁର୍ଭୁଜ ମିର୍ଦ୍ଧା, ସରପଞ୍ଚ ସୁଷମା ସେଠ, କ୍ଷୀରସିନ୍ଧୁ ମଳିକ, ବିଜ୍ଞାନ ସଂଯୋଜକ ସୁଶାନ୍ତ ନାଏକ ଏବଂ ଆବାହକ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

## ମାଧିଆପାଲିରେ ମାହେଶ୍ୱରୀ ସଂଗଠନର ଶାଖା



ବଲାଙ୍ଗିର,୧୬।୧(ସମିସ): ମାଧିଆପାଲି ପଞ୍ଚାୟତରେ ମାହେଶ୍ୱରୀ ସଂଗଠନର ଏକ ଶାଖା ଶୁଭାରମ୍ଭ ହୋଇଛି। ସଂଯୋଜକ ଭାବେ ସୂର୍ଯ୍ୟକାନ୍ତ ନାଏକ ଏବଂ ସହସଂଯୋଜକ ଭାବେ ସମୀର ପଟେଲଙ୍କୁ ଦାୟିତ୍ୱ ଦିଆଯାଇଛି। ଉପଦେଷ୍ଟା ସୁରଜ ପଟେଲ, ପରି.ଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ, ସଭାପତି ଶୋଭନ ଅଗ୍ରୱାଲ, ସୋମେଶ ମିଶର, କରନ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବାଟବଣା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ

# ସମୟ ସରିଲାଣି; କାମ ସରିନି

ବଲାଙ୍ଗିର,୧୬।୧(ସମିସ)

ନିର୍ମାଣ କାମ ଚାଲିଛି ଯେ ଚାଲିଛି ସରିବାର ନାଁ ନେଉନାହିଁ। କେବେ କାମ ସରିବ ଆଉ ଲୋକେ ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ପାଇବେ ତାକୁ ନେଇ ଅନେଇ ବସିଛନ୍ତି। ବର୍ଷ ବର୍ଷ ଧରି ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ କାମ ସରୁନି। କେଉଁଠି ଓଭର ହେଡ ଟ୍ୟାଙ୍କ ନିର୍ମାଣ କାମ ସଂପୂର୍ଣ୍ଣ ହୋଇନି ତ ଆଉ କେଉଁଠି ଟାଙ୍କି କାମ ସରିଯାଇଛି; କିନ୍ତୁ ପାଇପ୍ କାମ ଅଧାରେ ଅଟକିଛି। ଆଉ କେଉଁଠି କାମ ପାଇଁ ରାସ୍ତା ନଷ୍ଟ ହୋଇଛି। ରାସ୍ତା ମରାମତି ନ କରି ଠିକାଦାର ଫେରାର ହୋଇଯାଇଛନ୍ତି। ଏମିତିରେ ଗୋଟିଏ ପଟେ ବିଭାଗୀୟ ମନ୍ତ୍ରୀ କାମ କରୁ ନ ଥିବା ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାରମ୍ବାର କହିଆସୁଛନ୍ତି। ସେହି ମନ୍ତ୍ରୀ ବଲାଙ୍ଗିର ଗସ୍ତରେ ବାରମ୍ବାର ଆସି ମଧ୍ୟ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି।

୨୦୨୨-୨୩ ଆର୍ଥିକ ବର୍ଷରେ ବଲାଙ୍ଗିର ଜିଲ୍ଲାରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ୧୫ଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ଏଥିପାଇଁ ଟେଣ୍ଡର ସରିବା ପରେ ଜିଲ୍ଲା ତଥା ରାଜ୍ୟ ବାହାରର ଠିକ ସଂସ୍ଥାଗୁଡ଼ିକ କାମ ମଧ୍ୟ ଆରମ୍ଭ କରିଥିଲେ। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାର ଲୋଇସିଂହା ଓ ଆଗଲପୁର ବ୍ଲକର ୧୪ଟି ପଞ୍ଚାୟତ ଅଧୀନ ୫୪ ଗାଁର ୧୩ ହଜାର ୬୪୧ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ମହାନଦୀରୁ ପାଣି ସଂଯୋଗ କରିବାର ବ୍ୟବସ୍ଥା କରାଯାଇଛି। ଏହି କାମକୁ ଏନସିସି ବା ନାଗାର୍ଜୁନ କନଷ୍ଟ୍ରକ୍ସନ କଂପାନୀ ସହିତ ଚୁକ୍ତି କରାଯାଇଛି। ୨୦୨୩ ଏପ୍ରିଲ ୨୮ ତାରିଖରେ ଚୁକ୍ତି ହୋଇଛି। ଏହି କାମକୁ ସଂପୂର୍ଣ୍ଣ କରିବା ସହ ହସ୍ତାନ୍ତର କରିବା ପାଇଁ ୨୦୨୫ ଏପ୍ରିଲ ୨୭ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ସମୟସୀମା ଭିତରେ ସମସ୍ତ କାମ ସାରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଏଯାଏଁ କାମ ସଂପୂର୍ଣ୍ଣ ହୋଇନାହିଁ। ଏହି ପାନୀୟ ଜଳ ପ୍ରକଳ୍ପରେ ସୋନପୁର ଜିଲ୍ଲା ମଣିଗାଁରେ ଇନଟେକ ୱେଲ ନିର୍ମାଣ କରାଯାଉଛି। ସେହିଠାରୁ ପାଣି ଆସି ଆଗଲପୁର ବ୍ଲକ ରଫାଖାଲଠାରେ ନିର୍ମାଣ ହେଉଥିବା ପାଣି ବିଶୋଧନ ପ୍ରକଳ୍ପ ୟୁନିଟରେ ପଡିବ। ସେଠାରୁ ବିଶୋଧନ ହେବା ପରେ ଲୋଇସିଂହା ଓ ଆଗଲପୁର ବିଭିନ୍ନ ପଞ୍ଚାୟତରେ ନିର୍ମାଣ ହୋଇଥିବା ଓଭରହେଡ ଟ୍ୟାଙ୍କକୁ ପାଣି ଯିବା ପରେ ସେହିଠାରୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଣ କରାଯିବ। ତେବେ ଏହି କାମରେ ମନ୍ଥରତା ଯୋଗୁଁ ଲୋକଙ୍କ ସମସ୍ୟା ତ ଦୂର ହୋଇନାହିଁ ଓଲଟି ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି। ଆଗଲପୁର ବଡଟିକାଠାରେ ନିର୍ମାଣାଧୀନ ଥିବା ଓଭର ହେଡ ଟ୍ୟାଙ୍କ ଅଧାରେ ପଡିରହିଛି। ଲୋଇସିଂହାରେ ତିଆରି ଓଭରହେଡ ଟ୍ୟାଙ୍କ କାମ ସଂପୂର୍ଣ୍ଣ ହୋଇଛି; କିନ୍ତୁ ତାହା ପରୀକ୍ଷା କରାଯାଇନାହିଁ। ସେହିପରି ଅନ୍ୟ ପଞ୍ଚାୟତରେ ମଧ୍ୟ ସମାନ ଅବସ୍ଥା। ଏହାବାଦ ଗାଁଗୁଡ଼ିକରେ ପାଇପ ବିଛାଇବା ପାଇଁ ରାସ୍ତା ଖୋଳି ନଷ୍ଟ କରିଦିଆଯାଇଛି। ଏହାକୁ ସଂପୃକ୍ତ ଠିକା ସଂସ୍ଥା ଠିକ ଭାବେ ମରାମତି କରିବା କଥା; କିନ୍ତୁ ତାହା ନ କରି ଠିକାଦାର ଫେରାର ହୋଇଯାଇଛନ୍ତି। ତେବେ ଏହି କାମ ପାଇଥିବା ଠିକା ସଂସ୍ଥା ନିଜେ କରୁ ନ ଥିବା ବେଳେ ଏହି କାମ ସବୁ ବାହାର ଜିଲ୍ଲାର ପେଟି ଠିକାଦାର କରୁଛନ୍ତି। ଏହା ଫଳରେ ମନଇଚ୍ଛା କାମ କରୁଥିବା ବେଳେ କାମ ଅଧାରେ ରଖି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏହା ଫଳରେ କେବେ କାମ ସରିବ ଓ କେବେ ଲୋକେ ପାଣି ପାଇବେ ତାହା କହିବା ମୁସ୍କିଲ। ପେଟି କଣ୍ଟ୍ରାକ୍ଟରମାନେ କାମ କରୁଥିବାରୁ ଯାହା କିଛି ଅନିୟମିତତା କଲେ ମଧ୍ୟ ବିଭାଗୀୟ ତାଗିଦକୁ ଖାତିର କରୁ ନ ଥିବା ଦେଖିବାକୁ ମିଳିଛି। କାମକୁ ନେଇ ଅଭିଯୋଗ ଆଣିଲେ ପଦକ୍ଷେପ ନେବା ବଦଳରେ ବିଭାଗୀୟ ଯନ୍ତ୍ରୀମାନେ ନିଜର ଅସହାୟତା ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଇଏତ କେବଳ ଲୋଇସିଂହା ଓ ଆଗଲପୁର ବ୍ଲକର ଅବସ୍ଥା। ଏହିଭଳି ଜିଲ୍ଲାର ପ୍ରାୟ ସବୁ ପ୍ରକଳ୍ପଗୁଡିକ ଅଧପନ୍ତରିଆ ହୋଇପଡିରହିଥିବା ବେଳେ ଏହି କାମକୁ ସମସୟସୀମା ଭିତରେ ସାରିବା ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ରାଜ୍ୟରେ ବିଜେପି ସରକାର ଆସିବା ପରେ ପାନୀୟ ଜଳ ପ୍ରକଳ୍ପ କାମରେ ଅବହେଳା କରୁଥିବା ଠିକା ସଂସ୍ଥା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଜେ ବିଭାଗୀୟ ମନ୍ତ୍ରୀ କହିଥିଲେ। ଏନେଇ ବିଧାନସଭାରେ ବାରମ୍ବାର ଉତ୍ତର ରଖୁଛନ୍ତି। ସେହି ମନ୍ତ୍ରୀ ବଲାଙ୍ଗିର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହୁଥିବା ବେଳେ ୨ ବର୍ଷରେ ଏକାଧିକ ଥର ଜିଲ୍ଲା ଗସ୍ତ ମଧ୍ୟ କରିଛନ୍ତି; କିନ୍ତୁ ଦୁର୍ଭାଗ୍ୟ ଏନେଇ ସେ ନା ସମୀକ୍ଷା କରିଛନ୍ତି ନା ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାକୁ ତାଗିଦ କରିଛନ୍ତି। ଏହାର ସୁଯୋଗ ନେଇ ମନଇଚ୍ଛା କାମ କରାଯାଉଥିବା ଅଭିଯୋଗ ହୋଇଛି। ତେବେ ପାନୀୟ ଜଳ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନି।



- କାମ ଛାଡି ଠିକାସଂସ୍ଥା ଫେରାର
- ଲୋକ ଅନେଇଛନ୍ତି କେବେ ସରିବ କାମ

### ● ସର୍ବଭାରତୀୟ ପାଟଣା କପ୍

## ବନାରସକୁ ହରାଇ ସେମିରେ ରାଜସ୍ଥାନ




ପାଟଣାଗଡ଼,୧୬।୧(ସମିସ): ସ୍ଥାନୀୟ ରମାଇ ହାଇସ୍କୁଲ ପଡିଆରେ ଚାଲିଥିବା ୨୧ତମ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ପୁଲ ବିର ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ ବନାରସ ଓ ରାଜସ୍ଥାନର ମେୱାର ୧୧ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମେୱାର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୩୦ ଓଭରରେ ମେୱାର ୯ ୱିକେଟ ହରାଇ ୩୦୦ ରନ୍ ସଂଗ୍ରହ କରିଥିଲା।

ଜବାବରେ ବନାରସ ଦଳ ୨୫.୫ ଓଭରରେ ସମସ୍ତ ୱିକେଟ ହରାଇ ୧୬୨ ରନ୍ କରିପାରିଥିଲା। ଏହାଫଳରେ ମେୱାର ଦଳ ବିଜୟୀ ହୋଇ ପୁଲ୍ ବିରୁ ସେମିଫାଇନାଲରେ ପ୍ରବେଶ କରିଛି। ମେୱାର ଦଳର କରନ ସିଂ ରାଣାୱତ ୪୬ ବଲରେ ୯୧ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ଅଭିଲାଷ ଜି ଯୋଗ ଦେଇଥିଲେ। ଅମିତ ରାଉତ ସ୍କୋରର ଥିଲେ। ଅଂଶୁମାନ ହୋତା ଓ ସରୋଜ ମାଝୀ ଧାରା ବିବରଣୀ ଦେଇଥିଲେ। ଅସିତ ପଟ୍ଟନାୟକ ଓ ପ୍ରତାପ ପାତ୍ର ରେଫରୀ ଦାୟିତ୍ୱ ତୁଲାଇଥିଲେ। ପାଟଣା କପ୍ ଆୟୋଜକ କମିଟି ସଭାପତି ମୁନା ମହାନ୍ତି, ଆୟୋଜକ ସମ୍ପାଦକ ନନ୍ଦନ ଠାକୁର, ସମ୍ପାଦକ ରାଜେନ୍ଦ୍ର ସେଠ, ସହ ସମ୍ପାଦକ ରାଣା ଚିନ୍ଦା ପ୍ରମୁଖ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସମ୍ଭାବନା ଦୁଇଟି। ଆମେ ବିଶ୍ୱ ବ୍ରହ୍ମାଣ୍ଡରେ ଏକା ଅଛୁ କିମ୍ବା ଏକା ନାହୁଁ! ଉଭୟ ସ୍ଥିତି ଅତି ଭୀତିପ୍ରଦ!

-କାର୍ଲ ସାଗାନ୍

## ମଦର ଆଦର ଧାନରେ ନାହିଁ

ଆମରାଜ୍ୟରେ ଚାଷୀଙ୍କ ଆର୍ଥିକ ସ୍ୱଚ୍ଛଳତା ଜାତୀୟ ଦୃଶ୍ୟପଟ୍ଟ ଦୃଷ୍ଟିରୁ ବିଚାର କଲେ ଅତି ଦୟନୀୟ। ଜାତୀୟସ୍ତରରେ ଚାଷୀଙ୍କ ଆୟ ତାଲିକାର ସର୍ବନିମ୍ନରେ ଝାଡ଼ଖଣ୍ଡ ଥିବାବେଳେ ତା'ଠାରୁ ମାତ୍ର ଗୋଟିଏ ପାହାଚ ଆଗରେ ଅଛି ଓଡ଼ିଶା। କିନ୍ତୁ ଚାଷୀଙ୍କଠାରୁ ଧାନ ସଂଗ୍ରହରେ ଆମ ରାଜ୍ୟରେ ଯେଭଳି ଅନିୟମିତତା ଲାଗି ରହିଛି ସେଥିରୁ ସରକାରଙ୍କ ଆଭିମୁଖ୍ୟ ବାରି ହୋଇପଡୁଛି। ଚାଷୀଙ୍କୁ ନ୍ୟାୟ ଦେବାରୁ ବଞ୍ଚିତ କରୁଥିବା ସରକାର ସେମାନଙ୍କ ଆୟବୃଦ୍ଧି ନେଇ କେତେଦୂର ସଚେତନ ତାହା ସହଜରେ ଅନୁମେୟ। ଧାନର କ୍ୱିଣ୍ଟାଲ ପିଛା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଇନ୍‌ପୁଟ୍ ସବ୍‌ସିଡି (ବୋନସ) ୮ ଶହ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ସରକାର ନିଜ ଘୋଷିତ ନୀତିରୁ ଓହରି ଯାଇଛନ୍ତି। ପ୍ରଥମ ବର୍ଷ ଧାନ ସଂଗ୍ରହ ବେଳେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ଦେଇ ପ୍ରତିଶ୍ରୁତି ରକ୍ଷାର ଯେଉଁ ପ୍ରଚାର ଓ ପ୍ରସାର ସରକାର କରିଥିଲେ ସେଥିରୁ କାହିଁକି ଓହରି ଗଲେ ତାହା ସ୍ପଷ୍ଟ ହେଉନାହିଁ। ଏଠାରେ ସୂଚାଇ ଦିଆଯାଇପାରେ କି କେନ୍ଦ୍ର ସରକାର ଧାନର କ୍ୱିଣ୍ଟାଲ ପିଛା ଏମଏସପି ମୂଲ୍ୟ ୬୯ ଟଙ୍କା ବଢ଼ାଇବାରୁ ମନେ ହେଲା ତାହା ଉପରେ ୮ ଶହ ଟଙ୍କା ବୋନସ ଚାଷୀ ପାଇବେ। ଅଥଚ ଏବର୍ଷ ଖରିଫ ଧାନ ସଂଗ୍ରହ ଆରମ୍ଭରୁ ବୋନସ ୮୦୦ ଟଙ୍କାରୁ ବର୍ଦ୍ଧିତ ମୂଲ୍ୟ ୬୯ ଟଙ୍କା ବାଦ ଦେଇ ତାହାକୁ ୭୩୧ ଟଙ୍କାରେ ସୀମିତ ରଖାଗଲା। ପରବର୍ତ୍ତୀ ପର୍ଯ୍ୟାୟରେ ବଡ଼ ଚାଷୀଙ୍କ ଠାରୁ ୧୫୦ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧାନକ୍ରୟ କ୍ଷେତ୍ରରେ ଏହି ୭୩୧ ଟଙ୍କା ବୋନସ ମିଳିବ ନାହିଁ ଘୋଷଣା କରାଗଲା। ଦୁଇ ମାସ ହେଲା ମଣ୍ଡିଖୋଲିବା ଆରମ୍ଭ ହୋଇଥିଲେ ମଧ୍ୟ ଧାନ ସଂଗ୍ରହ ବ୍ୟବସ୍ଥା ଏପର୍ଯ୍ୟନ୍ତ ସ୍ୱାଭାବିକ ହୋଇନାହିଁ। ସବୁଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିନଥିବାରୁ ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

୮୦୦ ଟଙ୍କା ବୋନସ ପ୍ରଦାନକୁ ପ୍ରଚାରର ଅସ୍ତ୍ରକରି ପ୍ରଶଂସା ସାଉଁଟୁ ଥିବା ସରକାରଙ୍କ ପାଇଁ ଧାନ ସଂଗ୍ରହ ଏବେ ବୋଝ ହୋଇପଡ଼ିଥିବା ଭଳି ମନେ ହେଉଛି। ଏ ବାବଦରେ ସରକାର ସମ୍ମୁଖୀନ ହେଉଥିବା ଅତିରିକ୍ତ ବ୍ୟୟ ଭାର କେଉଁ ସୂତ୍ରରୁ ଭରଣା କରିବେ ତାହାର ବାଟ ଖୋଜି ପାଉ ନ ଥିବାରୁ ବଜେଟ ପୂର୍ବରୁ ଏଭଳି ଏକ ଅପ୍ରିୟ ନିଷ୍ପତ୍ତି ନେବାକୁ ପଡ଼ିଛି। ଅଥଚ ମଦ ବିକ୍ରିକୁ ପ୍ରୋତ୍ସାହନ ଦେଇ ସରକାର ଅବକାରୀ ରାଜସ୍ୱ ବଢ଼ାଇବାକୁ ଗୁରୁତ୍ୱ ଦେଇଛନ୍ତି। ଲାଇସେନ୍ସବ୍ରାଣ୍ଡି ଡିଲର ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ମଦବିକ୍ରି କଲେ ଓଡ଼ିଶା ବେଭେରେଜ୍ କର୍ପୋରେସନ ପକ୍ଷରୁ ପୁରସ୍କୃତ କରାଯାଉଛି। ଗୋଟିଏ ପଟେ ଚାଷୀଙ୍କ ବୋନସ ଅର୍ଥ କଟା ଯାଉଥିବା ବେଳେ ମଦବେପାରୀଙ୍କୁ ପୁରସ୍କାର ମାଧ୍ୟମରେ ପ୍ରୋତ୍ସାହିତ କରିବା କିଭଳି ଜନହିତକର ନିଷ୍ପତ୍ତି ତାହା ରାଜ୍ୟବାସୀଙ୍କ ବିଚାରସାପେକ୍ଷ। କହିବା ବାହୁଲ୍ୟ ଯେ ରାଜ୍ୟରେ ଯେଉଁ ହାରରେ ଅପରାଧ ବୃଦ୍ଧି ପାଉଛି ତାହା ପଛରେ ମଦର ପ୍ରସାର ଅନ୍ୟତମ ମୁଖ୍ୟ କାରଣ। ଏବେ ମଧ୍ୟ ରାଜ୍ୟରେ ମଦ ବିକ୍ରିକୁ ବିରୋଧ କରି ମହିଳାଙ୍କ ଜାଗରଣ ଓ ଆନ୍ଦୋଳନ ବଳବତ୍ତର ରହିଛି। ଉଜୁଡି ଯାଉଥିବା ପରିବାରର ସୁରକ୍ଷା ଓ ନିରାପତ୍ତା ସକାଶେ ସେମାନେ ଲଢୁଛନ୍ତି। କିନ୍ତୁ ଏସବୁ ଉର୍ଦ୍ଧ୍ୱରେ ବର୍ଦ୍ଧିତ ଅବକାରୀ ରାଜସ୍ୱ ଉପରେ କ୍ଷମତାର ନିର୍ଭରଶୀଳତାକୁ ଏଡ଼ାଇ ଯିବା ମଧ୍ୟ ଏତେ ସହଜ ନୁହେଁ।

ସରକାରଙ୍କ ବାଧ୍ୟବାଧକତା ନିକଟରେ ଆନ୍ଦୋଳନ, ଧାରଣା, ବିକ୍ଷୋଭ ଆଦି ଦିନକୁ ଦିନ ଅର୍ଥହୀନ ହୋଇପଡୁଛି। କ୍ଷମତା ବାହାରେ ରହି ଅନ୍ନଦାତାଙ୍କ ସ୍ୱାର୍ଥରକ୍ଷା ସପକ୍ଷରେ ସ୍ଲୋଗାନ ଦେବା ଏବଂ କ୍ଷମତାକୁ ଆସିବା ପରେ ପ୍ରତିଶ୍ରୁତି ରକ୍ଷା କରି ନ ପାରିବାର ଅକ୍ଷମତାକୁ କେବଳ ଅହଂକାର ପ୍ରଦର୍ଶନ କରି ଏଡ଼ାଇ ଦିଆଯାଇପରେ।

## ନାଟୋରେ ଫାଟ

ଶୀତଳ ଯୁଦ୍ଧ ସମୟରେ ବିଶ୍ୱରେ ଦୁଇ ପ୍ରମୁଖ ଶକ୍ତିକେନ୍ଦ୍ରକୁ ନେଇ ଗଢ଼ି ଉଠିଥିବା ସାମରିକ ମେଣ୍ଟ ସୋଭିଏତ ରୁଷର ବିଭାଜନ ପରେ ନିଶ୍ଚିହ୍ନ ହୋଇଯାଇଥିଲେ ମଧ୍ୟ ୟୁରୋପୀୟ ରାଷ୍ଟ୍ରଙ୍କୁ ନେଇ ଆମେରିକା ନେତୃତ୍ୱରେ 'ନାଟୋ' ଏବେ ମଧ୍ୟ ସକ୍ରିୟ ରହିଛି। କିନ୍ତୁ ପରିବର୍ତ୍ତିତ ସ୍ଥିତିରେ ଆମେରିକାର ଏକଚାଟିଆ ପ୍ରାଧାନ୍ୟ ଓ ପତିଆରା ବୃଦ୍ଧି 'ନାଟୋ'ର ସହଯୋଗୀ ରାଷ୍ଟ୍ରଙ୍କୁ ମଧ୍ୟ ବ୍ୟତିବ୍ୟସ୍ତ କରିପକାଉଛି। ଯେଉଁ ପରିସ୍ଥିତି ପାଇଁ ରୁଷ–ୟୁକ୍ରେନ ଯୁଦ୍ଧ ଅନେକାଂଶରେ ଦାୟୀ। ଯୁଦ୍ଧ ବିରାମ ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଚାଲିଥିବା ବିଚାରବିମର୍ଶ ରୁଷ ସ୍ୱାର୍ଥକୈନ୍ଦ୍ରିକ ହୋଇଥିବାରୁ ୟୁରୋପୀୟ ରାଷ୍ଟ୍ରଙ୍କ ପକ୍ଷରୁ ତାହାକୁ ବିରୋଧ କରାଯାଉଛି। ଏକ୍ଷେତ୍ରରେ 'ନାଟୋ'ରେ ପରିଲକ୍ଷିତ ଅସହମତି ଗ୍ରୀନଲାଣ୍ଡ ପ୍ରସଙ୍ଗକୁ ନେଇ ଆହୁରି ଉତ୍କଟ ହେବାରେ ଲାଗିଛି। ଆମେରିକା ଆବଶ୍ୟକ ପଡ଼ିଲେ ସାମରିକ ଶକ୍ତି ପ୍ରୟୋଗ କରି ଗ୍ରୀନଲାଣ୍ଡକୁ ଦଖଲ କରିବାର ଯେଉଁ ଧମକ ଦେଇଛି ତାହାକୁ ବିରୋଧ କରିଛନ୍ତି 'ନାଟୋ'ର ସହଯୋଗୀ ରାଷ୍ଟ୍ର। ଏଥିମଧ୍ୟରେ ଫ୍ରାନ୍ସ ଓ ନରୱେ ପ୍ରତୀକାତ୍ମକ ଭାବେ ଗ୍ରୀନ୍‌ଲାଣ୍ଡକୁ ସେନା ପ୍ରେରଣ କରିଛନ୍ତି। ଗ୍ରୀନଲାଣ୍ଡକୁ ସ୍ୱାୟତ୍ତତା. ପ୍ରଦାନ କରାଯାଇଥିଲେ ମଧ୍ୟ ତାହାର ପରରାଷ୍ଟ୍ର ଓ ପ୍ରତିରକ୍ଷା ନୀତି ନିର୍ଦ୍ଧାରଣ ଦାୟିତ୍ୱ ଏବେ ମଧ୍ୟ ଡେନମାର୍କ ଦାୟିତ୍ୱରେ ରହିଛି। 'ନାଟୋ'ର ସଦସ୍ୟତା ସତ୍ତ୍ୱେ ସେମାନଙ୍କ ସାର୍ବଭୌମତା ପ୍ରତି ଆମେରିକା ପକ୍ଷରୁ ସୃଷ୍ଟି ହୋଇଥିବା ବିବାଦ ଅନ୍ୟ ସହଯୋଗୀଙ୍କୁ କେବଳ କ୍ଷୁବ୍ଧ କରି ନାହିଁ, ବରଂ ଯେଉଁ ସୁରକ୍ଷା ପାଇଁ ମେଣ୍ଟ ଗଠନ କରାଯାଇଥିଲା ତାହା ଏବେ ବିପନ୍ନ ବୋଲି ସେମାନେ ଅନୁଭବ କରୁଛନ୍ତି।

ଟ୍ରମ୍ପ କହିଛନ୍ତି ଗ୍ରୀନଲାଣ୍ଡ ଆମେରିକାର ଅଧୀନତା ସ୍ୱୀକାର କରିବାକୁ ବାଧ୍ୟ। ଏକ୍ଷେତ୍ରରେ ସାଲିସ କରିବାର ପ୍ରଶ୍ନ ଉଠୁନାହିଁ। ଅଥଚ ଗ୍ରୀନ୍‌ଲାଣ୍ଡ ଅଧିବାସୀ ସ୍ପଷ୍ଟ କରିଦେଇଛନ୍ତି ତାଙ୍କ ରାଷ୍ଟ୍ରକୁ ନେଇ କିଣାବିକା କରାଯାଇ ପାରିବ ନାହିଁ। ଅନ୍ୟପକ୍ଷରେ ହ୍ୱାଇଟ ହାଉସରୁ ସ୍ପଷ୍ଟ ସୂଚନା ମିଳିଛି ଯେ ଏହି ଆର୍କଟିକ୍ ଦ୍ୱୀପକୁ ଆବଶ୍ୟକ ହେଲେ ଦଖଲକୁ ନେବା ପାଇଁ ବଳ ପ୍ରୟୋଗ କରାଯିବ। ମାତ୍ର ୫୭,୦୦୦ ଜନସଂଖ୍ୟା ବିଶିଷ୍ଟ ଏହି ବରଫାବୃତ୍ତ ଦ୍ୱୀପରେ ବିରଳ ଖଣିଜ ସାମଗ୍ରୀ ମହଜୁଦ ଅଛି। ତେବେ ଟ୍ରମ୍ପଙ୍କ କହିବା କଥା ରୁଷ ଓ ଚୀନର ମୁକାବିଲା ପାଇଁ ସେଠାରେ ଆମେରିକା ସାମରିକ ଘାଟି ପ୍ରତିଷ୍ଠା କରିବାକୁ ଚାହେଁ। 'ନାଟୋ'ର ବୃହତ୍ତର ସ୍ୱାର୍ଥରକ୍ଷା ସୃଷ୍ଟିରୁ ଏଭଳି ପ୍ରସ୍ତାବକୁ ବିରୋଧ ନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଆମେରିକାର ସାମରିକ ଶକ୍ତି ପ୍ରୟୋଗକୁ ମୁକାବିଲା କରିବା ସ୍ଥିତିରେ ଡେନମାର୍କ କିମ୍ବା ଅନ୍ୟ ସହଯୋଗୀଙ୍କ ସେଭଳି ସାମର୍ଥ୍ୟ ନାହିଁ। କିନ୍ତୁ 'ନାଟୋ' ସହଯୋଗୀ ହିସାବରେ ସେମାନଙ୍କ ପ୍ରତିବାଦ କରିବାର ଅଧିକାର ଅଛି। ଅଥଚ ଆମେରିକାର ଅଯଥାର୍ଥ ଓ ଅବିମୃଶ୍ୟକାରୀ ନିଷ୍ପତ୍ତିକୁ ସମର୍ଥନ ଦେଇ 'ନାଟୋ' ସହଯୋଗୀ ରାଷ୍ଟ୍ର ଇରାକ ଠାରୁ ଆଫଗାନିସ୍ତାନ ପର୍ଯ୍ୟନ୍ତ ସବୁ ରଣକ୍ଷେତ୍ରରେ ନିଜକୁ ସାମିଲ କରି ଲଢ଼ିଛନ୍ତି। ଯେତେବେଳେ ସେମାନଙ୍କ ନିରାପତ୍ତା ଓ ସାର୍ବଭୌମତା ପ୍ରତି ଖୋଦ ମୁଖିଆଙ୍କ ପକ୍ଷରୁ ବିପଦ ସୃଷ୍ଟି ହେବ ଏଭଳି ସାମରିକ ମେଣ୍ଟରେ ଆବଶ୍ୟକତା ଶେଷ ହୋଇଛି ବୋଲି ଧରିନେବାକୁ ହେବ।

# ଅଲୋଡ଼ା ନୁହନ୍ତି ବୟସ୍କ

ମଞ୍ଜୁଲତା ସିଂହ

ବାର୍ଦ୍ଧକ୍ୟ ମଣିଷ ଜୀବନର ଏକ ପର୍ଯ୍ୟାୟ। ଏହା ସମୟାନ୍ତରେ ନିଶ୍ଚୟ ଶରୀରକୁ ସ୍ପର୍ଶ କରିବ ଏହା ଅନସ୍ୱୀକାର୍ଯ୍ୟ। କିନ୍ତୁ ମଣିଷ ଚାହେଁ ତାରୁଣ୍ୟର ଛଟା ତା' ଶରୀରରେ ସର୍ବଦା ସତେଜ ହୋଇ ରହିଥାଉ। ଯୌବନର ଦୀପ୍ତିରେ ଝଟକୁ ଥାଉ ତା' ଶରୀର। ସୌନ୍ଦର୍ଯ୍ୟ ତା'ର ସର୍ବଦା ଅତୁଟ ରହୁ ଏବଂ ସେ ସବୁବେଳେ ସୁସ୍ଥ ସବଳ ରହିଥାଉ। କିନ୍ତୁ ଏପରି ହୁଏନା। କାଳର ନିୟମାନୁଯାୟୀ ସଠିକ ସମୟରେ ବାର୍ଦ୍ଧକ୍ୟ ପହଞ୍ଚି ଯାଏ ବିନା ନିମନ୍ତ୍ରଣରେ। ଯୌବନ ଅପସରି ଯାଏ। କୁଞ୍ଚିତ ଚର୍ମ ଉପରେ ବୟସର ଛାପ ବାରି ହୋଇପଡ଼େ। ଦୃଷ୍ଟି ଶକ୍ତି ଓ ଶ୍ରବଣ ଶକ୍ତି କ୍ରମଶଃ ହ୍ରାସ ପାଏ। ସୌନ୍ଦର୍ଯ୍ୟ ବଢ଼ାଉଥିବା ମୁଣ୍ଡର କଳା ମୁଟୁମୁଟୁ ଗହଳ କେଶରାଶି ଧବଳ ବର୍ଣ୍ଣ ଧାରଣ କରେ। କ୍ରମଶଃ ଦୁର୍ବଳ ହୋଇ ଆସୁଥିବା ଶରୀର ବଞ୍ଚିବା ପାଇଁ ଅନ୍ୟର ସାହାରା ଲୋଡ଼େ। ବାର୍ଦ୍ଧକ୍ୟ ଆସିଗଲା ଭାବି ମଣିଷ ଭିତରେ ଭିତରେ ଅସହାୟ ବୋଧ କରେ। କାରଣ ଜୀବନର ଏହି ସମୟଟି ଶାରୀରିକ ଓ ମାନସିକ ଉଭୟ ସ୍ତରରେ ଭାଙ୍ଗି ପଡ଼ିବାର ସମୟ। ଏହି ସମୟରେ ମଧ୍ୟ ସମସ୍ତଙ୍କଠାରୁ ଉପେକ୍ଷିତ ହେବାର ନିରବ ଯନ୍ତ୍ରଣା ମୃତ୍ୟୁଠାରୁ ବଳି ପଡ଼େ। ଆଉ ଯଦି ଶରୀର ରୋଗଗ୍ରସ୍ତ ହେଲା ତା'ର ଦୁଃଖ ଅବର୍ଣ୍ଣନୀୟ। ରୁଗ୍ଣ ଶରୀରକୁ ନେଇ ସମସ୍ତଙ୍କ ପାଇଁ ଅଲୋଡ଼ା ହୋଇପଡ଼େ ମଣିଷ ଆଉ ନିଜକୁ ଅଭିଶପ୍ତ ମନେକରେ। ଆଜିର ସମାଜରେ ଯେଉଁ କଥାଟି ସମସ୍ତଙ୍କୁ ବେଶୀ ଚିନ୍ତାରେ ପକାଏ, ତାହା ହେଉଛି ପରିବାରରେ ବୟସ୍କମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ। ଏହାକୁ ନେଇ ପ୍ରତିଦିନ ଅନେକ ଘଟଣା ସାମ୍ନାକୁ ଆସୁଛି, ଯାହା କେବଳ ମନକୁ ଆନ୍ଦୋଳିତ କରୁନି ବରଂ ବ୍ୟଥିତ ଓ ବିଚଳିତ କରୁଛି। କେଉଁଠି ଜନ୍ମ କଲା ସନ୍ତାନ ସମ୍ପତ୍ତି ପାଇଁ ବୃଦ୍ଧ ପିତାମାତାଙ୍କୁ ହତ୍ୟା କରୁଛି। କେଉଁଠି ପୁଅବୋହୂଙ୍କ ଦ୍ୱାରା ନିର୍ଯାତିତ ହୋଇ ନିଜ ସ୍ୱାଭିମାନକୁ ଜାବୁଡ଼ି ଧରି ବୃଦ୍ଧାଶ୍ରମରେ ଜୀବନ କାଟୁଛନ୍ତି ପିତାମାତା। କେଉଁଠି ସନ୍ତାନଟିଏ ଦୂର ସହରରେ ଚାକିରି କଲା ପରେ ନିଜ ଜନ୍ମମାଟି ଓ ପିତାମାତାଙ୍କଠାରୁ ମୁହଁ ଫେରାଇ ନେଉଛି। ତାକୁ ଝୁରିଝୁରି ଦୟନୀୟ ଜୀବନ ଅତିବାହିତ କରୁଛନ୍ତି ବୟସ୍କ ମାତାପିତା। କେଉଁଠି ବି ନିଜର ଭିଟାମାଟିର ମୋହକୁ ତ୍ୟାଗ କରି ନ ପାରି ମାତାପିତା ସନ୍ତାନ ବିନା ଏକା ରହୁଛନ୍ତି ତ କେଉଁଠି ପିଲାମାନେ ନିଜର ଅତ୍ୟାଧୁନିକ ଜୀବନଶୈଳୀକୁ ଉପଭୋଗ କରିବାରେ କାଳେ ବାଧା ଉପୁଜିବ ଏବଂ ସେମାନଙ୍କର ଅଖଣ୍ଡ ସ୍ୱାଧୀନତା କ୍ଷୁର୍ଣ୍ଣ ହେବ; ସେ ଭୟରେ ବୃଦ୍ଧ ପିତାମାତାଙ୍କୁ ପାଖରେ ରଖିବାକୁ ଚାହୁଁନାହାନ୍ତି। ତେବେ ବୟସ୍କମାନେ ସବୁବେଳେ ଚାହାନ୍ତି ପିଲାମାନଙ୍କ ଗହଣରେ ହସଖୁସିର ଭରାପୂରା ପରିବାର ଭିତରେ ସମୟ କାଟିବାକୁ, ଯେଉଁଠି ସେମାନଙ୍କ ପାଇଁ ସ୍ନେହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣଟିଏ ରହିଥିବ। ହେଲେ ସବୁ ପରିବାର ଭିତରେ ସବୁ ବୟସ୍କମାନଙ୍କର ଏପରି ଈପ୍‌ସିତ ଇଚ୍ଛାଟିଏ ପୂରଣ ହୋଇ ପାରେନାହିଁ।

ଜୀବନ ସମସ୍ତଙ୍କ ପାଇଁ ସମାନ। ତେଣୁ ମନକୁ ଆଘାତ ଦେଉଥିବା କିଛି କଥା ବା କାର୍ଯ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ପ୍ରଭାବିତ କରିବା ସହ ସେମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଏ। ନିଜକୁ ପରିବାରରେ ଅଲୋଡ଼ା ବୋଲି ଭାବନ୍ତି। କିଛି କହିବାର ସାହସ ସେମାନଙ୍କ ପାଖରେ ନଥାଏ। କାରଣ ସେମାନେ ଏବେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ। ନିଜ ଭାବନା, ନିଜ ଚିନ୍ତାକୁ ନିଜ ଭିତରେ ଚାପି ରଖି ସେମାନେ ନିରବ ରହିବାକୁ ଶ୍ରେୟ ମନେ କରନ୍ତି। ଆଉ ଜୀବନ ଯଦି ସାଥୀହରା ହୋଇଥାଏ ତେବେ ଏ ଯନ୍ତ୍ରଣା ଆହୁରି ବଳିପଡ଼େ। ବିଗତ ଦିନର ମଧୁର ସ୍ମୃତିକୁ ସାଉଁଟି ସାଉଁଟି ଅକୁହା ଦୁଃଖକୁ ଛାତିରେ ବୋହି ନିରବରେ ସମୟ କାଟିବାକୁ ପଡ଼େ। ସବୁଥାଇ ମଧ୍ୟ ଏକ ନିଃସଙ୍ଗପଣ ହୃଦୟକୁ ଜାବୁଡ଼ି ଧରିଥାଏ। ନା ଏଥିରୁ ମୁକ୍ତି ମିଳେ ନା ମିଳିବାର ଆଶା ଥାଏ। ଏକ ଖୋଲାମେଲା ପରିବେଶରେ ଏକ ହସଖୁସିର ଜୀବନ ବଦଳରେ ଏକ ମାନସିକ ଚାପଗ୍ରସ୍ତ ଜୀବନ କାଟିବାକୁ ବାଧ୍ୟ ହୁଅନ୍ତି ସେମାନେ।

ସମୟ ବଦଳିବା ସହ ବଦଳୁଛି ଆଜିର ସଭ୍ୟ ସମାଜର ଚିନ୍ତାଧାରା। ଯେତିକି ସଭ୍ୟ ହେଉଛି ମଣିଷ, ସେତିକି ମାନବୀୟ ଚେତନାଠାରୁ ଦୂରେଇ ଯାଉଛି। ସେଦିନର ଯୌଥ ପରିବାର ଆଜି ନାହିଁ। ଯେଉଁ ଯୌଥ ପରିବାରର ଅଗଣା ଦିନେ କେତେ କେତେ ମଧୁର ସମ୍ପର୍କର କୋଳାହଳରେ ଫାଟି ପଡୁଥିଲା ସେଠି ଏବେ ଖାଁ ଖାଁ, ଶୂନ୍ୟପଣ ଖାଇ ଗୋଡ଼ାଉଛି। ଜୀବନରେ ଘଟି ଯାଉଥିବା ଦୁଃଖ, କଷ୍ଟ, ଆନନ୍ଦ, ବିଷାଦକୁ ବାଣ୍ଟିବା ପାଇଁ ପାଖରେ ଲୋକଟିଏ ନାହିଁ। ଯେଉଁଠି ଲୋକଟିଏ ଅଛି ସେଠି ଆତ୍ମୀୟତା ନାହିଁ। ଆମେ ଏବେ ଏମିତି ଏକ ସମାଜରେ ବଞ୍ଚୁଛେ, ଯେଉଁଠି ସ୍ନେହ, ଶ୍ରଦ୍ଧା, ଆବେଗ, ଅନୁରାଗ ଓ ଭାବପ୍ରବଣତାର ଘୋର ଅଭାବ ପରିଲକ୍ଷିତ ହେଉଛି। ଏକ ଆବେଗହୀନ ଯାନ୍ତ୍ରିକ ଜୀବନ ଭିତରେ ପେଷି ହୋଇ ଯାଉଛି ସମ୍ପର୍କର ମିଠାପଣ।

କେବେ ସମୟଥିଲା ଅପାଠୁଆ ବା ଅଧାପାଠୁଆ ପୁଅଟିଏ ପିତାମାତାଙ୍କ ପାଖରେ ସାରା ଜୀବନ କାଟୁଥିଲା। ବିଲବାଡ଼ିରେ ଚାଷବାସ କରି ପରିବାର ପ୍ରତିପୋଷଣ କରିବା ସହ ଅନେକ ଅଭାବ ଭିତରୁ ସୁଖକୁ ସାଉଁଟୁ ଥିଲା। ପିତାମାତାଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଲାଭ କରି ନିଜ ପରିବାର ଗଢୁଥିଲା। ତା'ର ସନ୍ତାନମାନେ ସେଇ ପରିବାର ଭିତରେ ସାନରୁ ବଡ଼ ହେଉଥିଲେ। ବଡ଼ମାନଙ୍କଠାରୁ ଶୃଙ୍ଖଳା ଜ୍ଞାନ ଶିକ୍ଷା କରୁଥିଲେ। ଜୀବନରେ ସ୍ନେହ, ଶ୍ରଦ୍ଧା, ସମ୍ମାନର ମୂଲ୍ୟବୋଧକୁ ସାଥିରେ ଧରି ବଡ଼ମାନେ ଦେଖାଇଥିବା ରାସ୍ତାରେ ବିନା ଦ୍ୱିଧାରେ ବାଟ ଚାଲୁଥିଲେ। ଝୁଣ୍ଟି ପଡ଼ିଯିବାର ଭୟ ନଥିଲା। କାରଣ ବିଶ୍ୱାସ ଥିଲା ପଡ଼ିବା ପୂର୍ବରୁ ପରିବାରର କାହାର ନା କାହାର ହାତ ପ୍ରସରି ଆସିବ ତାକୁ ଧରିନେବା ପାଇଁ। ପରିବାର ଭିତରେ ସୁନ୍ଦର ବୁଝାମଣାର ଅଭାବ ନଥିଲା। ଏ ଥିଲା ଗଭୀର ବିଶ୍ୱାସର କଥା। ସ୍ନେହ ସମ୍ପର୍କର କଥା।

ଏବେ ସେ ସମୟ ସ୍ୱପ୍ନ। ସେ ସମ୍ପର୍କ ଶିଥିଳ। ମଣିଷ ଆଜି ଆତ୍ମକୈନ୍ଦ୍ରିକ ହୋଇପଡ଼ିଛି। ପିତାମାତା ଓ ଗୋଟିଏ ସନ୍ତାନ ଭିତରେ ସୀମିତ ଆଜିର ସଭ୍ୟ ଶିକ୍ଷିତ ପରିବାର। ଏହି ଅଣୁ ପରିବାର ଭିତରେ ଆଉ କାହାର ଉପସ୍ଥିତି ସେମାନଙ୍କ ପାଇଁ ଗ୍ରହଣୀୟ ହେଉନି। ସେଠି ଜରାଗ୍ରସ୍ତ ଲୋକଟିର ଉପସ୍ଥିତି ସେମାନଙ୍କ ପାଇଁ ଏକ ବୋଝ ସଦୃଶ। ଯନ୍ତ୍ର ପାଲଟି ଯାଇଥିବା ଆଜିର ପିଲାମାନଙ୍କ ମନ ଓ ହୃଦୟରେ ସେ ଆବେଗପ୍ରବଣତା କାହିଁ ଯେ ବୟସ୍କମାନଙ୍କୁ ସମ୍ମାନ ଦେଇ ଆପଣାପଣର ବନ୍ଧନ ଭିତରେ ବାନ୍ଧି ରଖିବେ? ପରିବାର ଭିତରେ ବାସ କରୁଥିବା ବୟସ୍କ ଲୋକଟି କେବଳ ସ୍ନେହ, ଆଦର, ଆତ୍ମୀୟତା ବ୍ୟତୀତ ଆଉ ଅଧିକ କ'ଣ ବା ଆଶା କରେ? ଏତିକି ବି ଦେବାକୁ କୁଣ୍ଠିତ ଆଜିର ପିଲାମାନେ।

ଆଜିର ସଭ୍ୟ ସମାଜର ନୂତନ ପିଢ଼ି ବୁଝିବା ଉଚିତ ଯେ ବୟସ୍କ ହୋଇଗଲେ ମଧ୍ୟ ପିତାମାତାଙ୍କର ଜୀବନ ଅଛି। ସେ ଜୀବନର ବି କିଛି ନା କିଛି ସ୍ୱପ୍ନ ଅଛି। କିଛି ଇଚ୍ଛା ଅଛି। ସ୍ୱାଧୀନ ଭାବରେ ବଞ୍ଚିବାର ଏବଂ ମତବ୍ୟକ୍ତ କରିବାର ମଧ୍ୟ ଅଧିକାର ଅଛି। ସେମାନଙ୍କ ପାଇଁ ବି ଦରକାର କିଛି ସ୍ନେହ, ଶ୍ରଦ୍ଧା, ସମ୍ମାନ, ସହଯୋଗ ଆଉ ଆତ୍ମୀୟପଣ। ଆଜିର ତଥାକଥିତ ଶିକ୍ଷିତ ସନ୍ତାନମାନେ ଯଦି ଏତିକି କରି ପାରୁନାହାନ୍ତି ତେବେ ନିଜେ ଏହି ବୟସରେ ପହଁଚିଲା ପରେ ନିଜ ସନ୍ତାନଠାରୁ ସେସବୁ ଆଶା କରିବା ନିଶ୍ଚୟ ବୃଥା। କାରଣ ସମୟ ଆସିବ, ନିଜେ ଯେଉଁ ରାସ୍ତାଟିଏ ତିଆରି କରୁଛନ୍ତି ଦିନେ ସେହି ରାସ୍ତାରେ ନିଜକୁ ଚାଲିବାକୁ ହେବ। ସେମାନଙ୍କଠାରୁ ସେମାନଙ୍କ ସନ୍ତାନମାନେ ଯେଉଁ ଶିକ୍ଷା ପାଉଛନ୍ତି ପ୍ରତିବଦଳରେ ସେମାନେ ସେହିପରି ଆଚରଣ ଦେଖାଇବେ। ସେତେବେଳେ ସେମାନେ ବୁଝିବେ ହୃଦୟର ଆଘାତ କେତେ କଷ୍ଟ ଦିଏ।

ଆଜି ଯେଉଁମାନେ ବୟସର ବୋଝରେ ନଇଁ ପଡ଼ିଛନ୍ତି ବା ପଡ଼ିବାକୁ ଯାଉଛନ୍ତି ସେମାନେ ସମର୍ଥ ଥିବା ବେଳେ ନିଜ ସନ୍ତାନମାନଙ୍କ ପାଇଁ କ'ଣ ସବୁ କରିଛନ୍ତି ସେକଥା ଆଜିର ପିଲାଏ ଭାବିବା ଉଚିତ। ମନେରଖିବା ଉଚିତ ଯେ ବୟସ୍କମାନେ ପରିବାର ବୋଝ କିମ୍ବା ଅଲୋଡ଼ା ନୁହନ୍ତି। ସେମାନଙ୍କ ଆଶୀର୍ବାଦ ହିଁ ପିଲାମାନଙ୍କର ଜୀବନକୁ ସରସ ସୁନ୍ଦର କରି ଗଢ଼ିତୋଳେ। ସେମାନେ ଅନୁଭୂତିସମ୍ପନ୍ନ ମଣିଷ। ଦରକାର ବେଳେ ଜ୍ଞାନ, ବୁଦ୍ଧି, ଧୈର୍ଯ୍ୟ, ସାହସ ବାଣ୍ଟି ଦେବାର ଅସରନ୍ତି ଉତ୍ସ। ଯେଉଁମାନେ ପିଲାମାନଙ୍କର ମଙ୍ଗଳ କାମନା କରି ଦିଅଁ ଦେବତାଙ୍କ ଆଗରେ ଦିନରାତି ପ୍ରଣତି ବାଢ଼ନ୍ତି, ବୟସର ବୋଝରେ ଚାପି ହୋଇ ଯାଉଥିବା ସେଇ ବୟସ୍କ ମାତାପିତାଙ୍କୁ ଟିକେ ସମୟ ଦେଇ, ସ୍ନେହ, ଶ୍ରଦ୍ଧା ଓ ଆପଣାପଣର ବନ୍ଧନରେ ବାନ୍ଧିରଖିବା ସେମାନଙ୍କ ଶେଷ ଜୀବନକୁ ଆନନ୍ଦମୟ କରିବା ସନ୍ତାନର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ।

ମୋ:୮୮୪୭୮୫୨୯୧୭

# ଖଳନାୟକ ହୁଁ ମେଁ...

ମହମ୍ମଦ ହିଫ୍‌ଜୁର ରହମାନ୍



ମୁଁ ଥରେ ନୁହେଁ, ବାରମ୍ବାର କହି ଆସୁଛି। ଦ୍ୱିତୀୟଥର କ୍ଷମତାକୁ ଆସିବା ପରେ ୮ମାସରେ ୮ଟି ଯୁଦ୍ଧ ବନ୍ଦ କରିଛି। ଏଥିରେ ଭାରତ-ପାକିସ୍ତାନ ଯୁଦ୍ଧ ବି ରହିଛି। ଏହି ଯୁଦ୍ଧ ପରମାଣୁ ସଂଘର୍ଷ ଆଡ଼କୁ ମୁହାଁଉଥିଲା। ଏଇଟା କ'ଣ କମ୍ କଥା କି! ଇରାନ-ଇସ୍ରାଏଲ ଯୁଦ୍ଧ ବନ୍ଦ କଲି, ଇସ୍ରାଏଲ-ହମାସ ଯୁଦ୍ଧ ବନ୍ଦ କଲି। ଥାଇଲାଣ୍ଡ-କାମ୍ବୋଡ଼ିଆ ଯୁଦ୍ଧ ବନ୍ଦ କଲି। ଏମିତି ଆହୁରି ଅନେକ ଯୁଦ୍ଧ ବନ୍ଦ କରି ବିଶ୍ୱକୁ ରକ୍ତପାତରୁ ରକ୍ଷା କରିଛି। ଖାଲି ପୁତିନ ମାନୁନି, ନହେଲେ ରୁଷ-ୟୁକ୍ରେନ ଯୁଦ୍ଧ କେବେଠାରୁ ସରି ଯାଇଥା'ନ୍ତା। କିନ୍ତୁ ନରୱେର ନୋବେଲ କମିଟିକୁ ଏସବୁ କିଛି ଦେଖାଗଲାନି। ମୁଁ ଥିଲି ନୋବେଲ ଶାନ୍ତି ପୁରସ୍କାରର ହକଦାର। ଏଥିପାଇଁ ମୋତେ କେତେ କେତେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସମର୍ଥନ କରିଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଥରେ ନୁହେଁ, ଅନେକ ଥର ମୋ ପାଇଁ ନୋବେଲ ସୁପାରିସ କରିଛନ୍ତି। ଖାଲି ଭାରତର ମୋଦୀ ମତେ ସମର୍ଥନ କରିନାହାନ୍ତି। ମୁଁ ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିଛି ବୋଲି ସେ ମାନିବାକୁ ପ୍ରସ୍ତୁତ ନୁହେଁ। ଟିକେ ହଁ ମାରି ମୋ ପାଇଁ ନୋବେଲ ପୁରସ୍କାର ସୁପାରିସ କରିଥିଲେ କ'ଣ ସଂସାର ଭାସି ଯାଇଥା'ନ୍ତା?

ଏମାନେ ମୋର ଯନ୍ତ୍ରଣାକୁ ଅନୁଭବ କରି ପାରୁନାହାନ୍ତି। ମୁଁ ନିଜ ମୁହଁରେ ଆଉ କେତେ ତାରିଫ କରିବି? ସେ ବି ଟିକେ ସ୍ୱୀକୃତି ଦେବା କଥା ଦେଉନି। ତେଣୁ ଭାରତ ଉପରେ ଟାରିଫ୍ ଲଗାଇ ମୁଁ ଦେଇଛି ପାନେ। ଏଟା କିଛି ନୁହେଁ। ଏବେ ସାରା ବିଶ୍ୱ ଦେଖିବ ମୋର ଅସଲି ରୂପ। କାହାକୁ ଛାଡ଼ିବି ନାହିଁ। ଇରାନ, ଗାଜାକୁ ଛାଡ଼ିନାହିଁ। ଏବର୍ଷ ଭେନେଜୁଏଲାରୁ ଆରମ୍ଭ କରିଛି। ତା' ରାଷ୍ଟ୍ରପତିଙ୍କୁ ବାନ୍ଧି ଆଣି ଆମ ଜେଲରେ ପୂରାଇ ଦେଇଛି। ମୁଁ ଏବେ ଦୁଇଦୁଇଟି ଦେଶର ମୁଖ୍ୟ। ଆମେରିକାର ରାଷ୍ଟ୍ରପତି ଓ ଭେନେଜୁଏଲାର ମଧ୍ୟ। ଏବେ ପଡ଼ିବ କ୍ୟୁବା, ମେକ୍ସିକୋ ଓ ଗ୍ରୀନଲାଣ୍ଡର ପାଳି। ଏହାପରେ ଆହୁରି କେତେ ଯେ ଦେଶରେ ମାଡ଼ି ଯାଇ ରାଷ୍ଟ୍ରପତି ହେବି ଯେ ଗଣିପାରିବ ନାହିଁ। ମୋର କିଏ କ'ଣ କରିବ, ଦେଖିବି। ଏଥର ସମସ୍ତଙ୍କର ନିଦ ହଜାଇଦେବି।

ଟ୍ରମ୍ପଙ୍କ ଏଭଳି ରୂପ ଦେଖି ପଶ୍ଚାତାପ କରୁଥିବ ନରୱେର ନୋବେଲ କମିଟି। ଟ୍ରମ୍ପଙ୍କ ଦାବି ଓ ଅନୁରୋଧ ସତ୍ତ୍ୱେ ଏହି କମିଟି ୨୦୨୫ ବର୍ଷ ଲାଗି ଶାନ୍ତି ପୁରସ୍କାର ଟ୍ରମ୍ପଙ୍କୁ ନଦେଇ ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାସାଦୋଙ୍କୁ ଦେଇଦେଲା। ନୋବେଲ କମିଟି କେବେ କଳ୍ପନା କରି ନ ଥିବ ଜଣେ ରାଷ୍ଟ୍ରନେତା ନୋବେଲ ପାଇଁ କେତେ ବିକଳ। କେବଳ ବିକଳ ନୁହେଁ, ନୋବେଲ ନମିଳିବାରୁ କ୍ରୋଧରେ ଜର୍ଜରିତ ହୋଇ ସାରା ବିଶ୍ୱକୁ ଧ୍ୱଂସ ମୁହଁକୁ ଠେଲିଦେଲାଣି। ଅର୍ଥନୈତିକ ବ୍ୟବସ୍ଥା ଠାରୁ ଆରମ୍ଭ କରି ସାମାଜିକ, ରାଜନୈତିକ ଓ ସାମରିକ ବ୍ୟବସ୍ଥାକୁ ଦୋହଲାଇ ଦେଲାଣି। ଦ୍ୱିତୀୟ ଥର କ୍ଷମତାକୁ ଆସିବାର ବର୍ଷେ ପୂରିନି, ସାରା ବିଶ୍ୱକୁ ଥରହର କରିସାରିଲାଣି। ଏମିତି ଅଥୟ, ଧୈର୍ଯ୍ୟହରା ଓ ଅପ୍ରତ୍ୟାଶିତ ରାଷ୍ଟ୍ରନେତାଙ୍କୁ କେହି କେବେ ଦେଖିନାହିଁ। ମୁଣ୍ଡରେ କେତେବେଳେ କ'ଣ ଚାଲିଛି, ତାହା କହିବା କଷ୍ଟକର। ଟ୍ରମ୍ପଙ୍କ ଏଭଳି ରୂପ ଦେଖି ମାରିଆ ମଧ୍ୟ ଜାଣିଗଲେଣି ଯେ ଟ୍ରମ୍ପଙ୍କୁ ନୋବେଲ ନମିଳିଲେ ଅନର୍ଥ କରିଦେବେ। ତେଣୁ ୨୦୨୫ ପାଇଁ ସେ ପାଇଥିବା ନୋବେଲ ଶାନ୍ତି ପୁରସ୍କାର ଟ୍ରମ୍ପଙ୍କୁ ଦେବା ଲାଗି ଆଗ୍ରହ ପ୍ରକାଶ କଲେ। କିନ୍ତୁ ନୋବେଲ କମିଟି ଏହାକୁ ପ୍ରତ୍ୟାଖ୍ୟାନ କରିଦେବାରୁ ଟ୍ରମ୍ପ ରାଗ ଏବେ ଚରମ ସୀମାରେ।

୨୦୨୫ ଜାନୁଆରୀ ୨୦ ତାରିଖରେ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବା ପରେ ଟ୍ରମ୍ପ ଘୋଷଣା କରିଥିଲେ, ସେ ବିଶ୍ୱରେ ଶାନ୍ତିର ଦୂତ ସାଜି କାମ କରିବେ। କିନ୍ତୁ ଶାନ୍ତି ପ୍ରତିଷ୍ଠା ତ ଦୂରର କଥା, ତାଙ୍କୁ ଆତଙ୍କ ରଚନାରୁ ଫୁରସତ ମିଳୁନାହିଁ। ଆମେରିକାକୁ ପୁଣି ମହାନ କରିବା ନିଶାରେ ନାଗରିକତା ଆଇନରେ ସଂଶୋଧନ କରି ହଜାର ହଜାର ଶରଣାର୍ଥୀଙ୍କୁ ଅପରାଧୀ ଭଳି ହାତଗୋଡ଼ରେ ଜଞ୍ଜିର ପକାଇ ବିଦା କଲେ। ନିଜର ଉଦ୍ଦେଶ୍ୟ ସାଧନ ଲାଗି ଏକଜିକ୍ୟୁଟିଭ୍ ଆଦେଶକୁ ଅସ୍ତ୍ର କରି ଆନ୍ତର୍ଜାତିକ ଆଇନ, ବାଣିଜ୍ୟ ନୀତି, ଶୁଳ୍କ ବ୍ୟବସ୍ଥା ଓ ରାଜନୈତିକ ପରମ୍ପରାକୁ ଦଳିମକଚି ଦେଲେଣି। ତାଙ୍କର ଏଭଳି ଆଚରଣ ନେଇ କେବଳ ଶତ୍ରୁ ନୁହନ୍ତି, ମିତ୍ରମାନେ ମଧ୍ୟ ଆଚମ୍ବିତ। ତାଙ୍କ ଭାଷାରେ ମଧ୍ୟ ସଂଯମ ରହୁନି। ଏଭଳି 'ବିନାଶକାରୀ' ଟ୍ରମ୍ପଙ୍କୁ ବିଶ୍ୱ ଆଉ କେତେଦିନ ବରଦାସ୍ତ କରିବ? ଟିକିଏ ଶାନ୍ତିରେ ଶୋଇବା ଦରକାର।

ଭୁବନେଶ୍ୱର, ମୋ: ୯୯୩୭୦୫୯୯୫୪

# ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ

ପ୍ରବୀର କୁମାର ପଟ୍ଟନାୟକ

## ଓଡ଼ିଶାର ବୌଦ୍ଧ ପରମ୍ପରା

କଳିଙ୍ଗ ତଥା ଉତ୍କଳ ଭୂଖଣ୍ଡର ଐତିହ୍ୟ ଅତ୍ୟନ୍ତ ପୁରାତନ କାଳର। ଏହି ଭୂଖଣ୍ଡ ସମ୍ପର୍କରେ ପ୍ରାଚୀନ ବୈଦିକ ତଥା ପୌରାଣିକ ସାହିତ୍ୟ ସହ ପାଲି ଧର୍ମ ଗ୍ରନ୍ଥଗୁଡ଼ିକରେ ବହୁସ୍ଥାନରେ ବର୍ଣ୍ଣନା ମିଳିଥାଏ। ବୈଦିକ କାଳର ଶାସକମାନଙ୍କର ବଂଶାବଳୀ, ଯାହା ପରବର୍ତ୍ତୀ କାଳରେ ପୁରାଣଗୁଡ଼ିକରେ ଦର୍ଶାଯାଇଛି, ସେଥିରେ କଳିଙ୍ଗ ପ୍ରଦେଶର ସଷ୍ଟି ସମ୍ପର୍କରେ ମଧ୍ୟ ବର୍ଣ୍ଣନା ରହିଛି। ସେହି ଅନୁସାରେ ଦାନବ ରାଜା ବଳୀଙ୍କ ରାଣୀ ସୁଦେଷ୍ଣାଙ୍କ ଗର୍ଭରୁ ଋଷି ଦୀର୍ଘତମାଙ୍କ ଔରସରୁ ପାଞ୍ଚ ଜଣ ପୁତ୍ରସନ୍ତାନ ଜନ୍ମଲାଭ କରିଥିଲେ। ସେମାନଙ୍କର ନାମ ହେଲା ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁମହ। ଏହି ପାଞ୍ଚଜଣ ପୁତ୍ର ଭିନ୍ନ ଭିନ୍ନ ପାଞ୍ଚଗୋଟି ରାଜ୍ୟର ଅଧିପତି ହୋଇଥିଲେ। ସେହି ରାଜ୍ୟଗୁଡ଼ିକ ସେହି ପୁତ୍ରମାନଙ୍କ ନାମରେ ନାମିତ ହୋଇଥିଲା। କିନ୍ତୁ ଋଗ୍‌ବେଦ ବର୍ଣ୍ଣିତ ଋଷି ଉତଥ୍ୟଙ୍କ ପୁତ୍ର ଋଷି ଦୀର୍ଘତମାଙ୍କ କାଳରୁ ପ୍ରସିଦ୍ଧ ସଂହିତା-ସ୍ରଷ୍ଟା ଋଷି ବୌଧାୟନଙ୍କ କାଳ ପର୍ଯ୍ୟନ୍ତ ଉପର ବର୍ଣ୍ଣିତ ପାଞ୍ଚଗୋଟି ଯାକ ରାଜ୍ୟ ଆର୍ଯ୍ୟ ସଭ୍ୟତାର ମାନ୍ୟତା ଅଥବା ସୀମା ବାହାରର ଅଞ୍ଚଳ ଭାବରେ ଚିହ୍ନି ହେଉଥିଲେ। ଏହି ଅଞ୍ଚଳର ବାସିନ୍ଦାମାନଙ୍କୁ 'ବୌଧାୟନ ସଂହିତା'ରେ 'ସଂକୀର୍ଣ୍ଣ ଯୋନାୟଃ' ବର୍ଗରେ ଚିହ୍ନିତ କରାଯାଇ ସେହିସବୁ ଅଞ୍ଚଳକୁ ଆର୍ଯ୍ୟ ସଭ୍ୟତାଭୁକ୍ତ ଅଞ୍ଚଳର ବାସିନ୍ଦାଙ୍କର ପ୍ରବେଶକୁ ମଧ୍ୟ ନିଷିଦ୍ଧ କରାଯାଇଥିଲା। ଯେଉଁମାନେ ଏହି ଅଞ୍ଚଳକୁ ପ୍ରବେଶ କରିବେ ସେମାନଙ୍କୁ 'ପୁନସ୍ତୋମ' ଏବଂ 'ସର୍ବପୃଥୈଷ୍ଟି' କ୍ରିୟାକର୍ମ ଅନୁଷ୍ଠିତ କରାଇ ଶୁଦ୍ଧ ହେବାକୁ ପଡୁଥିଲା।

ପରନ୍ତୁ ଆର୍ଯ୍ୟଗୋଷ୍ଠୀଙ୍କର ସଂପ୍ରସାରଣ ତଥା ପୂର୍ବାଞ୍ଚଳକୁ ବୈଦିକ ସଂସ୍କୃତିର ପ୍ରସାର ତଥା ଅନୁପ୍ରବେଶ ଘଟିବା ଆରମ୍ଭ ହୋଇଗଲା। 'ଶତପଥ ବ୍ରାହ୍ମଣ'ରେ ଉଲ୍ଲେଖ ଅନୁଯାୟୀ ସରସ୍ୱତୀ କୂଳରୁ ପୂର୍ବର ସଦାନୀର ନଦୀ ପର୍ଯ୍ୟନ୍ତ ବୈଶ୍ୱାନର ଅଗ୍ନିର ଦହନ କାର୍ଯ୍ୟରୁ ବୈଦିକ ଧର୍ମ ଓ ସଂସ୍କୃତିର ପୂର୍ବାଞ୍ଚଳକୁ ପ୍ରବେଶର ସଙ୍କେତ ମିଳିଥାଏ। ସେହିଭଳି ମହାଭାରତରେ ମଧ୍ୟ 'ପୁଣ୍ଡ୍ର, କଳିଙ୍ଗ, ମଗଧ ଓ ଚେଦି ରାଜ୍ୟର ଜ୍ଞାନୀ ତଥା ପାରଦର୍ଶୀ ଲୋକମାନଙ୍କ ସଂପର୍କରେ ଉଲ୍ଲେଖ ରହିଛି। ଏହିଭଳି ଭାବେ ପୁରାଣ ସାହିତ୍ୟକାରମାନଙ୍କ ସମୟକୁ ଏହିସବୁ ଅଞ୍ଚଳରେ ଆର୍ଯ୍ୟସଭ୍ୟତା ତଥା ସଂସ୍କୃତିର ପୂର୍ଣ୍ଣ ପ୍ରବେଶ ଘଟି ସାରିଥିବା ଜଣାଯାଉଛି।

*ମହାକାବ୍ୟରେ କଳିଙ୍ଗ:* ମହାକାବ୍ୟ ପରମ୍ପରା ଦର୍ଶାଇଥାଏ ଯେ କଳିଙ୍ଗ ରାଜ୍ୟକୁ ଗଙ୍ଗାନଦୀ ମୁହାଣଠାରୁ ସମୁଦ୍ର କୂଳେ କୂଳେ ତାମ୍ରଲିପ୍ତ, କଭଟ, ସୁମ୍ହ ଏବଂ ବୈତରଣୀ ନଦୀ ପାର ହୋଇ ଯାଇଥିବା ରାସ୍ତା ଦେଇ ପହଞ୍ଚିବାକୁ ହେଉଥିଲା। ଐତିହାସିକ ଡଃ ରାୟ ଚୌଧୁରୀ କଳିଙ୍ଗ ରାଜ୍ୟର ସୀମା ଧାର୍ଯ୍ୟ କରିଥିଲେ ଓଡ଼ିଶା ଭିତରେ ବୈତରଣୀ ନଦୀ ଠାରୁ ଆନ୍ଧ୍ରର ଗୋଦାବରୀ ମୁହାଣ ପର୍ଯ୍ୟନ୍ତ ବ୍ୟାପ୍ତ ଅଞ୍ଚଳ। ମାତ୍ର ତାଙ୍କର ଏହି ଅନ୍ଦାଜ ଠିକ ଭାବରେ ସୀମା ନିର୍ଦ୍ଧାରଣ କରିନାହିଁ। ଏହାର କାରଣ ହେଲା ମହାକାବ୍ୟ ଦର୍ଶାଇଥାଏ ଯେ ବୈତରଣୀ କଳିଙ୍ଗ ରାଜ୍ୟ ଅନ୍ତର୍ଭୁକ୍ତ ନଦୀ, ମାତ୍ର ରାଜ୍ୟର ସୀମା ନୁହେଁ। ମହାଭାରତ କହିଥାଏ ଯେ ଯେତେବେଳେ ଚିତ୍ରାଙ୍ଗଦ କଳିଙ୍ଗର ଶାସକ ଥିଲେ ରାଜପୁର ହିଁ ତାହାର ରାଜଧାନୀ ଥିଲା। କଳିଙ୍ଗର ରାଜା ଚିତ୍ରାଙ୍ଗଦଙ୍କ କନ୍ୟାଙ୍କର ସ୍ୱୟମ୍ବର ସମାରୋହରେ ସାରା ଭାରତରୁ ଶିଶୁପାଳ, ଜରାସନ୍ଧ, ଭୀଷ୍ମକ, କର୍ଣ୍ଣ ଓ ଦୁର୍ଯ୍ୟୋଧନ ଆଦି ଖ୍ୟାତନାମା ରାଜାସବୁ ଯୋଗ ଦେଇଥିଲେ। ସେହି ଉତ୍ସବ ସଂପର୍କରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ରାଜକନ୍ୟା ଯେତେବେଳେ ଦୁର୍ଯ୍ୟୋଧନଙ୍କ ପାଖ ଦେଇ ତାଙ୍କୁ ପ୍ରତ୍ୟାଖ୍ୟାନ କରି ଚାଲି ଯାଉଥିଲେ ଦୁର୍ଯ୍ୟୋଧନ ବଳ ପ୍ରୟୋଗ ପୂର୍ବକ ତାଙ୍କୁ ନିଜର ପତ୍ନୀ କରି ନେଇଥିଲେ। ଏ ଘଟଣା ଏହା ମଧ୍ୟ ଦର୍ଶାଉଛି ଯେ ଉତ୍ତର ଭାରତର କୌରବ ରାଜକୁମାରଙ୍କ ସହ କଳିଙ୍ଗର ବୈବହିକ ସଂପର୍କ ମଧ୍ୟ ସ୍ଥାପନ ହୋଇଥିଲା। ସେହିଭଳି ପାଞ୍ଚାଳ ରାଜକନ୍ୟା ଦ୍ରୌପଦୀଙ୍କ ସ୍ୱୟମ୍ବର ଉତ୍ସବରେ କଳିଙ୍ଗର ରାଜା ଦୁର୍ଯ୍ୟୋଧନଙ୍କ ଗହଣରେ ସେଠରେ ଉପସ୍ଥିତି ଥିଲେ। ମହାଭାରତର ଆଦିପର୍ବରେ କଳିଙ୍ଗର ଅନେକ ଖ୍ୟାତନାମା ରାଜା ଉତ୍ତର ଭାରତର ବିଭିନ୍ନ ଆର୍ଯ୍ୟ ରାଜପରିବାର ସହ ବୈବାହିକ ସଂପର୍କ ସ୍ଥାପନ କରିଥିବା ତଥା କଳିଙ୍ଗର ରାଜକନ୍ୟାମାନେ ମଧ୍ୟ ଅକ୍ରୋଧନ ତଥା ତମସୁ ଇତ୍ୟାଦିଙ୍କୁ ବିବାହ କରିଥିବା ଦର୍ଶାଯାଇଛି।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଶିମିଳିପାଳରୁ ମାଈ ହାତୀର ମୃତଦେହ ଉଦ୍ଧାର



ବାରିପଦା, ୧୬।୧(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନର ଠାକୁରମୁଣ୍ଡା ରେଞ୍ଜ ଅସନକୁଡ଼ା ଅଞ୍ଚଳରୁ ବନବିଭାଗ ଏକ ମାଈହାତୀର ମୃତଦେହ ଉଦ୍ଧାର କରିଛି। ମୃତ ହାତୀର ବୟସ ପାଖାପାଖି ୬୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ୧୪ତାରିଖ ସନ୍ଧ୍ୟାରେ ମୃତଦେହକୁ ଠାବ କରାଯାଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ନିୟମାନୁଯାୟୀ, ହାତୀଟିର ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯାଇଛି।

ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ହାତୀଟିର ମୃତଦେହକୁ ଠାବ କରିଥିଲେ। ସେମାନେ ରେଞ୍ଜ ଅଧିକାରୀଙ୍କୁ ଅବଗତ କରିବା ପରେ ୧୫ ତାରିଖରେ ହାତୀର ବ୍ୟବଚ୍ଛେଦ କରାଯାଇଥିଲା। ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ବାର୍ଦ୍ଧକ୍ୟଜନିତ କାରଣରୁ ମୃତ୍ୟୁ ହୋଇଥିବା ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

# ବୋମା ଖାଇ ଗୁରୁତର ହାତୀର ମୃତ୍ୟୁ



ଅନୁଗୋଳ,୧୬।୧(ସମିସ): ବୋମା ଖାଇ ଗୁରୁତର ଅବସ୍ଥାରେ ଗୁରୁବାର ଠାବ ହୋଇଥିବା ଏକ ହାତୀର ଆଜି ମୃତ୍ୟୁ ହୋଇଛି। ଚିକିତ୍ସା ପାଇଁ ତାକୁ କପିଳାସ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତା'ର ମୃତ୍ୟୁ ହୋଇଛି। ଅନୁଗୋଳ ଜିଲ୍ଲା ବନ୍ତଳା ବନାଞ୍ଚଳ ବାଲୁଅକଟା ଗାଁ ନିକଟରେ ଗୁରୁବାର ସକାଳେ ଏକ ୫ ବର୍ଷର ହାତୀ ଗୁରୁତର ହୋଇପଡ଼ିଥିଲା। ହାତୀଟି କୌଣସି କେଉଁ ସ୍ଥାନରୁ ବୋମା ଖାଇଦେଇଥିବା ବେଳେ ତାହା ଫୁଟି ପାଟିରେ ଗଭୀର କ୍ଷତ ହୋଇଥିଲା। ପାଟିରୁ ପ୍ରବଳ ରକ୍ତସ୍ରାବ ହେଉଥିବାରୁ ହାତୀଟି ମାଟିରୁ ଉଠିପାରିନଥିଲା। ଖବର ପାଇ ବନବିଭାଗ କର୍ମଚାରୀ ବାଲୁଅକଟାରେ ପହଞ୍ଚି ହାତୀର ଚିକିତ୍ସା ଆରମ୍ଭ କରିଥିଲେ। ରାତି ପର୍ଯ୍ୟନ୍ତ ତା'ର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ଅଧିକ ଚିକିତ୍ସା ଲାଗି ଗୁରୁବାର ରାତିରେ ସ୍ୱତନ୍ତ୍ର 'ଐରାବତ' ଗାଡ଼ିରେ ତାକୁ କପିଳାସ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତା'ର ମୃତ୍ୟୁ ହୋଇଯାଇଥିଲା। ହାତୀ ହିନ୍ଦୋଳ ବନାଞ୍ଚଳରୁ ୫୧ଟିକିଆ ହାତୀ ସହ ଅନୁଗୋଳ ଆସିଥିବା କୁହାଯାଉଥିବା ବେଳେ କେଉଁ ସ୍ଥାନରୁ ବୋମା ଖାଇଲା, ସେ ସୂଚନା ବନ ବିଭାଗ ପାଖରେ ନାହିଁ।

## ■ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# ମାମଲାକୁ ଜନସ୍ୱାର୍ଥ ଆବେଦନରେ ରୂପାନ୍ତର ଚେଷ୍ଟା ପାଇଁ ୨୫ ହଜାର ଦଣ୍ଡ

କଟକ,୧୬।୧(ସମିସ): ଏକ ମାମଲାକୁ ଜନସ୍ୱାର୍ଥ ଆବେଦନ ଭାବେ ରୂପାନ୍ତର ପାଇଁ ଚେଷ୍ଟା କରାଯାଇଥିବା ପ୍ରସଙ୍ଗରେ ହାଇକୋର୍ଟ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏକ ମାମଲାର ଶୁଣାଣି କରି ଏଥିପାଇଁ ଆବେଦନକାରୀଙ୍କ ଉପରେ ୨୫ହଜାର ଟଙ୍କା ଦଣ୍ଡ ରାଶି ଧାର୍ଯ୍ୟ କରିଛନ୍ତି। ଏହି ଅର୍ଥକୁ ଦୁଇ ସପ୍ତାହ ମଧ୍ୟରେ 'ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ' ନିକଟରେ ଜମା କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଏହି ଅର୍ଥ ରାଶିକୁ କିଶୋର ସୁଧାର ଗୃହର ପିଲାମାନଙ୍କ ସୁବିଧା ପାଇଁ ବ୍ୟବହାର କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ବିଷ୍ଣୁଚରଣ ମାଝୀଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ କଟକ ମହାନଗର ନିଗମ (ସିଏମସି) ବିରୋଧରେ ଆବେଦନକାରୀ ଏକ ରିଟ୍ ପିଟିସନ ଦାୟର କରିଥିଲେ। ତାଙ୍କର ଅଭିଯୋଗ ଥିଲା ଯେ ସରକାରୀ ଜମି ଉପରେ ହୋଇଥିବା ବେଆଇନ ନିର୍ମାଣକୁ ଉଚ୍ଛେଦ କରିବା ପାଇଁ ସିଏମସି କୌଣସି ପଦକ୍ଷେପ ନେଉନାହିଁ। ପୂର୍ବରୁ ଏହି ଜମିର ଏକ ଅଂଶ 'ନାଳ' ବା ସର୍ବସାଧାରଣ ରାସ୍ତା ଭାବେ ରେକର୍ଡ ହୋଇଥିବା ନେଇ ଆଇନଗତ ବିବାଦ ଚାଲିଥିଲା। ନିମ୍ନ ଅଦାଲତରେ ଏହି ମାମଲାର ସମାଧାନ ହୋଇସାରିଛି ବୋଲି ଶୁଣାଣି ସମୟରେ ହାଇକୋର୍ଟ ଜାଣିବାକୁ ପାଇଥିଲେ। ତେବେ ଏହି ଆଦେଶକୁ ରଦ୍ଦ କରିବା ପାଇଁ ଏବଂ ନିଜର ମୂଳ ପିଟିସନକୁ ଏକ ଜନସ୍ୱାର୍ଥ ମାମଲାରେ ପରିଣତ କରିବା ପାଇଁ ଆବେଦନାକରୀ ସଂଶୋଧନ ଆବେଦନ କରିଥିଲେ। ଏହି ସଂଶୋଧନ ଆବେଦନ କେବଳ ମାମଲାକୁ ଲମ୍ବାଇବା ପାଇଁ ଏକ ପ୍ରୟାସ ବୋଲି ହାଇକୋର୍ଟ କହିବା ସହ ଆବେଦନକୁ ଖାରଜ କରିଦେଇଛନ୍ତି।

## ଖୋଲୁନି ଓଏସ୍ଏସ୍ସି ୱେବସାଇଟ୍ | ୧୦ ଦିନ ବଢ଼ିଲା ଆବେଦନ ଅବଧି

ଭୁବନେଶ୍ୱର, ୧୦।୧ (ସମିସ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍ଏସ୍ସି) ପକ୍ଷରୁ ସିଜିଏଲ୍ ଆବେଦନ ଅବଧିକୁ ୧୦ ଦିନ ବୃଦ୍ଧି କରାଯାଇଛି। ଆସନ୍ତା ୨୧ବଦଳରେ ୩୧ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ। ଏନେଇ ଓଏସ୍ଏସ୍ସି ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷରେ ଏଯାଏଁ ଓଏସ୍ଏସ୍ସି ୱେବସାଇଟ୍ ସ୍ୱାଭାବିକ ହୋଇପାରିନାହିଁ। ପୂର୍ବରୁ ମାତ୍ରାଧିକ ଧିମା ଚାଲୁଥିବା ବେଳେ ୧୨ ତାରିଖରୁ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ପ୍ରଥମରୁ ଲଗ୍-ଇନ୍ ହେଉ ନଥିବା ବେଳେ ନୂତନ ପଞ୍ଜୀକରଣ କରିବାକୁ ଆଶାୟୀମାନେ ନାକେଦମ୍ ହେଲେଣି। ଆବେଦନ ଅବଧିକୁ ବଢ଼ାଯାଉଥିଲେ ମଧ୍ୟ ୱେବସାଇଟ୍କୁ ସଚଳ କରିବାକୁ ପଦକ୍ଷେପ ନିଆଯାଉନଥିବାରୁ ଆଗକୁ ମଧ୍ୟ ଅଚଳାବସ୍ଥା ଜାରି ରହିବାର ଆଶଙ୍କା ଅଧିକ ରହିଛି। ଫଳରେ ୱେବସାଇଟ୍କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଆଶାୟୀମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୧୫୭୬ଟି ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ଡିସେମ୍ବର ୧୯ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ୱେବସାଇଟ୍ରେ ବ୍ୟାପକ ବୈଷୟିକ ତ୍ରୁଟି କାରଣରୁ ଆଶାୟୀମାନେ ଆବେଦନ କରିପାରୁ ନାହାନ୍ତି।

# ଦୁର୍ଘଟଣାରେ ଦୁଇ ସାଙ୍ଗ ମୃତ

ଉମରକୋଟ,୧୬।୧(ସମିମ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ଡାଡିଗୁଡ଼ାଠା ପେଟ୍ରୋଲ ପମ୍ପ ନିକଟରେ ଆଜି ସଂଧ୍ୟାରେ ଏକ ଦୁର୍ଘଟଣା ଦୁଇ ସାଙ୍ଗଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଉମରକୋଟ କୁସୁମଗୁଡ଼ାର ନବୀନ ହରିଜନ ଓ ଝରିଗାଁ ରୋଡର ଡାଲି। ଆଜି ସଂଧ୍ୟା ପ୍ରାୟ ୭ଟା ବେଳେ ଦୁହେଁ ଏକ ବାଇକ୍‌ରେ ବରବରଣ୍ଡିରୁ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଡାଡିଗୁଡ଼ାଠା ପେଟ୍ରୋଲ ପମ୍ପ ନିକଟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ସେମାନଙ୍କ ବାଇକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ ଦୁହିଁଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଗକୁ ଅସମ୍ଭାଳ...

ଉତ୍ପାଦନ ସମ୍ଭବ ହୋଇପାରିଛି। ଗତ ନିର୍ବାଚନ ସମୟରେ ରାଜ୍ୟର ଏକ ଲକ୍ଷ ଘରକୁ ସୌରାଲୋକରେ ଆଲୋକିତ କରାଯିବାକୁ ବିଜେପି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଗତ ୧୮ ମାସ ମଧ୍ୟରେ ଓଡ଼ିଶାରେ ସୌର ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ଉତ୍ସାହଜନକ ହୋଇପାରି ନାହିଁ। ସରକାର ଏହି ପ୍ରକଳ୍ପରେ ମେଗାୱାଟ ପିଛା ପ୍ରାୟ ୧୬ ହଜାରରୁ ୨୪ ହଜାର ଟଙ୍କା ପର୍ଯ୍ୟନ୍ତ ରିଆତି ବ୍ୟବସ୍ଥା କରିଥିଲେ ମଧ୍ୟ ତାହା ଲୋକଙ୍କୁ ପ୍ରଲୋଭିତ କରିପାରି ନାହିଁ। ଏହାପରେ ୧ ମେଗାୱାଟ୍ ସୌର ବିଦ୍ୟୁତ୍ ସଂଯୋଗ ପାଇଁ ହିତାଧିକାରୀଙ୍କ ଅଂଶ ସରକାର ବହନ କରିବାକୁ ଘୋଷଣା କରିଛନ୍ତି। ମାତ୍ର ୫ ହଜାର ଟଙ୍କା ପ୍ରଦାନ କରି ଜଣେ ହିତାଧିକାରୀ ୧ ମେଗାୱାଟ୍ ସୌର ବିଦ୍ୟୁତ୍ ସଂଯୋଗ କରିପାରିବେ ବୋଲି କୁହାଯାଉଛି। ମାତ୍ର ଏହା ବି ବିଶେଷ ଉତ୍ସାହଜନକ ହୋଇନାହିଁ।

ତାପଜ ବିଦ୍ୟୁତ୍ ଉତ୍ପାଦନ ଯୋଗୁଁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏହାର ହ୍ରାସ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ କଳକାରଖାନାଗୁଡ଼ିକ ସହ ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ନିଜସ୍ୱ ତାପଜ ବିଦ୍ୟୁତ୍ ପ୍ରକଳ୍ପ (କ୍ୟାପଟିଭ୍ ପାୱାର ପ୍ଲାଣ୍ଟ) ସ୍ଥାପନକୁ ଅନୁମତି ଦେଉଛନ୍ତି। ଏନ୍‌ଟିପିସି, ଓପିଜିସି ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ସହ ଘରୋଇ ଶିଳ୍ପ ସଂସ୍ଥାଗୁଡ଼ିକ ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବିଦ୍ୟୁତ୍ ଉତ୍ପାଦନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଳ ବିଦ୍ୟୁତ୍ ଓ ନବୀକୃତ ଉତ୍ସରୁ ଶକ୍ତି ସଂଗ୍ରହ ଅପରିହାର୍ଯ୍ୟ ହୋଇ ପଡ଼ିଛି। ତେଣୁ ବର୍ଦ୍ଧିତ ବିଦ୍ୟୁତ୍ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବେଠାରୁ ପଦକ୍ଷେପ ଗ୍ରହଣ ନ କଲେ ଭବିଷ୍ୟତରେ ଶକ୍ତି ଆବଶ୍ୟକତା ସବୁଠାରୁ ବଡ଼ ସମସ୍ୟା ରୂପେ ଉଭା ହେବା ଆଶଙ୍କା ସୃଷ୍ଟି କରିଛି।

### ୨୦ରେ ବିଜେପିକୁ...

ବିଜେପିର ଜାତୀୟ ରିଟର୍ଣ୍ଣିଂ ଅଧିକାରୀ କେ ଲକ୍ଷ୍ମଣ ନିର୍ବାଚନ କାର୍ଯ୍ୟସୂଚୀ ପ୍ରକାଶ କରିଛନ୍ତି। ଏହା ଅନୁସାରେ, ଜାନୁଆରୀ ୧୯ ଅପରାହ୍ଣ ୨ରୁ ୪ଟା ମଧ୍ୟରେ ନାମାଙ୍କନ ଦାଖଲ କରାଯିବ ଓ ଏହି ଦିନ ଅପରାହ୍ଣ ୫ରୁ ୬ଟା ମଧ୍ୟରେ ନାମାଙ୍କନ ପ୍ରତ୍ୟାହାର କରାଯିବ। ଯଦି ଆବଶ୍ୟକ ହୁଏ, ଜାନୁଆରୀ ୨୦ରେ ମତଦାନ ହେବ ଓ ନୂଆ ସଭାପତିଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ।

### ୩ ଦଶନ୍ଧି ପରେ...

ସିକିମ ଏବଂ ତ୍ରିପୁରାଠାରୁ ଅଧିକ। ମୁମ୍ବଇରେ ପରାଜୟ ପରେ ଏବେ ଉଦ୍ଧବ ଠାକରେଙ୍କ ଶିବସେନା ଏବଂ ତାଙ୍କ ଭାଇ ତଥା ମହାରାଷ୍ଟ୍ର ନବ ନିର୍ମାଣ ସେନା (ଏମଏନଏସ) ମୁଖ୍ୟଙ୍କ କ୍ୟାରିୟର ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଛି। ଏହି ନିର୍ବାଚନରେ ମରାଠା ପ୍ରସଙ୍ଗ କାମ କରିନାହିଁ। ନିର୍ବାଚନ ପୂର୍ବରୁ ଠାକରେ ପରିବାର ଏକାଠି ହୋଇଥିଲେ ବି ଲୋକଙ୍କ ଆସ୍ଥା ଭାଜନ ହେବାରେ ବିଫଳ ହୋଇଛି।

ସୂଚନା ଅନୁଯାୟୀ, ନାଗପୁର, ପୁଣେ, ଥାନେ, ନଭି ମୁମ୍ବଇ, ପିମ୍ପରି ଚିଞ୍ଚୱାଡ ଏବଂ ନାସିକରେ ବିଜେପି ମେଣ୍ଟ ଆଗରେ ରହିଛି। ଲାତୁରରେ କଂଗ୍ରେସ ବିଜୟୀ ହୋଇଛି। ୭୦ରୁ ୪୩ ଆସନ ହାତେଇଛି। ସେହିପରି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି ଯେ ମୁମ୍ବଇରେ ଯେଉଁ ଭଳି ଭାବେ ଗଣତି ଚାଲିଛି ତାହାକୁ ଦେଖିଲେ ଅଧରାତି ପର୍ଯ୍ୟନ୍ତ ଚୂଡ଼ାନ୍ତ ଫଳାଫଳ ଆସିବ ନାହିଁ। ଭୁଲ ତଥ୍ୟ ଜାରି କରାଯାଉଛି। ରାତି ୯ଟା ସୁଦ୍ଧା ୧୦୦ ୱାର୍ଡରେ ଗଣତି ଆରମ୍ଭ ହୋଇନାହିଁ।

### ନବୀନଙ୍କୁ ଭେଟିଲେ...

ନବୀନ ପଟ୍ଟନାୟକ ଜଣେ ବରିଷ୍ଠ ନେତା। ଓଡ଼ିଶାର ବିକାଶରେ ନବୀନ ପଟ୍ଟନାୟକ ଓ ତାଙ୍କ ପିତା ବିଜୁ ପଟ୍ଟନାୟକଙ୍କ ବହୁତ ବଡ଼ ଅବଦାନ ରହିଛି। ବିଶେଷକରି ଗରିବଙ୍କ ସମ୍ମାନ ଓ ଓଡ଼ିଶାର ଉନ୍ନତି ପାଇଁ ସେ ଯେଉଁ ବିକାଶ କରିଛନ୍ତି, ତାହା ସ୍ପଷ୍ଟ ଭାବେ ଦେଖାଯାଉଛି। ସାଧାରଣଲୋକଙ୍କ ଜୀବନଧାରା ବଦଳାଇବା ପାଇଁ ନବୀନ ବାବୁ ଚେଷ୍ଟା କରିଛନ୍ତି। ଲୋକଙ୍କ ଜୀବନଧାରା କିପରି ବଦଳିବ ଓ ସେମାନେ ସମ୍ମାନର ସହ ବଞ୍ଚିବେ, ସେନେଇ ସରକାରରେ ରହି ନବୀନ ପଟ୍ଟନାୟକ କାର୍ଯ୍ୟ କରିଛନ୍ତି। ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ରହିଥିଲା। ମୋ ପିତା ନବୀନ ବାବୁଙ୍କ ପିତାଙ୍କ ସହ ମିଶି କାମ କରିଛନ୍ତି। ଆଜି ଆମେ ଦୁଇ ଜଣ ବିଜେପି ବିରୋଧରେ ଲଢ଼େଇ କରୁଛୁ। ରାଜ୍ୟର ଅନେକ ଦିନ ପର୍ଯ୍ୟନ୍ତ ଶାସନରେ ରହି ସେ ଲୋକଙ୍କ ସହ ସେବା କରିଛନ୍ତି। ନବୀନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଓ ମୋ ସହ ଭଲଭାବେ ବସି କଥା ହେଲେ ବୋଲି ଅଖିଳେଶ କହିଛନ୍ତି। ଅଖିଳେଶ ଯାଦବ ଶୁକ୍ରବାର ବିମାନବନ୍ଦରରେ ପହଞ୍ଚିବା ପରେ ବିଜେପି ସରକାର ଉପରେ ବର୍ଷିଥିଲେ। ବିଜେପି ଯେଉଁଠାରେ ଦୁର୍ବଳ ହେଉଛି ଓ ନିଜର ଇସ୍ତାହାରରେ ଦେଇଥିବା ପ୍ରତିଶୃତି ପାଳନ କରି ପାରୁନାହିଁ, ସେଠାରେ ସେମାନେ ସାମ୍ପ୍ରଦାୟିକ ରାସ୍ତା ଆପଣାଉଛନ୍ତି ବୋଲି ଅଖିଳେଶ କହିଥିଲେ। ସମାଜବାଦୀ ପାର୍ଟି ବିଭାଜନ ରାଜନୀତି କରେ ନାହିଁ। ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରେ। ବିଭାଜନ ରାଜନୀତିର ଅନ୍ତ ହେବା ଦରକାର ବୋଲି ଅଖିଳେଶ କହିଛନ୍ତି।

### ବାଂଲାଦେଶ ସେନା...

ଖାଲି ଦେଖିବାକୁ ନିରେପକ୍ଷ। ଗତ କିଛି ମାସ ହେଲା ସରକାରଙ୍କ ସହ ସମ୍ପର୍କ ଖରାପ ହେବାରେ ଲାଗିଛି। ବିଭିନ୍ନ ପ୍ରସଙ୍ଗରେ ସେନା ଏବଂ ସରକାରଙ୍କ ଆଭିମୁଖ୍ୟ ଭିନ୍ନ ଭିନ୍ନ ରହିଛି। କିଛି କ୍ଷେତ୍ରରେ ବାଂଲାଦେଶର କାମଚଳା ମହମ୍ମଦ ୟୁନୁସଙ୍କ ସରକାର ସେନାମୁଖ୍ୟ ଏବଂ ଅନ୍ୟ ପ୍ରମୁଖ ଜେନେରାଲଙ୍କୁ ମାମଲା ଚଲାଇବାର ଧମକ ଦେଇ ଚପାଇ ଦେଇଛନ୍ତି। ମାତ୍ର ଆଉ ଏକ ଗୋଷ୍ଠୀ ମାନିବାକୁ ନାରାଜ। ଏମାନେ ପାକିସ୍ତାନ କଥାରେ ଚାଲି ଦେଶକୁ ବର୍ବାଦ କରିବାରେ ଲାଗିଛନ୍ତି। ପାକିସ୍ତାନର ଅଯଥା ହସ୍ତକ୍ଷେପ ସ୍ଥିତିକୁ ଅଧିକ ଖରାପ କରିଦେଇଛି। ପାକିସ୍ତାନ ହିନ୍ଦୁ ମୁକ୍ତ ବାଂଲାଦେଶ ଗଠନ କରିବାକୁ ଚାହୁଁଛି। ସେନାରେ ଥିବା ୪୦ ପ୍ରତିଶତ ଚରମପନ୍ଥୀ ଏହାକୁ ସମର୍ଥନ ଦେଉଛନ୍ତି। ଯଦି ଆଗକୁ ଏଭଳି ସ୍ଥିତି ଜାରି ରହେ ତେବେ ଗୃହଯୁଦ୍ଧ ସୃଷ୍ଟି ହୋଇପାରେ।

ସୂଚନା ଅନୁଯାୟୀ, ଗତ ନଭେମ୍ବରରୁ ସେନା ଏବଂ ସରକାରଙ୍କ ମଧ୍ୟରେ ଥିବା ମତଭେଦ ଖୋଲାଖୋଲି ଭାବେ ସାମନାକୁ ଆସିଥିଲା। ସେନାମୁଖ୍ୟ ୱାକର-ଉଜ-ଜମାନ ବାଂଲାଦେଶ ସରକାରଙ୍କୁ ଡିସେମ୍ବରରେ ନିର୍ବାଚନ କରାଇବାକୁ କହିଥିଲେ। ଯଦି ଏ ସଂକ୍ରାନ୍ତରେ କିଛି ନିଷ୍ପତ୍ତି ନିଅନ୍ତି ତେବେ ସେନାକୁ ଜଣାଇବାକୁ କହିଥିଲେ। କିନ୍ତୁ ସରକାର ସେନା ପରାମର୍ଶ ବିନା ନିର୍ବାଚନ ତାରିଖ ଘୋଷଣା କରିଦେଲେ। ସେହିପରି ସେନା ସହ ଆଲୋଚନା ନ କରି ବାଂଲାଦେଶ ସୀମାରେ ରଖାଇନ କରିଡର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଭଳି ସ୍ଥିତିରେ ସେନାର ଗୋଟିଏ ଗୋଷ୍ଠୀ ଚୁପ ହୋଇ ୟୁନୁସ ସରକାରଙ୍କୁ ହଟାଇବାକୁ ପ୍ରୟାସ କରୁଛି। ବାଂଲାଦେଶରେ ଚାଲିଥିବା ଟାର୍ଗେଟ ହତ୍ୟା ଏବଂ ହିଂସା ପଛରେ ସେନାର ହାତ ରହିଛି ବୋଲି ଏନସିପିର ଅନ୍ତର୍ଜାତୀୟ ସେଲ୍ ମୁଖ୍ୟ ଅଲାଉଦ୍ଦିନ ମହମ୍ମଦ କହିଛନ୍ତି। ଏଜେନ୍ସି ଗୁଡ଼ିକ ଏବଂ ସେନା ମିଶି ଏପରି କରୁଛନ୍ତି। ଏହା ଦ୍ୱାରା କ୍ଷମତା ଅକ୍ତିଆରର ରାସ୍ତା ସଫା ହୋଇଯିବ। ସରକାର ଲୋକଙ୍କ ଭରସା ଜିତିବାରେ ବିଫଳ ହୋଇଛନ୍ତି। ସରକାର ଚଲାଇବା ପାଇଁ ପୁଲିସ, ଅମଲା ଏବଂ ସେନାର ସହାୟତା ଦରକାର, କିନ୍ତୁ ଏପରି ହେଉନାହିଁ। ଏବେ ସେନାର ୨୭ ଜେନେରାଲ ଜେଲ୍‌ରେ ଅଛନ୍ତି। କାରଣ ଏମାନେ ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସରକାର ଦ୍ୱାରା ପ୍ରାୟୋଜିତ ହିଂସାରେ ସାମିଲ ଥିଲେ। ବାଂଲାଦେଶରେ ସେନା ଏବଂ ସରକାରଙ୍କ ମଧ୍ୟରେ ମତଭେଦ ଜୋର ଧରିଛି। ଏପରି ସ୍ଥିତିରେ ଫେବୃଆରୀ ୧୫ରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଯଦି କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳେ ତେବେ ସେନାର ଗୋଟିଏ ଗୋଷ୍ଠୀ କ୍ଷମତା ପରିବର୍ତ୍ତନ କରିବାକୁ ଚାହିଁ ବସିଛି। ସେନା ସରକାର ଗଠନ ପାଇଁ ଏମାନେ ସୁଯୋଗ ଖୋଜୁଛନ୍ତି। ଯଦି ଅନ୍ୟ ଗୋଷ୍ଠୀ ସହାୟତା ନ କରେ ତେବେ ଗୃହଯୁଦ୍ଧ ସୃଷ୍ଟି ହେବ।

### ବିଦା ହେବେ ଅପାରଗ...

ସରକାରଙ୍କ ବାଧ୍ୟତାମୂଳକ ଅବସର ଛାଟ ପଡ଼ିବା ପରେ ଶିକ୍ଷାନୁଷ୍ଠାନରେ କମ୍ପନ ସୃଷ୍ଟି ହୋଇଛି। କିନ୍ତୁ, ଶିକ୍ଷାବିତମାନେ ଏହାକୁ ଧୂଆଁବାଣ ବୋଲି କହିଛନ୍ତି। ଅନେକ ଶିକ୍ଷାନୁଷ୍ଠାନରେ ଖୋଦ୍ ଅଧକ୍ଷମାନେ ଦୁର୍ନୀତିଗ୍ରସ୍ତ ହୋଇଥିବା ବେଳେ ଆକ୍ରୋଶମୂଳକ ଭାବେ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ବିରୋଧରେ ରିପୋର୍ଟ ଦେବାର ଆଶଙ୍କା ରହିଛି। ଏଣୁ, ସରକାର ଯଦି ବାସ୍ତବରେ ଅପାରଗ ଅଧିକାରୀଙ୍କୁ ବିଦା କରିବାକୁ ସତରେ ଚାହୁଁଛନ୍ତି, ଏଥିପାଇଁ ସ୍ୱତନ୍ତ୍ର ଯାଞ୍ଚ ପ୍ରକ୍ରିୟା କରିବା ସହ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

### ଇଏମ୍‌ଆଇ ଜାଲରେ...

ଦୃଷ୍ଟିରୁ ଅସୁବିଧାଗ୍ରସ୍ତ ଋଣଗ୍ରହୀତାଙ୍କ ମଧ୍ୟରେ କରାଯାଇଥିବା ଏହି ସର୍ଭେରୁ ଜଣାପଡିଛି ଯେ ୮୫% ଲୋକ ସେମାନଙ୍କ ମାସିକ ଆୟର ୪୦% ରୁ ଅଧିକ କେବଳ ଇଏମ୍‌ଆଇ ପେମେଣ୍ଟରେ ଖର୍ଚ୍ଚ କରିବାକୁ ବାଧ୍ୟ ହୋଇଛନ୍ତି। ମାସିକ ୩୫ ହଜାରରୁ ୬୫,୦୦୦ ଟଙ୍କା ରୋଜଗାର କରୁଥିବା ଲୋକମାନେ କେବଳ ଇଏମ୍‌ଆଇରେ ୨୮ ହଜାରରୁ ୫୨,୦୦୦ ଟଙ୍କା ଦେଉଛନ୍ତି। ଯେତେବେଳେ ଇଏମ୍‌ଆଇ ସେମାନଙ୍କ ଆୟର ଅଧିକାଂଶ ଖାଇଯାଉଛି, ସେତେବେଳେ ଲୋକମାନେ ଟଙ୍କା ସଞ୍ଚୟ କରିବା ପାଇଁ ବିପଦପୂର୍ଣ୍ଣ ପଦ୍ଧତି ଅବଲମ୍ବନ କରୁଛନ୍ତି। ପ୍ରାୟ ୪୦% ଋଣଗ୍ରହୀତା ଗୋଟିଏ କ୍ରେଡ଼ିଟ୍ କାଡର୍ ଜରିଆରେ ଅନ୍ୟ କାଡର୍‌ର ବିଲ୍ ପରିଶୋଧ କରୁଛନ୍ତି।

ଏପରିକି ଋଣ ଜାଲରେ ପଡ଼ିଥିବା ଲୋକମାନେ ପିଲାମାନଙ୍କ ଶିକ୍ଷା ବନ୍ଦ କରିବା, ଚିକିତ୍ସା ସ୍ଥଗିତ ରଖିବା, ବୀମା ପଲିସି ବାତିଲ୍ କରିବା ଏବଂ ସେମାନଙ୍କର ଖାଇବା ବଜେଟ୍ ହ୍ରାସ କରିଥିବା ଦେଖାଯାଉଛି। କିଛି ଲୋକ (୧୬%) ଦରମା ଅଗ୍ରୀମ ନେଉଛନ୍ତି, ଏପିକି କିଛି ଲୋକ (୧୫%) ସେମାନଙ୍କର ସମ୍ପତ୍ତି, କିଛି ଲୋକ ସୁନା ଅଳଙ୍କାର (୮%), ବନ୍ଧକ ରଖିଥିବା ଦେଖାଯାଇଛି। ଯେତେବେଳେ ଲୋକମାନେ ସମୟ ମଧ୍ୟରେ ଇଏମ୍‌ଆଇ ଦେଇପାରି ନ ଥାନ୍ତି, ସେତେବେଳେ ରିକଭରୀ ଏଜେଣ୍ଟମାନେ ଋଣ ଆଦାୟ ପାଇଁ ଚାପ ପ୍ରୟୋଗ କରନ୍ତି ଓ ୭୨% ଲୋକ ରିକଭରୀ ଏଜେଣ୍ଟ ସେମାନଙ୍କୁ ହଇରାଣ କରୁଥିବା ଅଭିଯୋଗ କରିଛନ୍ତି। ୬୭% ଲୋକ ପ୍ରତି ମାସରେ ୫୦ ରୁ ୧୦୦ ଋଣ ବକେୟା ପରିଶୋଧ କଲ ପାଉଥିବା ପ୍ରକାଶ କରିଛନ୍ତି।

## ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ କର୍ତ୍ତବ୍ୟବୋଧ ଦିବସ

# 'ସମାଜର ହିତ ପାଇଁ କାର୍ଯ୍ୟ କରନ୍ତୁ ଶିକ୍ଷକ'




ଭୁବନେଶ୍ୱର, ୧୬।୧(ସମିସ): ଶିକ୍ଷକମାନେ ସମାଜଠାରୁ ଆଦର ଓ ସମ୍ମାନ ପାଇବାକୁ ହେଲେ ସେମାନଙ୍କୁ ସମାଜର ହିତ ସାଧନ ଦିଗରେ କାର୍ଯ୍ୟ କରିବାକୁ ହେବ। ଶୈକ୍ଷିକ ବିକାଶ ସହ ସାମାଜିକ ବିକାଶରେ ଅବଦାନ ଦେବାକୁ ପଡ଼ିବ। ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ କର୍ତ୍ତବ୍ୟବୋଧ ଦିବସ ପାଳନ ଉତ୍ସବର ମୁଖ୍ୟ ଅତିଥି ତଥା ବିହାର ସମସ୍ତିପୁରସ୍ଥିତ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଏହା କହିଛନ୍ତି। ମହାସଂଘର ଉଚ୍ଚଶିକ୍ଷା ଶାଖା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ପାରେଶ୍ୱର ସାହୁ ଅଧ୍ୟକ୍ଷତା କରିଥିବାବେଳେ ପ୍ରଫେସର ମହେଶ୍ୱର ସାହୁ, ପ୍ରଫେସର ମନୋରଞ୍ଜନ ସେନାପତି, ଡ. ନାରାୟଣ ମହାନ୍ତି, ଡ. ସରୋଜକାନ୍ତ କର, ଡ. ବିଶ୍ୱଜିତ ମଲ୍ଲିକ, ଡ. ସୁଶାନ୍ତ ପ୍ରଧାନ, ଡ. ନିରଞ୍ଜନ ଶବର, ରମେଶ ଚନ୍ଦ୍ର ମହାନ୍ତ, ଡ. ଅଜିତ କୁମାର ସାହୁ, ଡ. ବିଶ୍ୱମୋହନ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, vide CF. No. 120, dated 08.01.2026, **LIJARANI SITHA**, D/o Kailash Sitha resident of Vill.- Kakalama, PO- Darpanarayanpur, Ps.- Sarankul, Dist- Nayagarh, State- Odisha, Pin- 752079 declare that I have changed any name, from **LIJA SITH** to **LIJARANI SITHA.** Henceforth I shall be known as **LIJARANI SITHA** for all purposes.

Sd- **LIJARANI SITHA**

**AFFIDAVIT**

By virtue of an affidavit sworn before Notary Public, Jharsuguda, dated 19/09/2025, I, **Keshar Singh**, Address: Near Vaishno Apartments, Behind Old Income Tax Office, Sarbahal Road, PO/PS/Dist.: Jharsuguda, PIN- 768201, Odisha declare that I have changed my name from **Keshar Sinigh Chawala** To **Keshar Singh.** Henceforth, I shall be known as **Keshar Singh** for all purposes.

**Keshar Singh**

**AFFIDAVIT**

By virtue of an affidavit before the Executive Magistrate, Nabarangpur, I, Bugata Rohit Kumar @ B. Rohit, resident of Patel Marg, Near Axis Bank, Backside of Jain Mandir, Po/Ps/Dist.-Nabarangpur hereby declare that B. Rohit, S/o- B. Sai Krishna and Bugata Rohit Kumar, S/o- Bugata Saikrishna refer to one and the same person, i.e., myself. Henceforth I shall be known as **Bugata Rohit Kumar** for all purposes.

**AFFIDAVIT**

By virtue of an affidavit No. 127 sworn before the Executive Magistrate, Champua on dtd- 15/01/2026. I Bikash Mahanta, S/o- Bharata Ch. Mahanta, permanent resident of Vill/P.o- Uchabali, P.s-Baria, Dist- kendujhar, Odisha, Pin-758044 declare that I have changed my name from **Bhagiratha Mohanta** (Old Name) to **Bikash Mahanta** (New Name), Henceforth I shall be known as **Bikash Mahanta** for all future purposes.

**Bikash Mahanta**

**AFFIDAVIT**

By virtue of an affidavit (CF No. 01, dtd- 16/01/2026) sworn before the Executive Magistrate, Padampur. I, **Sudeshna Sahu,** D/o- Brundaban Sahu, permanent & current resident of AT- Banchhorpali, PO- G.S Dunguripali, PS- Balangir Sadar, Dist- Balangir, PIN- 767024, Odisha declare that I have changed my name from **Puspa Sahu** to **Sudeshna Sahu.** Henceforth, I shall be known as **Sudeshna Sahu** (new name) for all purposes.

**Sudeshna Sahu**

B-940

E-mail ID: eepwd765017@gmail.com
Phone-(06856)233066

Government of Odisha
"E" Procurement Notice

OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II
**Short Bid Identification No: RC (RANDB) RGD No-II 18/2025-26 (Online tender)**
No.56 / Dated 05.01.2026

1. Total No. of the works: - 1 No Building Work **(Double cover System)**
2. Approximate estimated Cost: - Rs 52.25 Lakhs
3. Period of completion : - 05 (Five) Calendar months
4. Date & Time of availability of bid document in the portal:-**11.00 Hrs. of dated 19.01.2026 to 17.00 Hrs. of dated** 31.01.2026 **for online bidding.**
5. Last date/Time for receipt of bids in the portal: - Up to 17.00 Hrs. of **dated 31.01.2026**
6. Name and address of the officer inviting BID: - **Superintending Engineer, Rayagada (R&B) Division No-II**
7. **Date of opening of Technical Bid at 11.00 Hours on dated** 02.02.2026
8. Further details can be seen from the *e-Procurement* portal: www.tendersodisha.gov.in.
9. Further Addendum/Corrigendum if any will be hosted in the above website only.

Superintending Engineer
Rayagada (R&B) Division No-II

OIPR-

A-1267

GOVERNMENT OF ODISHA, DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, MECHANICAL CIRCLE, HIRAKUD,
Email address: semech-eicwr.od@od.gov.in
E-Procurement Notice- Bid Identification No. ACEMC/MDHKD: 04/2025-26 & ACEMC/MDRKL-05/2025-26 dt.12.01.2026

1. Name of the Work : Mechanical Gate Works of MI Division, Jharsuguda & MI Division, Sundargarh
2. No. of Work : 02 (Two) Nos.
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro Mechanical Gates
4. Bid Identification No. : ACEMC/MDHKD:**04**/2025-26 & ACEMC/MDRKL:**05**/2025-26, dt.12.01.2026
5. Estimated Cost : i.11.01Lakh & ii.10.16Lakh (Excluding GST)
6. Period of Completion : Two Calendar Months each.
7. Date & time of availability of bid documents in the Portal : From dt.20.01.2026 (10.00AM) to dt.01.02.2026 (5.30PM)
8. Last date/ time for receipt of bid : dt.01.02.2026(up to 5.30 PM) In the Portal
9. Date and place of opening of bid : dt.02.02.2026, 11.30 AM onwards in O/o the undersigned
10. Name of the Officer inviting Bids : Additional Chief Engineer, Mechanical Circle, Hirakud.

Further details can be seen only from e-procurement portal **https://tendersodisha.gov.in**

Additional Chief Engineer
Mechanical Circle, Hirakud

OIPR-

MM-504

OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION
AT-MATIAGARH CHHAKA, PO-K. JASHIPUR,
DIST-MAYURBHANJ, ODISHA-757091
Tel: - 06797-295030, Email- dfo.similipalnorthwl@odisha.gov.in / ddsimilipalnorth@gmail.com

Office Letter No. 24/1F (Account), Dated 13.10.2026

RESULT OF TENDER CALLED VIDE BID IDENTIFICATION NO: 02/2025-26 OF DD – SNWLD JASHIPUR OF THE DEPUTY DIRECTOR, SIMILIPAL NORTH WL DIVISION, JASHIPUR

The following Bidder are selected as L1 & L2 bidder through tender process held on 12.01.2026 at 12.00 in the office chamber of the Deputy Director, Similipal North WL Division, Jashipur for Construction of Forester Quarter at Jashipur, Mayurbhanj under Similipal North WL Division, Jashipur during 2025-26

The detailed list of successful Bidder is given below.

| Sl. No. | Name of the Bidder | Name of Work | Percentage / amount offered by the bidders | Remarks |
|---|---|---|---|---|
| 01 | DEBASISH KUMAR SAHOO | Construction of Forester Quarter at Jashipur, Mayurbhanj under Similipal North WL Division, Jashipur during 2025-26 | 14.99% | L-1 Bidder (Selected through transparency lottery system) |
| 02 | LIPIKA HANSDAH | Construction of Forester Quarter at Jashipur, Mayurbhanj under Similipal North WL Division, Jashipur during 2025-26 | 14.99% | L-2 Bidder (Selected through transparency lottery system) |

Deputy Director,
Similipal (North) WL Division,
Jashipur

OIPR-

WEB : www.kbvm.org.in Phone : 06810-270110
E-mail : kbvm2012@gmail.com

OFFICE OF THE PRINCIPAL
KABISURYA BALADEV VIGYAN MAHAVIDYALAYA
(Accredited 'B' by NAAC)
KABISURYANAGAR-761104 (GANJAM)

**TENDER CALL NOTICE**

Sealed quotations are invited from interested registered book dealers for supply of books under NEP of an estimated cost of Rs.2,00,000/-. For detailed book list and terms and conditions bidders may visit: **www.kbvm.in**.

Sd/- PRINCIPAL,
K B V MAHAVIDYALAYA,
KABISURYANAGAR

OFFICE OF COLLECTOR & DM : BALASORE g-149

Tender Call Notice No.: 41 Dt.15.01.2026

"Sealed Quotations are invited from the registered Supplier/Farm/Agencies for Tentage & Allied Works and Event Management for District Level Subhadra Shakti Mela at Balasore. Tender documents and other details can be downloaded from https://balasore.odisha.gov.in"

Last Date:02.02.2026

Sd/-
DSWO, Balasore

OIPR-

WEB : www.kbvm.in Phone : 06810-270110
E-mail : kbvm2012@gmail.com

OFFICE OF THE PRINCIPAL
KABISURYA BALADEV VIGYAN MAHAVIDYALAYA
(Accredited 'B' by NAAC)
KABISURYANAGAR-761104 (GANJAM)

**WALK-IN-INTERVIEW**

A walk-in-interview for the selection of the following Non-teaching posts shall be conducted on **Dt.29.01.2026 (Thursday)** at **10.30 AM** in the college premises. Interested candidates are required to report the office of the undersigned with resume, original and photocopies of all the certificates (self-attested) and a photograph for the interview.

| Post | No. | Required Qualification |
|---|---|---|
| **Lab Attendant** Chemistry, Botany, Zoology | 03 | 10th Pass |
| **Peons** | 04 | 7th Pass (Ability to read and write English & Odia shall be preferred) |
| **Sweeper** | 01 | 7th Pass |

The undersigned reserves the right to cancel such engagement fully or partly without assigning any reason thereof.

Sd/- PRINCIPAL,
K B V MAHAVIDYALAYA,
KABISURYANAGAR

## ଜିଲ୍ଲା ସଂଗ୍ରହାଳୟରେ ବିଭିନ୍ନ ପ୍ରତିଯୋଗିତା



ବୌଦ୍ଧ,୧୬ ।୧(ସମିସ): ବନ୍ଦେ ମାତରଂର ୧୫୦ତମ ଜୟନ୍ତୀ ଅବସରରେ ବୌଦ୍ଧଗଡ଼ ପୌରପରିଷଦ, ସମସ୍ତ ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଷଇଯାଇଛି। ଜିଲ୍ଲା ସଂଗ୍ରହାଳୟରେ ଏହି ପ୍ରତିଯୋଗିତା ହୋଇଥିଲା। ପ୍ରଶିକ୍ଷକ ତଥା ବରିଷ୍ଠ ସାଧନ କର୍ମୀ ଭାବେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଉତ୍ତମ ବେହେରା, ସୁବାଷ ବୋଷ ଭୋଇ, ମନୋଜ ପ୍ରହରାଜ, ପ୍ରଧାନଶିକ୍ଷକ ସୁଶାନ୍ତ ମହାପାତ୍ର, ପ୍ରଧାନଶିକ୍ଷକ ରାଧାମୋହନ ମାହାଣା, ସହକାରୀ ଶିକ୍ଷକ ସତ୍ୟନାରାୟଣ ସାହୁ, ସହକାରୀ ଶିକ୍ଷକ ନବ କିଶୋର ଦୀପ, ସହକାରୀ ଶିକ୍ଷକ ପ୍ରକାଶ ମେହେର, ପ୍ରଧାନ ଶିକ୍ଷକ ଅଭିନବ ପଟ୍ଟନାୟକ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିୟାର ସିଂହଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ସମ୍ପାଦିତ ହୋଇଛି।

## ନାମ ଲେଖାଇଲେ ଅଧାରୁ ପାଠ ଛାଡ଼ିଥିବା ୪୫ ଶିକ୍ଷାର୍ଥୀ



ବୌଦ୍ଧ,୧୬ ।୧(ସମିସ): ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରାଙ୍କ ପ୍ରୟାସ କ୍ରମେ ଅଧାରୁ ପାଠ ଛାଡିଥିବା ୪୫ ଶିକ୍ଷାର୍ଥୀ ପୁଣି ସ୍କୁଲରେ ନାମ ଲେଖାଇଛନ୍ତି। ସିଆରସିସି ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହାୟତାରେ ବିଦ୍ୟାଳୟ ବାହାରେ ଥିବା ୬ରୁ ୧୪ ବର୍ଷର ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାରେ ଉଦ୍ୟମ ସଫଳ ହୋଇଛି। ସେହିଭଳି ଅଧାରୁ ପାଠ ଛାଡିଥିବା ତଥା ଆଦୌ ବିଦ୍ୟାଳୟ ଆସୁ ନ ଥିବା ୧୪ରୁ ୧୮ ବର୍ଷ ବୟସର ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଉଦ୍ୟମ କରାଯାଇଥିଲା। ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ମାତାପିତାଙ୍କ ସହ ସାକ୍ଷାତ କରି ବିଦ୍ୟାଳୟକୁ ଫେରାଇ ଆଣିବାକୁ ପ୍ରୟାସ କରିଥିଲେ। ଏନେଇ ଗତ ଡିସେମ୍ବର ୨୨ ତାରିଖରେ କ୍ଲଷ୍ଟରସ୍ତରରେ ଶିକ୍ଷାସଭା ଆୟୋଜନ କରାଯାଇଥିଲା। ସଭାରେ ଦଶମ ଓ ଯୁକ୍ତ+୨ ପଢିବାକୁ ଚାହୁଁଥିବା ପିଲାଙ୍କଠାରୁ ନାମଲେଖା ଲାଗି ଫର୍ମ ସଂଗ୍ରହ କରାଯାଇ ଥିଲା। ସେହି ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ବ୍ଲକ୍‌ସ୍ତରରେ ବ୍ଲକସ୍ତରୀୟ ମେଗା ଆଡ଼ମିଶନ କ୍ୟାମ୍ପ ହୋଇଥିଲା। ପୁରୁଣାକଟକ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ଗୋଷ୍ଠୀ ଅଧିକାରୀ ହାଡିବନ୍ଧୁ ବେହରାଙ୍କ ଅଧକ୍ଷ୍ୟତାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ଅଧୀନରେ ୪୫ ଜଣ ଶିକ୍ଷାର୍ଥୀ ଦଶମ ଶ୍ରେଣୀରେ ନାମ ଲେଖାଇଥିଲେ। ଜାତୀୟ ମୁକ୍ତ ବିଦ୍ୟାଳୟ ଅଧୀନରେ ଯୁକ୍ତ +୨ରେ ୧୪୦ ଜଣ ଶିର୍କ୍ଷାଥୀ ନାମ ଲେଖାଇବାପାଇ ଆବେଦନ କରିଥିଲେ।

## ଧର୍ମଶାଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବୀରମହାରାଜପୁର,୧୬ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ଧର୍ମଶାଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୭ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉଲୁଣ୍ଡା ବ୍ଲକ ଅଧକ୍ଷା ଶାନ୍ତିଲତା ମିଶ୍ର, ମୁଣ୍ଡଘାଟ ସରପଞ୍ଚ କେସନ ଜଗଦଲା ଓ ସୋନପୁର ମହା ବିଦ୍ୟାଳୟର ଅଧ୍ୟାପକ ଡ. କୈଳାଶ ଚାନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଶବ ଦାଶ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମିତ୍ରଭାନୁ ନନ୍ଦ ଅତିଥି ପରିଚୟ ଦେବା ସହ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁବାସ ଜଗଦଲା, ରସାନନ୍ଦ ସେଠି, ରମେଶ ମେଣ୍ଡିଲି, ମିତମ୍ବିନୀ ପାଢ଼ୀ, ଶାନ୍ତିଲତା ମେସୁଆ, ରାଜେନ୍ଦ୍ର ତରିଆ, ହିମାଂଶୁ କର୍ଣ୍ଣ, ସୁଶୀତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ହିନ୍ଦୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜହ୍ନାପଙ୍କ,୧୬ ।୧(ସମିସ): ବୌଦ୍ଧ ବ୍ଲକ୍ ବଘିଆପଡା ପଞ୍ଚାୟତ ମେଣ୍ଢୀମାଲ ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ନାରାୟଣ ସେଠିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁ ଅଧ୍ୟକ୍ଷତା କରିଥିବାବେଳେ ସହକାରୀ ଶିକ୍ଷକ ପ୍ରମୋଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଦୀର୍ଘ ୩୭ ବର୍ଷ ଚାକିରୀ କାଳରେ ଶ୍ରୀ ସେଠି ୩୨ ବର୍ଷ ମେଣ୍ଢୀମାଲ ହାଇସ୍କୁଲରେ ଶିକ୍ଷକତା କରି ଅବସର ନେଇଛନ୍ତି। ସରୋଜ ସ୍ୱାଇଁ, ଦିଲ୍ଲୀପ କର୍ଣ୍ଣ, ସୁଭାଷିନୀ ସାହୁ, ସରୋଜ ମହାକୁଡ, ସନତ ଭୋଇ, ଦେବକିଶୋର ପଣ୍ଡା, ବଲ୍ଲଭି ପ୍ରଧାନ, ସୋନିଆ ମହାକୁଡ, ଶିବାନନ୍ଦ ମିଶ୍ର, ଭି. ତାରସିସ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ସନତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# କଲେଜରୁ ଫେରିବାବେଳେ ନାବାଳିକାଙ୍କୁ ଅପହରଣ ଉଦ୍ୟମ

- ଚିତ୍କାର ଯୋଗୁ ବର୍ତ୍ତିଗଲେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ
- ଜଣେ ଧରାପଡିଲା, ଖସିଗଲେ ୪ ଅପହରଣକାରୀ
- ରାଜ୍ୟ ବାହାରେ ବିକ୍ରି ଉଦ୍ଦେଶ୍ୟ ଥିଲା

ମନମୁଣ୍ଡା,୧୬ ।୧(ସମିସ)

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ (ନାବାଳିକା) ଛାତ୍ରୀଙ୍କୁ ବିକ୍ରି ଉଦ୍ଦେଶ୍ୟରେ ଅପହରଣ ଉଦ୍ୟମ କରାଯାଇଛି। ନାବାଳିକା ଛାତ୍ରୀ ଜଣକ ବିଦ୍ୟାଳୟରୁ ଘରକୁ ଫେରିବାବେଳେ ଅପହରଣର ଶିକାର ହୋଇଥିଲେ। ତେବେ ସୌଭାଗ୍ୟ ବଶତଃ ତାଙ୍କ ଚିତ୍କାର ଶୁଣି ତାଙ୍କ ଭାଇ ଅନ୍ୟମାନଙ୍କ ସହଯୋଗରେ ତାଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ସଂପୃକ୍ତ ପ୍ରାୟ ୫ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକୁ ଧରି ପୁଲିସକୁ ହସ୍ତାନ୍ତର କରିବାରେ ସଫଳ ହୋଇଥିଲେ। ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ମନମୁଣ୍ଡା ଥାନା ତାଳପଦର ଗ୍ରାମର ସମ୍ବାରୁ ଜଗଦଳା।

ଛାତ୍ରୀ ଜଣକ କଣ୍ଟାମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢନ୍ତି। ବିଦ୍ୟାଳୟରୁ ତାଙ୍କ ଗାଁ ପ୍ରାୟ ୨୦ କିମି ହେବ। ଗାଁକୁ ବସର ସୁବିଧା ନାହିଁ। ସେ କିଛି ଦୂର ସାଇକଲରେ ଯାଇ ସେଠାରେ ତାହା ରଖି ବସ୍‌ରେ ଯାଇଥାନ୍ତି। ଗତ ୧୩ ତାରିଖ ସେ ସାଇକଲରେ ଘରକୁ ଫେରୁଥିଲା। ବାଟରେ ନିଛାଟିଆ ଜାଗା ଦେଖି ୫ ଜଣ ଦୁର୍ବୃତ୍ତ ଅପହରଣ କରି ନେଇ ଯାଉଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ତାଙ୍କ ଭାଇ ସୂଚନା ପାଇ ଅନ୍ୟମାନଙ୍କ ସହ ଘଟଣାସ୍ଥଳ ଆଡ଼କୁ ଧାଇଁ ଥିଲେ। ଏମାନଙ୍କ ଆସିବା ଦେଖି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତକୁ ଧରି ପୁଲିସ ଜିମା ଦେଇଥିଲେ। ଅଭିଯୁକ୍ତ ନାବାଳିକାମାନଙ୍କୁ ରାଜ୍ୟ ବାହାରେ ବିକ୍ରି କରିବାରେ ଲିପ୍ତ ବୋଲି ଜଣା ପଡିଛି। ନାବାଳିକାଙ୍କ ଭାଇର ଏତଲା ପ୍ରକାରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଧରା ପଡ଼ିଥିବା ଅଭିଯୁକ୍ତ ନାମରେ ବାଉଁଶୁଣି ଥାନାରେ ନାବାଳିକା ଅପହରଣ ମାମଲା ରହଛି। ତାକୁ ଜେରା କରିବା ପରେ ସମ୍ପୃକ୍ତ ଅପହୃତାକୁ ମଧ୍ୟ ପୁଲିସ ଉଦ୍ଧାର କରିବାରେ ସଫଳ ହୋଇଥିବା ଆଇଆଇସି ସସ୍ମିତା ମଗରଙ୍କଠାରୁ ଜାଣିବାକୁ ମିଳିଛି। ପୁଲିସ ଏହାର ଅଧିକ ତଦନ୍ତ ଜାରି ରଖିଛି। ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଛି।

## ବିଏମ୍‌ପୁର ସରକାରୀ ବାଳକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ବୀରମହାରାଜପୁର,୧୬ ।୧(ସମିସ): ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ଦୁର୍ଗା ମନ୍ଦିରରୁ ମଶାଲ ଶୋଭଯାତ୍ରା ଆସିଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ ଅଧ୍ୟକ୍ଷତା କରିଥିଲେ।

ବୀରମହାରାଜପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଅଧ୍ୟାପକ ନରୋତ୍ତମ ଚାନ୍ଦ ମୁଖ୍ୟ ଅତିଥି, ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ ଓ କ୍ରୀଡାବିତ୍ ସିଦ୍ଧାର୍ଥ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦଶମ ଶ୍ରେଣୀର ଛାତ୍ର କମଳ ନାଏକ ଚାମ୍ପିଅନ ଭାବେ ପୁରସ୍କୃତ ହୋଇଥିଲେ। ଶିକ୍ଷକ ବୈକୁଣ୍ଠ ନାୟକ ସଭା କାର୍ଯ୍ୟ ପରିଚାଳନା କରିଥଲେ। ଖେଳ ଶିକ୍ଷକ ଦୀନବନ୍ଧୁ ଛିଟୁଆନ ବାର୍ଷିକ କ୍ରୀଡା ବିବରଣୀ ପ୍ରଦାନ କରିଥିଲେ।

## ଏକଲବ୍ୟ ବେହେରା ବିଏମ୍‌ପୁର ଆତ୍ମା ଅଧ୍ୟକ୍ଷ

ବୀରମହାରାଜପୁର,୧୬ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କୃଷକ ଉପଦେଷ୍ଟା କମିଟି ଅଧ୍ୟକ୍ଷ ଭାବେ ଏକଲବ୍ୟ ବେହେରାଙ୍କ ନାମ ଚୟନ କରାଯାଇଛି। ବୀରମହାରାଜପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ବୈଠକ ବସିଥିଲା। ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଳା, ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲ୍ଲା ପରିଷଦ ସଭ୍ୟ ଲବକୁମାର ସାହୁ, ଚନ୍ଦ୍ରକାନ୍ତି ଦନ୍ତା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଚାଷୀ ରାମ ପ୍ରସାଦ କର୍ଣ୍ଣ ଯୁବ ଚାଷୀ ଏକଲବ୍ୟଙ୍କ ନାମକୁ କୃଷକ ଉପଦେଷ୍ଟା କମିଟି ଅଧ୍ୟକ୍ଷ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଯୁବ ଚାଷୀ ବିଦ୍ୟାଧର ଖୁର୍ଡିଆ ସମର୍ଥନ କରିଥିଲେ। ସମସ୍ତ ଉପସ୍ଥିତି ଚାଷୀ ନେତା(ସଭ୍ୟ) ଦସ୍ତଖତ କରି ଏକଲବ୍ୟଙ୍କୁ ଅଧ୍ୟକ୍ଷ ଭାବେ ସମର୍ଥନ କରିଥିଲେ। ସୂଚନାଯୋଗ୍ୟ, ଏହି ବ୍ଲକ କୃଷକ ଉପଦେଷ୍ଟ କମିଟିରେ ୩୦ ଜଣ ଉଭୟ ମହିଳା, ପୁରୁଷ ଚାଷୀ ସଭ୍ୟ ରହିଛନ୍ତି। ଆଜି ପ୍ରାୟ ୨୪ ଜଣ ଚାଷୀ ଉପସ୍ଥିତ ଥିଲେ।



## ଯୋଗୀନ୍ଦ୍ରପୁର ହାଇସ୍କୁଲର ବାର୍ଷିକ କ୍ରୀଡ଼ା



ଶଗଡା,୧୬ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ହାଇସ୍କୁଲର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଝୁନୁ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରକାଶ ଚନ୍ଦ୍ର ପୁରୋହିତ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର ପୃଷ୍ଟି, ସୁବାସିନୀ ମେହେର, ରାଣୀ ଜ୍ୟୋତିର୍ମୟୀ ସାହୁ, ଶୁଭେନ୍ଦୁ ନାଏକ, ବିଦ୍ୟାଳୟ ପରିଚାଳନା ସଦସ୍ୟ ଗୁରୁଚରଣ ହାତୀ ଓ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ମୁକୁନ୍ଦଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ।

## ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ



ବୌଦ୍ଧ,୧୬ ।୧(ସମିସ): ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ପିଏମ ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ବୌଦ୍ଧ ବିଇଓ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ବିଇଓ ହାଡ଼ିବନ୍ଧୁ ବେହେରା, ଜୋଗୀନ୍ଦ୍ର ଦେବ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗାୟତ୍ରୀ ସାହୁ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଭାପତି ଆନନ୍ଦିନୀ ପାଣିଗ୍ରାହୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରିୟରଞ୍ଜନ ଦାସ ମଞ୍ଚାସୀନ ଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ।

## ଭାରସାମ୍ୟ ହରାଇ ବୁଲେଟ ଦୁର୍ଘଟଣାଗ୍ରସ୍ତ: ଚାଳକ ମୃତ

ବୀରମହାରାଜପୁର,୧୬ ।୧(ସମିସ): ବୀରମହାରାଜପୁର ଥାନା ଧର୍ମଶାଳା ଫାଣ୍ଡି ଅଧୀନ କେଶଲ୍‌ପୁରା ରାସ୍ତାରେ ବିଳମ୍ବିତ ରାତିରେ ଏକ ବୁଲେଟ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବୁଲେଟ ଚାଳକ ଜଣକ ଏହି ଥାନା ଅଧୀନ ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତ ଜମ୍ବାଲିପାଲି ଗାଁର ମହଜିତ ଓରଫ ହରଜିତ କର୍ଣ୍ଣ (୩୦)। ସେ ଉଲୁଣ୍ଡା ପଟୁ ପଲାସ ଛକ ଦେଇ ଜାଲୋଏ ରାସ୍ତାରେ ଆସୁଥିଲେ। କେଶଲପୁରାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ବିଳମ୍ବିତ ରାତିରେ ଏବଂ ନିଛାଟିଆ ରାସ୍ତା ହେତୁ ସେ ରକ୍ତାକ୍ତ ଅବସ୍ଥାରେ ପଡି ରହିଥିଲେ। ସକାଳୁ କେଶଲପୁରା ଗ୍ରାମର କେତେକ ବ୍ୟକ୍ତି ଶୌଚ ପାଇଁ ଯାଉଥିବା ବେଳେ ଦେଖିବାକୁ ପାଇ ବୀରମହାରାଜପୁର ଥାନା ଓ ଫାଣ୍ଡିକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବୀରମହାରାଜପୁର ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପିତ



ବୀରମହାରାଜପୁର,୧୬ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ବୀରମହାରାଜପୁର ଧନୁଯାତ୍ରା କମିଟି ସଭାପତି କିଶୋର ହୋତା କର୍ତ୍ତା ଭାବେ ପୂଜାରେ ବସି ଶୁଭସ୍ତମ୍ଭ କଳସକୁ ପୂଜା କରିଥିଲେ। ପୁରୋହିତ ରବି ଚନ୍ଦ୍ର ପୁରୋହିତ ବେଦମନ୍ତ୍ର ପାଠ କରି ପୂଜାକାର୍ଯ୍ୟ ସମାପନ କରିଥିଲେ। କାର୍ଯ୍ୟକ୍ରମରେ ଧନୁଯାତ୍ରା ମହୋତ୍ସବ କମିଟି ସଂସ୍କୃତିକ ସମ୍ପାଦକ ଚିନ୍ମୟ ସାହୁ, ସହ ସମ୍ପାଦକ ସୁରୁବାବୁ ପଧାନ, କୋଷାଧ୍ୟକ୍ଷ ଅବିନାଶ ଥନାପତି, ଶୁଭମ ବେହେରାମାଳୀ, ଧନମାଳୀ ଭୋଇ, ସୁଜ୍ଞାନ ଆର୍ଯ୍ୟ ବର୍ତ୍ତନ ହୋତା, ଆକାଶ ଥନାପତି, ଅମିତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ୨୭ରୁ ଫେବୃଆରୀ ୪ ପର୍ଯ୍ୟନ୍ତ ଧନୁଯାତ୍ରା ଅନୁଷ୍ଠିତ ହେବ।

## ସୁବଳୟା ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଦିବସ




ବୀରମହାରାଜପୁର,୧୬ ।୧(ସମିସ): ବୀରମହାରାଜପୁର ବ୍ଲକ୍ ସୁବଳୟା କଲ୍ୟାଣମଣ୍ଡପରେ ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଦିବସ ଧୁମଧାମରେ ପାଳିତ ହୋଇଛି। ଏହି ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଡ. ପ୍ରଫୁଲ୍ଲ ରଥ, ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ହେମନ୍ତ ରାଓ, ସୁବଳୟା ଥନା ଅଧିକାରୀ ସୁଶାନ୍ତ ପଧାନ, ବରିଷ୍ଠ ନାଗରିକ ସଂଘର ସଭାପତି ଭୋଳା ନାଥ କର୍ମୀ, ସମ୍ପାଦକ ଗୌରାଙ୍ଗ ମହାପାତ୍ର, ପୂର୍ବତନ ସଭାପତି ନାରାୟଣ ପ୍ରସାଦ ମିଶ୍ର, ଉପଦେଷ୍ଟା ଆଇନଜୀବୀ ନନ୍ଦକିଶୋର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସୁରେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରମୋଦ ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର, ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ମଲିକ, ଘନଶ୍ୟାମ ଦା. ବିନୋଦ ମହାପାତ୍ର, ଜଗନ୍ନାଥ ନାଏକ, ରମେଶ ମହଣା, ରଥି ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ବୌଦ୍ଧ,୧୬ ।୧(ସମିସ): ବୌଦ୍ଧ କଚେରୀ ପଡିଆରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହୋଇଯାଇଛି। ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଅନ୍ୟତମ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସଭାପତିତ୍ୱ କରିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ରାମା ରାଓ ପାଲୋଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶିକ୍ଷଣ ଅଧିକାରୀ ଡା ସଂଘମିତ୍ରା ପରମାଣିକ କାର୍ଯ୍ୟକ୍ରରେ ସଂଯୋଜନା କରିଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଆରପିଏଫରେ ମନୋନୀତ ଯୁବକଙ୍କୁ ସମ୍ବର୍ଦ୍ଧନା

ବୌଦ୍ଧ, ୧୬ ।୧(ସମିସ): ବୌଦ୍ଧ କଲେଜର ଛାତ୍ର ତଥା ଆମ୍ବଝରୀ ପଞ୍ଚାୟତ ଧାନ ବଲସ ଗ୍ରାମର ରଜତ ପ୍ରଧାନ ସିଆରପିଏଫରେ ମନୋନୀତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ବୌଦ୍ଧ ଜିଲ୍ଲା ପାଠାଗାରରେ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଲିଆରସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସୁବ୍ରତ ଶତପଥୀ ଓ ଜୋସେନ ମୁର୍ମୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ଏହି ଯୁବକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



# ମିଶନ ଏ-ୱାନ୍‌ରେ ୧୦୨ ଛାତ୍ରଛାତ୍ରୀଙ୍କ ଶଙ୍କା ମୋଚନ

ବୌଦ୍ଧ,୧୬ ।୧(ସମିସ): ବୌଦ୍ଧ ବୁଟୁପାଲିସ୍ଥିତ ମାଉଲସିଙ୍ଗା ଜାନକୀ ଭିକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ୩ ଦିନିଆ 'ମିଶନ ଏ-ଓ୍ୱାନ' ସତନ୍ତ୍ର ତାଲିମ ଶିବିର କାର୍ଯ୍ୟକ୍ରମ ଜାରି ରହିଛି। ଦ୍ୱିତୀୟ ଦିବସରେ ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ଅଧ୍ୟକ୍ଷତା କରିଥିଲେ। ଭାଷା, ଗଣିତ, ଇଂରାଜୀ, ବିଜ୍ଞାନ, ପରିବେଶ ବିଜ୍ଞାନ, ହିନ୍ଦୀ, ସଂସ୍କୃତ, ଧନ୍ଦାମୂଳକ ଶିକ୍ଷା ଆଦି ବିଷୟରେ ଯୋଗ ଦେଇଥିବା ୧୦୨ଜଣ ମିଶନ ଏ -ଓ୍ୱାନ ଶିବିରାର୍ଥୀଙ୍କ



ଶଙ୍କା ମୋଚନ କରାଯାଇଥିଲା। ଡମ୍ବରୁଧର ବେହେରା, ନବକିଶୋର ଦୀପ, ଅଭିମନ୍ୟୁ ପ୍ରଧାନ, ଆନନ୍ଦ ଚନ୍ଦ୍ର ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, ପ୍ରିୟଦର୍ଶିନୀ ପରିଜା, ବ୍ରଜକିଶୋର ଜଗଦଲା, ବିଭୁତି ଭୂଷଣ ମହାକୁଡ଼, ମଞ୍ଜିତ ମୋହନ ଚାନ୍ଦ, ସନ୍ଧ୍ୟାରାଣୀ ମିଶ୍ର, ରଶ୍ମିତା ସାହୁ,ସଞ୍ଜୟ ବିଶ୍ୱାଳ, ଆଦିତ୍ୟ ଦୀପ ପ୍ରମୁଖ ଛାତ୍ରଛାତ୍ରୀଙ୍କ ବିଷୟଗତ ଶଙ୍କାମୋଚନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ପରିଦର୍ଶନ କରିଥିଲେ।

## ୪ ଫେରାର ଅଭିଯୁକ୍ତ ୪ ବର୍ଷ ପରେ ଗିରଫ

ବୌଦ୍ଧ,୧୬ ।୧(ସମିସ): ମନମୁଣ୍ଡା ପୁଲିସ ମହେଶ୍ୱରପିଣ୍ଡା ଗ୍ରାମର ୪ ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନେ ହେଲେ ଭୂପତି ଭୂଷଣ ଡାଙ୍ଗ (ବୁଲୁ), ଆନ ବେହେରା, ପ୍ରମୋଦ ସାହୁ ଓ ଅଭିମନ୍ୟୁ ସାହୁ। ଏମାନେ ୪ ବର୍ଷ କାଳ ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନରେ ଏମାନେ ସରପଞ୍ଚ ପ୍ରାର୍ଥୀ ଓ ତାଙ୍କ ସମର୍ଥକଙ୍କୁ ଆକ୍ରମଣ କରିଥିଲେ।

ଦୁଲୁକୁଛି କଳାହାଣ୍ଡି ଉତ୍ସବ 'ଘୁମୁରା' ମଞ୍ଚ

# ମନରେ ଉଲ୍ଲାସ ଭରିଛି ଲୋକନୃତ୍ୟ





**ଭବାନୀପାଟଣା, ୧୭ ।୧(ସମିସ)**

ପରମ୍ପରା, ସମ୍ପ୍ରୀତି, ଐତିହ୍ୟବୋଧର ମଞ୍ଚ ସହିଦ ରେଣ୍ଡୋ ମାଝୀ ଓ ପାରବା ମଞ୍ଚ। କଳାହାଣ୍ଡି ମାଟିର ଅନ୍ତଃସ୍ୱର ହିଁ କଳା ସଂସ୍କୃତି ସାହିତ୍ୟ ଏବଂ କଳାହାଣ୍ଡି ଉତ୍ସବ ଘୁମୁରା। କାରଣ ମାନସିକ ଓ ଭାବାତ୍ମିକ ସ୍ତରରେ ହଜାର ହଜାର କଳାକାର ଓ କଳାପ୍ରେମୀଙ୍କୁ ଯୋଡ଼ିଛି। ଶୁକ୍ରବାର ଉତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ତଥା ଦୌରାଜଜ ଅନୁପ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଆଇଏସ ଅଧିକାରୀ ଅନିମେଶ ପ୍ରଧାନ, ଉତ୍ତର ବନଖଣ୍ଡ ଅଧିକାରୀ ରମେଶ ବିଷୋଇ, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର. କଲାଇଭାନନ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରାକୋଣ୍ଡା, ଦକ୍ଷିଣ ସହ ବନଖଣ୍ଡ ଅଧିକାରୀ ପ୍ରବେଶ ବର୍ମା, ସିଆରପିଏଫ ୭୪ ବାଟାଲିୟନର ଦୁର୍ଗପତି ଅଜୟ କୁମାର, ବେଦାନ୍ତ ଲିମିଟେଡ ମୁଖ୍ୟ ପରିଚାଳନା ଅଧିକାରୀ ପ୍ରଣବ ଭଟ୍ଟାଚାର୍ଯ୍ୟ, ଉପ ସଭାପତି ପ୍ରତୀକ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା ଧନ୍ୟବାଦ ଦେଇଥିଲେ। ସୁରସଙ୍ଗମ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶୁଭେନ୍ଦୁ ଶେଖର ମହାପାତ୍ର ସଭା ପରିଚାଳନା କରିଥିଲେ। ଅପରାହ୍ନରେ ସଙ୍ଗୀତ ବିଚିତ୍ରା ଓ ପରେ ପରେ ସକ୍ଷମ ଏକାଡେମୀର ଓଡିଶୀ, ପୁରୀର ମାହାରୀ ନୃତ୍ୟ, ସମ୍ବଲପୁରର ରଙ୍ଗଫରୁଆ, ହରିୟାଣାର ଘୁମର ନୃତ୍ୟ, ବଲାଙ୍ଗୀର ଦୁଲଦୁଲି କଳା ପରିଷଦର ଡାପ ନୃତ୍ୟ, ସମ୍ବଲପୁର ଯବାନ କ୍ଲବ୍, ଜେକେ ଡ୍ୟାନ୍ସ ସ୍କୁଲ, ମୟୂରୀ, ପ୍ରଗତି, ସମ୍ଭାବନା, କଳିଙ୍ଗ ଅନୁଷ୍ଠାନ, ଜେକେ ୱାର୍ଡ, ବଡଦର ଭୁଆସୁଣି ଅନୁଷ୍ଠାନ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ପ୍ରଦର୍ଶିତ ହୋଇଥିଲା। ସେହିପରି ଷ୍ଟାର ନାଇଟ କାର୍ଯ୍ୟକ୍ରମରେ କଳାହାଣ୍ଡିର ପ୍ରସିଦ୍ଧ ଗାୟକ ବିଶ୍ୱଜିତ ମହାପାତ୍ର ଓ ସାଥୀଙ୍କ ଦ୍ୱାରା ମେଲୋଡିକୁ ଲକ୍ଷାଧିକ ଲୋକେ ଉପଭୋଗ କରିଥିଲେ। ସେହିପରି ପାରବା ମୁକ୍ତମଞ୍ଚରେ ବରିଷ୍ଠ ସାମ୍ବାଦିକ ତଥା ପ୍ରଚାର ଓ ପ୍ରସାର କମିଟି ଅଧ୍ୟକ୍ଷ ଶାନ୍ତନୁ ବେହେରା, ପ୍ରଗତି ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଇଂ. ଅଜୟ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ତିଲେଶ୍ୱର ରଣା ସଭା ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ କାଶ୍ମିରୀ ନୃତ୍ୟ, ଲାବଣୀ ସହିତ ୩୦ରୁ ଊର୍ଦ୍ଧ୍ୱ ଏକକ ଓ ଦଳଗତ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।ମୁଖ୍ୟ ମଞ୍ଚରେ ସୁଧୀର ନାଏକ, ଲୋଚନୀ ବାଗ, ହେମନ୍ତ ସାହୁ, ଆଶୁତୋଷ ପାତ୍ର, ସୌରଭ ମହାପାତ୍ର, ସସ୍ମିତା ସିଂ ଓ ପାରବା ମୁକ୍ତ ମଞ୍ଚରେ ପ୍ରତାପ ପଣ୍ଡା, ସାବିତ୍ରୀ ମହାରଣା, ଆରୁଷୀ ନନ୍ଦ, ସତ୍ୟବତୀ, ଅମରେନ୍ଦ୍ର ମହାନ୍ତି, ସୁସ୍ମିତା ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।






## ଆକର୍ଷଣୀୟ ଚିତ୍ରକଳା ପ୍ରଦର୍ଶନୀ

**ଭବାନୀପାଟଣା, ୧୬ ।୧(ସମିସ):** କଳାହାଣ୍ଡି ଉତ୍ସବ'ଘୁମୁରା'ଉପଲକ୍ଷେ ଆୟୋଜିତ ହୋଇଛି କର୍ମଶାଳା ଓ ଚିତ୍ରକଳା ପ୍ରଦର୍ଶନୀ। ପ୍ରଦର୍ଶନୀ କମିଟିର ଅଧକ୍ଷ ମନୋଜ ରାଉତ, ସହଅଧକ୍ଷ ଅନୁପ ପଟ୍ଟନାୟକ, ଆବାହକ ତରୁଣ କୁମାର ମହାପାତ୍ର, ସଦସ୍ୟ ସଂଗ୍ରାମ କେଶରୀ ସରାଫ, ସ୍ମିତା ଚୌଧୁରୀ, ଡ.ଦୀନବନ୍ଧୁ ସାହୁ, ମାନସ ପଣ୍ଡା, ବିଜନ ରେଓ୍ୱାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ୨୫ଜଣ ଚିତ୍ରଶିଳ୍ପୀ କର୍ମଶାଳା ଓ ପ୍ରଦର୍ଶନୀରେ ଭାଗ ନେଇଛନ୍ତି। ପ୍ରଦର୍ଶନୀରେ ଜିଲ୍ଲା ନ୍ୟାୟଧୀଶ ଅନୁପ ରଞ୍ଜନ ପଟ୍ଟନାୟକଙ୍କ ଅଙ୍କିତ ୧୦ରୁ ଅଧିକ ଚିତ୍ର ଦର୍ଶକ ଓ ଚିତ୍ରକଳା ପ୍ରେମୀଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଛି।



## ପଲ୍ଲିଶ୍ରୀ ମେଳାରେ ୨ କୋଟି ଛୁଇଁବ ବ୍ୟବସାୟ




**ଭବାନୀପାଟଣା, ୧୬ ।୧(ସମିସ):** ରାଜ୍ୟ ସରକାରଙ୍କ ଓରମାସ ଦ୍ୱାରା ଉତ୍ସବ ପଡ଼ିଆରେ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ୧୨୭ଟି ଷ୍ଟଲ ଖୋଲାଯାଇଛି। ସେହିପରି ମିଶନଶକ୍ତି, ନାବାର୍ଡ, ଟ୍ରାଇଫେଡ୍, ଭବାନୀପାଟଣା ଜିଲ୍ଲା ମୁଖ୍ୟ କାରାଗାର, ଜିଲ୍ଲା ଜଳଛାୟା ମିଶନ ତଥା ବିଭିନ୍ନ କୃଷକ ଉତ୍ପାଦକ ସଂଘ, ଉତ୍ପାଦକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟ କିଛି ଷ୍ଟଲ ମିଶି ସମୁଦାୟ ୧୩୭ଟି ଷ୍ଟଲ ଖୋଲାଯାଇଛି। ଜିଲ୍ଲା ଓ ରାଜ୍ୟର ବିଭିନ୍ନ ସାମଗ୍ରୀ ସହିତ ବିହାରର ମଧୁବନୀ, ଭାଗଲପୁର ଶିଳ୍କ କପଡଶ, ଗୁଜରାଟର ହାତବୁଣା ବେଡ଼ସିଟ, ଉତ୍ତରପ୍ରଦେଶର କାର୍ପେଟ, ପିତ୍ତଳ ଓ କାଠ ତିଆରି ବିଭିନ୍ନ ସାମଗ୍ରୀ, ଚୀନା ମାଟିର ସାମଗ୍ରୀ ଷ୍ଟଲ ଗୁଡ଼ିକରେ ବେଶ ଭିଡ଼ ଦେଖିବାକୁ ମିଳୁଛି। ଲୋକଙ୍କ ଭିଡ଼ ସହିତ ବେପାର ମଧ ବେଶ ଭଲ ହେଉଥିବା ନେଇ ସୂଚନା ମିଳିଛି। ଉତ୍ସବର ଉଦ୍‌ଘାଟନୀ ଦିବସରେ ୨୩ ଲକ୍ଷ ୩୦ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଉତ୍ସବର ଦ୍ୱିତୀୟ ଦିବସରେ ପ୍ରାୟ ୩୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ମିଳିଛି। ଗତ ବର୍ଷ ୨୭ତମ କଳାହାଣ୍ଡି ଉତ୍ସବରେ ୧ କୋଟି ୪୩ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଚଳିତ ବର୍ଷ ବ୍ୟବସାୟ ପରିମାଣ ୨ କୋଟି ଟପିବ ବୋଲି ଆଶା କରାଯାଉଛି।

## କୃତୀ କରାଟେ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ଲାଞ୍ଜିଗଡ଼, ୧୬ ।୧ (ସମିସ):** ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ର ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ବ୍ୟକ୍ତିବିଶେଷଙ୍କୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସହିଦ ରେଣ୍ଡୋ ମାଝୀ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକର କରାଟେ ଛାତ୍ରଛାତ୍ରୀ ମାନେ ୨୦୨୫ ଡିସେମ୍ବର ଓଡ଼ିଶାର ଭୁବନେଶ୍ୱର ଠାରେ ଅନୁଷ୍ଠିତ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କେଡେଡ୍ ଓ ଜୁନିୟର ବାଳିକା ବର୍ଗରେ ଅର୍ପିତା ବାଡ଼ତିଆ କୁମିତେ (ଫାଇଟିଂ)ରେ ୧ ସ୍ୱର୍ଣ୍ଣ, ବାଳକ ବର୍ଗରେ ହିତେଶ ମହାଖୁଡ଼ କାତାରେ ୨ଟି ସ୍ୱର୍ଣ୍ଣ ଓ କୁମିତେ (ଫାଇଟିଂ)ରେ ୧ ସ୍ୱର୍ଣ୍ଣ, କିରନ ବେମାଲ କାତାରେ ୧ ସ୍ୱର୍ଣ୍ଣ, ଗଙ୍ଗାଧର ମଲ୍ଲିକ କୁମିତେ (ଫାଇଟିଂ)ରେ ୧ ସ୍ୱର୍ଣ୍ଣ ଓ କାତାରେ ୧ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଥିବା ୪ ଜଣ କରାଟେ ପ୍ରତିଭାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।



■ ୮ ମାଟ୍ରିକ ଟପ୍ପରଙ୍କୁ ବେଦାନ୍ତ ଜ୍ଞାନଶ୍ରୀ ପୁରସ୍କାର

## ସହିଦ ରେଣ୍ଡୋ ମାଝୀ ମଞ୍ଚରେ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା, ୧୬ ।୧(ସମିସ):** ଦଶମ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖି ଜିଲ୍ଲାବାସୀଙ୍କୁ ଗର୍ବିତ କରିଥିବା ମୁଖିଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଶ୍ରେୟାଂଶୀ ସାହୁ, ଅନ୍ୱେଷ କୁମାର ଠାକୁର, ଭବାନୀପାଟଣା ସତ୍ୟସାଇ ବିଦ୍ୟା ମନ୍ଦିରର ଛାତ୍ର ଶ୍ରୀୟାଂଶୁ ଦାସ, ଲାଞ୍ଜିଗଡ଼ ବେଦାନ୍ତ ଡିଏଭି ଇଣ୍ଟର ନେସନାଲ ସ୍କୁଲର ପୁଣ୍ୟମାହୀ ବିଡ଼ିକା, କ୍ରିଷ୍ଟା ଖୈତାନ, ଦୀକ୍ଷା ଅଗ୍ରୱାଲ, କୁରୁଗୁଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ କମଳିନୀ ସିଂ, ଗୋପାଳପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସପନ ସିଂ ମାଝୀଙ୍କୁ ଚଳିତ ବର୍ଷ ବେଦାନ୍ତ ଜ୍ଞାନଶ୍ରୀ ପୁରସ୍କାରରେ ପୁରସ୍କୃତ କରାଯାଇଛି। ଏହା ସହିତ ରକ୍ତଦାତା ଉମାକାନ୍ତ ସୁନାନୀ, ଆଲୋକ ସାହୁ, ଚାଷୀ ଛବିଲାଲ ସାହୁ, ସାଇବର ସୁରକ୍ଷା କ୍ଷେତ୍ରରେ ସନ୍ଧ୍ୟାରାଣୀ ପ୍ରଧାନ, ସ୍ମୃତି ରଥ, ବୈଦ୍ୟ ଧରମୁ ନାଏକ, ପିଏମ ଯୁବା ମେଣ୍ଟରସିପ-୩.୦ ମନୋନୀତ ପଲ୍ଲବୀ ରାଉତଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପାରା ବ୍ୟାଡ଼ମିଣ୍ଟନ ଖେଳାଳୀ ଅଜୟ ପ୍ରଧାନ, କର୍ତ୍ତବ୍ୟପଥ ପ୍ୟାରେଡ଼ରେ ସାମିଲ ହୋଇଥିବା ଜୁନିୟର ଏନସିସି କ୍ୟାଡେଟ ଶାଶ୍ୱତ କେଶରୀ ସିଂଦେଓ, ବାଲଗୋପାଳ ସେବା ନିକେତନ, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ, ଚିତ୍ରଶିଳ୍ପୀ ତଥା ସହିଦ ରେଣ୍ଡୋ ମାଝୀ ମଞ୍ଚର ସଫଳ ରୂପକାର ଚିଣ୍ଟୁ ପ୍ରସାଦ ନାଏକ, ସିଦ୍ଧାର୍ଥ ରାଉତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୀରନ୍ଦାଜ ପୁନମ ନାଏକ, ଥବିର ମାଝୀ, ଦଶରଥ ମାଝୀ, ସୁଦର୍ଶନ ହରିଜନ, ରାଜ୍ୟସ୍ତରୀୟ ବକ୍ତୃତାରେ ଭାଗ ନେଇଥିବା ଟ୍ୱିଙ୍କିଲ ସିନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରପକ୍ଷରେ ଜିଲ୍ଲାସ୍ତରୀୟ କବି ସମ୍ମିଳନୀରେ କବି ଓ ସାହିତ୍ୟ ପତ୍ରିକା 'ଚଇତି ଚଢେଇ'ର ସମ୍ପାଦକ ଶ୍ରୀନିବାସ ବେହେରାଙ୍କୁ ମାଟିପୁତ୍ର ସମ୍ମାନ ପ୍ରଦାନ କରାଯାଇଥିଲା।

## ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

**ଭବାନୀପାଟଣା, ୧୬ ।୧(ସମିସ):** କଳାହାଣ୍ଡି ଉତ୍ସବ 'ଘୁମୁରା' ଅବସରରେ ମହିଳା ଉପସମିତି ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, କଳାହାଣ୍ଡି ଉତ୍ସବ ପ୍ରଚାର ପ୍ରସାର କମିଟି ଅଧକ୍ଷ ଶାନ୍ତନୁ ବେହେରା, ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ନିବେଦିତା ସାହୁ, ଶିକ୍ଷାବିତ ସବିତା ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷା ସନ୍ତୋଷିନୀ ଦାସ, ଡ.ଦୀନବନ୍ଧୁ ଯୋଶୀ, ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ଦେବେନ୍ଦ୍ର ବିଶି, ସବିତା ପ୍ରଧାନ, ଚାରୁଲତା ଷଡ଼ଙ୍ଗୀ, ଚନ୍ଦ୍ରଶେଖର ବାବୁ ପ୍ରମୁଖ ଯୋଗ ଦେଇଥିଲେ। ମହିଳା ଉପସମିତିର ଅଧକ୍ଷା ଜ୍ୟୋତିରାଣୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମଗୁଡ଼ିକୁ ସଂଘମିତ୍ରା କାନୁନଗୋ, ପ୍ରୀତି ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ସ୍ନେହଲତା ଷଡ଼ଙ୍ଗୀ ସଭା ପରିଚାଳନା ଓ ସ୍ୱର୍ଣ୍ଣକାନ୍ତି ବୈକାର ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ଝୋଟି, କଳାହାଣ୍ଡିଆ ପାରମ୍ପରିକ ବେଶ ପୋଷାକ, ଏକକ ଅଭିନୟ, ଦଳଗତ ନୃତ୍ୟ, ଶଙ୍ଖଫୁଙ୍କା, ହୁଳହୁଳି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଦ୍ୱିତୀୟ ଦିନରେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, ଜିଲ୍ଲା ଶାରୀରିକ କ୍ରୀଡା ଅଧିକାରୀ ରୂପସିଂ ରାଉତ, ସିଡବ୍ଲ୍ୟୁସି ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ନୋଡାଲ ଅଧିକାରୀ ଦୀପ୍ତିମଣି ପ୍ରଧାନ, ରୂପକେଶରୀ ଦଳେଇ, ସବିତା ପ୍ରଧାନ, ନୂପୁର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳା ଉପସମିତିର ଅଧକ୍ଷା ଜ୍ୟୋତିରାଣୀ ଦାସ ଓ ସମସ୍ତ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଙ୍ଗୋଲି, ମେହେନ୍ଦି, ଭଜନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ମହିଳାଙ୍କ ମଧ୍ୟରେ ର୍‌ୟାମ୍ପ ସୋ ଆୟୋଜିତ ହୋଇଥିଲା।





ଧର୍ମଗଡ଼ କଳାହାଣ୍ଡି ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

## ମନ୍ତ୍ରମୁଗ୍ଧ କଲା ଦିବ୍ୟାଙ୍ଗ କଳାକାରଙ୍କ ସଙ୍ଗୀତ

**ଧର୍ମଗଡ଼, ୧୬ ।୧(ସମିସ)**

କଳାହାଣ୍ଡିର ସଂସ୍କୃତି ଓ ବିକାଶ ସହ ଇନ୍ଦ୍ରାବତୀ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଧାନ ଉତ୍ପାଦନ ଏବଂ ଧାନ କିଣାରେ କଳାହାଣ୍ଡି ରେକର୍ଡ଼ କରିଛି। କଳାହାଣ୍ଡି ଧିରେଧିରେ ପ୍ରଗତିର ପଥରେ ଆଗାଉଛି। କଳାହାଣ୍ଡି ଶିକ୍ଷାର ଏକ ହବ ପାଲଟିଛି। ଧର୍ମଗଡ଼ରେ ଆଇଟିଆଇ କେନ୍ଦ୍ର ଏଥିରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି। ରୋଜଗାର କ୍ଷେତ୍ରରେ କେସିଙ୍ଗାରେ ହେବାକୁ ଯାଉଥିବା ଇଣ୍ଡଷ୍ଟ୍ରିଆଲ ପାର୍କ ସହାୟକ ରହିବ। ସାମଗ୍ରିକ ଭାବେ କଳାହାଣ୍ଡି ଆଗକୁ ବଢୁଛି ବୋଲି ଧର୍ମଗଡ଼ କଳାହାଣ୍ଡି ଉତ୍ସବ 'ଘୁମୁରା' ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ଘୋଟିଆ ଗାଁର ଦିବ୍ୟାଙ୍ଗ କଳାକାରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ଉତ୍ସବ ମଞ୍ଚରେ ସଭା କାର୍ଯ୍ୟାଆନୁଷ୍ଠାନିକ ଭାବେ ଆୟୋଜିତ ହୋଇଥିଲା। ଧର୍ମଗଡ଼ ଉପଜିଲ୍ଲାପାଳ ତଥା ଉତ୍ସବ କମିଟିର ଅଧକ୍ଷା ପ୍ରେକ୍ଷା ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗ ଦେଇଥିବା ବେଳେ କଳାହାଣ୍ଡି ପୁଲିସ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା, ଉତ୍ତର ବନଖଣ୍ଡ ଡିଏଫଓ ରମେଶ କୁମାର ବିଷୋଇ, ଦକ୍ଷିଣ ବନଖଣ୍ଡ ଡିଏଫ୍‌ଓ କଲାଇ ଭାନନ ଆରଓ ପ୍ରୋବେସନାରୀ ଆଇଏଏସ ଅନିମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ ସଂଧ୍ୟାର ଆସର ଜମିଥିଲା। ଧର୍ମଗଡ଼ର ସାଉଳଘରିଆଣୀ କଳାପରିଷଦ, ରାଉରକେଲା ନାଟ୍ୟ ମହ୍ଲାର, ଧର୍ମଗଡ଼ର ସୋମ ଇନ୍ସ୍ଟିଚ୍ୟୁଟ, ଗୁଜୁରାଟର ସିଦ୍ଧିଧମାଲ, ଆସାମର ବିହୁ ପରିବେଷଣ ହୋଇଥିଲା। ଷ୍ଟାର ନାଇଟରେ ପମି ମିଶ୍ରଙ୍କ ଚିତ୍ତାକର୍ଷକ ପରିବେଷଣ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖି ଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜ୍ଞାନେନ୍ଦ୍ର ଭୋଇ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ରାଜେନ୍ଦ୍ର ମୁନି, ଚିତ୍ତରଞ୍ଜନ ଦଳପତି ପରିଚାଳନା କରିଥିଲେ। ସଭାକାର୍ଯ୍ୟକୁ ବଙ୍କିମ ମୁଣ୍ଡ ପରିଚାଳନା କରିଥିବା ବେଳେ ତହସିଲଦାର ଜୟପାଟଣା ଦିପ୍ତୀରେଖା ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲ୍ଲାସ୍ତରୀୟ 'ଘୁମୁରା' ପ୍ରତିଯୋଗିତା

## ଶିଶୁଙ୍କ ମନରେ ସଂସ୍କୃତି ସଚେତନତାର ବାର୍ତ୍ତା ଦେଉଛି

**ଭବାନୀପାଟଣା, ୧୬ ।୧(ସମିସ):** କଳାହାଣ୍ଡି ଜିଲ୍ଲାର ସାଂସ୍କୃତିକ ଚିତ୍ରକୁ ଅବଲୋକନ କଲେ ଘୁମୁରା ଯେମିତି କଳାହାଣ୍ଡିଆଙ୍କ ଆତ୍ମା ସଦୃଶ।ପିଲା ଠାରୁ ବୁଢା ଏବଂ ଗାଁରୁ ସହର ଯାଏଁ ଘୁମୁରାର ସ୍ୱତନ୍ତ୍ରତା ବଜାୟ ରହିଛି। କଳାହାଣ୍ଡି ଉତ୍ସବ 'ଘୁମୁରା' ଅବସରରେ ସହିଦ ରେଣ୍ଡୋ ମାଝୀ ମଞ୍ଚରେ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବ ଅବସରରେ ମଞ୍ଚରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଛଅଟି ଘୁମୁରା ଦଳ ଭାଗ ନେଇଥିଲେ। ଜୟପାଟଣାରୁ ଆସିଥିବା ଜଗଜ୍ଜନନୀ ଘୁମୁରା ଦଳ, ଗୋଲାମୁଣ୍ଡା ଘୁମୁରା ଦଳ, ଭବାନୀପାଟଣା କାରୁଣ୍ଡ ଘୁମୁରା ଦଳ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଘୁମୁରା ଉପସମିତିର ଅଧକ୍ଷ ଗୌରାଙ୍ଗ ରାଉତ ଓ ସହଅଧକ୍ଷ ଦିଲୀପ ଠାକୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ସକିତ ରତେ, ଭାରତଭୂଷଣ ଚଲାନ, ବିଜୟ ପ୍ରଧାନ, ପିତାମ୍ବର ରଣା, ମହେଶ୍ୱର ସରାଫ ବିଚାରକ ଦାୟିତ୍ୱ ତୁଲାଇଥିଲେ। ସେହିପରି ଶିଶୁ ଘୁମୁରା ପ୍ରତିଯୋଗିତାରେ ନର୍ଲା ନବୋଦୟ ବିଦ୍ୟାଳୟ, ଭବାନୀପାଟଣା ବାଲଗୋପାଳ ସେବା ନିକେତନ, ମ.ରାମପୁର ରାମକୃଷ୍ଣ ଆଶ୍ରମ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦିଲୀପ ଠାକୁର, ଭାରତଭୂଷଣ ଚଲାନ, କୈଳାସ ନାଏକ, କୈଳାସ ସିଂହ ବିଚାରକ ଦାୟିତ୍ୱ ତୁଲାଇଥିଲେ।



ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳର ଗାଁ ତଳଟେମରା

# ଅପହଞ୍ଚ ମୌଳିକ ସୁବିଧା;ଦୂଷିତ ଝରଣା ପାଣି ଭରସା

**ଥୁଆମୂଳରାମପୁର, ୧୬ ।୧(ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଅଧିନସ୍ଥ ପୋଡାପଦର ପଞ୍ଚାୟତର ଅନେକ ଗାଁରେ ମୌଳିକ ସୁବିଧା ଅପହଞ୍ଚ। ଶିକ୍ଷା, ସ୍ୱାସ୍ଥ୍ୟସେବା ଗମନାଗମନ ଏବଂ ପାନୀୟଜଳ ଭଳି ସାଧାରଣ ସୁବିଧା ଓ ଅଧିକାରରୁ ଛଟପଟ ଏଠିକାର ଲୋକଙ୍କ ଭାଗ୍ୟ ।ଅନ୍ଧକାରମୟ ଭବିଷ୍ୟତରେ ଅନିଶ୍ଚିତତା ହୋଇପଡ଼ିଛି ବିକାଶର ଆଲୋକ। ଏହି ପଞ୍ଚାୟତର ତଳଟେମରା ଗାଁ ହେଉଛି ଏଭଳି ଏକ ଉଦାହରଣ। ପ୍ରଶାସନିକ ଉଦାସୀନତା ଓ ଅପାରଗତା ଯୋଗୁଁ ଅବହେଳିତ ହୋଇପଡ଼ିଥିବା ଏଇ ପଞ୍ଚାୟତକୁ ଆଜିଯାଏ ଗମନାଗମନ ପାଇଁ ବ୍ୟବସ୍ଥା ବସବାସ କରୁଥିବା ଏହି ଗାଁକୁ ଗମନାଗମନର କୌଣସି ବ୍ୟବସ୍ଥା ନଥିବା ବେଳେ ବିକାଶର ପଦଚିହ୍ନ ଦେଖିବା ସ୍ୱପ୍ନ ହୋଇପଡ଼ିଛି। ଗୋଟିଏ ପଟରେ ଇନ୍ଦ୍ରାବତୀ ଜଳଭଣ୍ଡାରର ଅକାତକାତ ଜଳରାଶି ଏମାନଙ୍କ ଜୀବନ ଯାତ୍ରାକୁ ସମ୍ପୂର୍ଣ୍ଣ ପ୍ରଭାବିତ କରୁଥିବା ବେଳେ ବାହ୍ୟ ଜଗତରୁ ବିଚ୍ଛିନ୍ନ ଏଇ ଅଞ୍ଚଳରେ ପିଇବା ପାଣି ବ୍ୟବସ୍ଥା




ଦୁର୍ଗମ ଇଲାକା ଅଞ୍ଚଳବାସୀ ବଞ୍ଚିତ। ଜୀବନ ମରଣର ଦୋଛକିରେ ଏମାନଙ୍କ ଜୀବନ। ଶିକ୍ଷା ବ୍ୟବସ୍ଥା ଚୁଲିକୁ ଯାଉ ଏଠାରେ ପିଇବା ପାଇଁ ବିଶୁଦ୍ଧ ପାନୀୟ ଜଳ ମଧ୍ୟ ପାଇବା ସ୍ୱପ୍ନ ହୋଇପଡ଼ିଛି। ବହୁମୁଖୀ ଜଳବିଦ୍ୟୁତ ପ୍ରକଳ୍ପର ଇନ୍ଦ୍ରାବତୀ ଜଳଭଣ୍ଡାର ଦ୍ୱାରା ଜଳବନ୍ଦୀ ସାଜିଥିବା ଏଇ ଅଞ୍ଚଳବାସୀଙ୍କ ପାଇଁ ଦୁର୍ଦ୍ଦଶା କପାଳ ଲିଖନ ହୋଇପଡ଼ିଛି। ଜୀବନ ଜୀବିକାର ଅସହ୍ୟ ଯନ୍ତ୍ରଣାରେ ହୋଇନଥିବା ବେଳେ ତଳଟେମରା ଭଳି ଅତି ଦୁର୍ଗମ ଗାଁକୁ ଯେ କିପରି ରାସ୍ତା ସମ୍ଭବ ଏକ ବଡ ପ୍ରଶ୍ନ। ସେହିପରି ବିଶୁଦ୍ଧ ପାନୀୟଜଳର ସମସ୍ୟା ରହିଥିବା ବେଳେ ଉକ୍ତ ପଞ୍ଚାୟତର ଉକ୍ତ ଗାଁରେ ଏହି ସମସ୍ୟା ଚିରାଚରିତ ଭାବେ ଅବସ୍ଥା ସାଂଘାତିକ ରହିଥିବା ଦେଖିବାକୁ ମିଳିଛି। ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ରହିଛନ୍ତି ଅନେକ ଯୋଗ୍ୟ ହିତାଧିକାରୀ। ପ୍ରାୟ ୩୫ ଆଦିବାସୀ ପରିବାର ସବୁଠାରୁ ବଡ ସମସ୍ୟା ହୋଇ ରହିଯାଇଛି। ସରକାର ଏହି ଦୁର୍ଗମ ଅଞ୍ଚଳର ବିକାଶ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆଜିବି ଅବହେଳିତ ଅବସ୍ଥାରେ ଏହି ଗାଁ। ଆଜି ପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା ହୋଇପାରିନି। ଚାଷଜମି ତଳର ଦୂଷିତ ଝରଣା ପାଣି ହିଁ ଏକମାତ୍ର ଭରସା ସାଜିଛି। ଯେଉଁ ପାଣି ବ୍ୟବହାର କରି ବିଭିନ୍ନ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ରହୁଛି। ଅପହଞ୍ଚ ସ୍ୱାସ୍ଥ୍ୟସେବା ଯୋଗୁଁ ଏଖ ପ୍ରକାର ବିକଳ ଚିତ୍ର ଦେଖିବାକୁ ମିଳିଥିବା ବେଳେ ଏଭଳି ରୋଗବ୍ୟାଧିରେ ଜୀବନ ମଧ୍ୟ ଚାଲିଯାଇଥିବା ନଜିର ରହିଛି। ତଳଟେମରା ଗାଁର ଏହି ସମସ୍ୟାର କିଭଳି ସମାଧାନ ହେବ ଏନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଜଳ ପରିମଳ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ମନ୍ମଥ ମୁର୍ମୁ ସୂଚନା ଦେଇଛନ୍ତି। ପୋଡାପଦର ପଞ୍ଚାୟତ ଗଠନର ୧୦ ବର୍ଷ ପୂର୍ତ୍ତି ହେବାକୁ ଯାଉଛି ତଳଟେମରା ଭଳି ପଞ୍ଚାୟତର ୧୬ ଖଣ୍ଡ ଗାଁରେ ଏଭଳି ବିଭିନ୍ନ ସମସ୍ୟା ଚରମ ସ୍ଥିତିରେ। ଜଳଭଣ୍ଡାର ଦ୍ୱାରା ଜଳବନ୍ଦୀ ଅଞ୍ଚଳ ସାଜିଥିବା ଉକ୍ତ ଗ୍ରାମ ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଗମନାଗମନ ପାନୀୟଜଳ ଭଳି ମୌଳିକ ସୁବିଧା ପ୍ରାୟତଃ ଅପହଞ୍ଚ। ଗମନାଗମନ ପାଇଁ ଆଜି ପର୍ଯ୍ୟନ୍ତ ରାସ୍ତା ଖଣ୍ଡେ ସଂଯୋଗ ହୋଇପାରିନଥିବା ଏଇ ଦୁର୍ଗମ ଇଲାକାର କିପରି ବିକାଶ ସମ୍ଭବ ତାହା ସାଧାରଣରେ ବଡ ପ୍ରଶ୍ନ ସୃଷ୍ଟି କରୁଥିବା ବେଳେ ପ୍ରଶାସନ ପାଇଁ ମଧ୍ୟ ବଡ ଚ୍ୟାଲେଞ୍ଜ ହୋଇପଡ଼ିଛି।ହେଲେ ଆଜିଯାଏ ଏହି ସମସ୍ୟାର ବାସ୍ତବ ସମାଧାନ ଦିଗରେ ବିଫଳତା ପ୍ରଦର୍ଶନ କରିଆସିଛି ପ୍ରଶାସନ। ପ୍ରଶାସନ ଏଇ ଅଞ୍ଚଳର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ସହିତ ଆନ୍ତରିକତା ପ୍ରଦର୍ଶନ ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ରହିଆସୁଛି।

## ସଟ୍ଟା ଆଡ୍ଡାରେ ଚଢ଼ଉ, ୪ଗିରଫ



**ଡୁଙ୍ଗୁରିପାଲି ୧୬ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ପୁଲିସ ଦୁଇଟି ସଟ୍ଟା ଆଡ୍ଡାରେ ଚଢ଼ଉ କରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେପଣ୍ଡକିଟାଲ ଛକର ନରସିଂଘ ବାଘ ଓ ବିଦ୍ୟାଧର ପଧାନ ଓ ଅନ୍ୟ ଦୁଇଜଣ ରାମପୁର ଗ୍ରାମର ନାଇକେନପାଲି ଛକରେ ଗିରଫ ହୋଇଥିବା ଘାସିରାମ ଭୋଇ ଓ ହେମସାଗର ପଞ୍ଚବିହାର। ପ୍ରାପ୍ତ ସୂଚନା ଅନୁଯାୟୀ ଶୁକ୍ରବାର ରାମପୁର ଥାନା ଅଧିକାରୀ ଡୋଲାମଣୀ ନାଏକ ଓ ତାଙ୍କ ପୁଲିସ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ରାମପୁର-ଡୁଙ୍ଗୁରିପାଲି ରାସ୍ତାର ପଣ୍ଡକିଟାଲ ଛକ ନିକଟରେ ସଟ୍ଟା ଖେଳ ଚାଲିଥିବା ବେଳେ ସଟ୍ଟା ଆଡ୍ଡା ଉପରେ ଚଢ଼ଉ କରିଥିଲେ। ସେଠାରେ ପଣ୍ଡକିଟାଲ ଗ୍ରାମର ନରସିଂଘ ବାଘ ଓ ବିଦ୍ୟାଧର ପଧାନକୁ ଗିରଫ କରିଥିଲେ। ତାଙ୍କ ଠାରୁ ସଟ୍ଟା ଖେଳାଉ ଥିବା ବେଳେ ୨୨ ହଜାର ୮୩୦ ଟାଙ୍କ ଜବତ କରିବା ଶହ ଏକ ମୋବାଇଲ, ସଟ୍ଟାରେ ଖେଳାଉ ଥିବା ବହି କାଗଜ ପତ୍ର ଓ ସଟ୍ଟା ରେ ବ୍ୟବହାର ହେଉ ଥିବା ଚାର୍ଟ ଜବତ କରିଥିଲେ। ସେହିପରି ନାଇକେନପାଲି ଛକ ନିକଟରେ ସଟ୍ଟା ଖେଳ ଚାଲିଥିବା ବେଳେ ରାମପୁର ଗ୍ରାମର ଘାସିରାମ ଭୋଇ ଓ ହେମସାଗର ପଞ୍ଚବିହାରୀ କୁ ପୋଲିସ ଗିରଫ କରିଥିଲା। ସେ ଠାରୁ ମଧ ସଟ୍ଟା ଖେଳ ଚାଲିଥିବା ବେଳେ ତାଙ୍କ ଠାରୁ ୫ ହଜାର ୮୭୦ଟଙ୍କା, ୩ଟି ମୋବାଇଲ ଫୋନ, ସଟ୍ଟା ଖେଳ ରେ ବ୍ୟବହାର ହେଉଥିବା ଚାର୍ଟ ବହି କାଗଜ ପତ୍ର ପୋଲିସ ଜବତ କରିଥିଲା। ସେହିପରି ନାଇକେନପାଲି ଛକ ନିକଟରେ ସଟ୍ଟା ଖେଳ ଚାଲିଥିବା ବେଳେ ରାମପୁର ଗ୍ରାମର ଘାସିରାମ ଭୋଇ ଓ ହେମସାଗର ପଞ୍ଚବିହାରକୁ ଗିରଫ କରିଛି। ଉଭୟଙ୍କ ଜାମିନ ନା ମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇଥିବା ଥାନା ଅଧିକରୀ ଡୋଲମଣୀ ନାଏକ ପ୍ରକାଶ କହିଛନ୍ତି।

## ତଳକାଳିମା ଓ ସିମେଲପଦରରେ ଶାଖା ଡାକଘର ଉଦ୍‌ଘାଟିତ



**ଲାଞ୍ଜିଗଡ଼, ୧୬ ।୧(ସମିସ):** ଦେଶରେ ଆଗରୁ କୌଣସି ମୋବାଇଲ କିମ୍ବା ଇଣ୍ଟେନେଟ୍ ବ୍ୟବସ୍ଥା ନଥିଲା ସେହି ସମୟରୁ ଭାରତୀୟ ଡ଼ାକ ବିଭାଗ ଲୋକଙ୍କ ପାଇଁ ଜରୁରୀକାଳୀନ ଡାକ ସେବା ଯୋଗାଇ ଆସୁଛି। ସେହିପରି ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅଧିକାଂଶ ଅଞ୍ଚଳରେ ମୋବାଇଲ ଓ ଇଣ୍ଟେନେଟ ସେବାରୁ ବଞ୍ଚିତ ଥିବା ଲୋକଙ୍କ ପାଇଁ ଡ଼ାକ ସେବା ହିଁ ଏକ ମାତ୍ର ଯୋଗାଯୋଗର ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି। ତେବେ ଇଣ୍ଟେନେଟ ଦୁନିଆଁରେ ଡିଜିଟାଲ କ୍ଷେତ୍ରରେ ଦେଶ ଯେତେ ଆଗକୁ ବଢ଼ିଥିଲେ ମଧ୍ୟ ଦେଶର କୋଟି କୋଟି ଜନସାଧାରଣ ଡାକସେବା ଉପରେ ନିର୍ଭର କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଦିନକୁ ଦିନ ଡାକ ବିଭାଗ ଦେଶରେ ନୂତନ ନିଯୁକ୍ତି ସମେତ ନୂତନ ପୋଷ୍ଟ ଅଫିସ ଖୋଲୁ ଥିବା ବେଳେ ଆଜି କଳାହାଣ୍ଡି ଡାକ ମଣ୍ଡଳ ପକ୍ଷରୁ ଦୁର୍ଗମ ବିଜେପୁର ପଞ୍ଚାୟତ ତଳକାଳିମା ଓ ପାହାଡପଦର ପଞ୍ଚାୟତ ସିମେଲପଦର ଗାଁରେ ନୂତନ ଶାଖା ଡାକ ଘର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥି ଭାବେ ନର୍ଲା ସବଡ଼ିଭିଜନ ଡ଼ାକ ନିରୀକ୍ଷକ ରମେଶ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବିଜେପୁର ସରପଞ୍ଚ ପ୍ରତିନିଧି ଟିକା ମାଝୀ, ଲାଞ୍ଜିଗଡ଼ ଶାଖା ଡାକ ବିଭାଗ ଓଭରସିଅର ଖୁସିରାମ ମାଝୀ ପ୍ରମୁଖ ଯୋଗଦେଇ ନୂତନ ଡ଼ାକ ଘର ଶୁଭ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଜେପୁର ଶାଖା ଡାକପାଳ ସମରେନ୍ଦ୍ର କୁମାର ମାଲିବିଶି, ପାଇକୁ ନାଏକ, ସୁକାନ୍ତ ନାଏକ, ଘନ ନାଏକ, ଟୁନା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିବେଶ ଅଗ୍ରୱାଲଙ୍କ ବିୟୋଗରେ ଶୋକସଭା



**ଲାଞ୍ଜିଗଡ଼, ୧୬ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସ୍ଥିତ ବେଦାନ୍ତ କମ୍ପାନୀ ଚେୟାରମ୍ୟାନ ଅନୀଲ ଅଗରୱାଲଙ୍କ ପୁତ୍ର ଅଗ୍ନିବେଶ ଅଗ୍ରୱାଲ(୪୯)ଙ୍କ ବିୟୋଗ ଘଟିଛି ।ତାଙ୍କୁ କିଛି ଦିନ ତଳେ ଦୁର୍ଘଟଣାରେ ଗଭୀର ଆଘାତ ଲାଗିଥିଲା। ଗତ ୭ ତାରିଖରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଯାହା ଫଳରେ ଲାଞ୍ଜିଗଡ଼ ବେଦାନ୍ତ କମ୍ପାନୀ ତଥା ଲାଞ୍ଜିଗଡ଼ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହାକୁ ନେଇ ଆଜି ଲାଞ୍ଜିଗଡ଼ ଅଞ୍ଚଳବାସୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଲାଞ୍ଜିଗଡ଼ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶୋକ ସଭାର ଆୟୋଜନ କରାଯାଇଥିଲା। ଲାଞ୍ଜିଗଡ଼ ଓ ଆଖପାଖ ଅଞ୍ଚଳବାସୀ ଏକତ୍ରୀତ ହୋଇ ସ୍ୱର୍ଗତ ଶ୍ରୀ ଅଗ୍ରୱାଲଙ୍କ ଆତ୍ମାର ସଦଗତି କାମନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ଲାଞ୍ଜିଗଡ଼ ଶ୍ରୀହରିହର ସାଂସ୍କୃତିକ ଅନୁଷ୍ଠାନ ସଭାପତି ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ବରିଷ୍ଠ ଆଇନଜୀବୀ ରଘୁନାଥ ମହାଖୁଡ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ସୁବାଷ ଚନ୍ଦ୍ର ଅଗ୍ରୱାଲ, ଲିଙ୍ଗା ମାଝୀ, ଭଗବାନ ହୋତା, ସୁବାଷ ମହାପାତ୍ର, ରାଜେନ୍ଦ୍ର ମାଳି, ଶ୍ରୀମୁଖ ଅଗସ୍ତି, ଶ୍ରୀବତ୍ସ ତାଣ୍ଡି, ଶଙ୍କର ପରିଡ଼ା, ଲକ୍ଷ୍ମୀ ଚଣ୍ଡୀ, ଚନ୍ଦ୍ରମଣି ମହାଖୁଡ, କୀର୍ତ୍ତି ପୁଷ୍ଟି, ନରେନ୍ଦ୍ର ବେହେରା, ପରମାନନ୍ଦ ନାଏକଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବିଜୁ ଜନତା ଦଳର ନଗର ସଭାପତି ମନୋନୀତ

**ବୌଦ୍ଧ, ୧୬ ।୧(ସମିସ):** ବୌଦ୍ଧ ଜିଲ୍ଲା ପାଇଁ ନଗର ସଭାପତି ମନୋନୀତ କରାଯାଇଥିବା ବିଜୁ ଜନତା ଦଳର ବରିଷ୍ଠ ଉପ ସଭାପତି ଦେବି ପ୍ରସାଦ ମିଶ୍ର ଏକ ପ୍ରେସ୍‌ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାଇ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ସଭାପତି ଭାବେ କୈଳାଶ କୁମାର ବେହେରା, ବୌଦ୍ଧ ବ୍ଲକ ନଗର ସଭାପତି ଭାବେ ସୁମନ୍ତ ସାହୁ, କଣ୍ଟାମାଳ ନଗର ସଭାପତି ଭାବେ ଶମ୍ଭୁ ପ୍ରସାଦ ସାହୁ ଓ ହରଭଙ୍ଗା ନଗର ସଭାପତି ଭାବେ ପଙ୍କଜ ସାହୁ ମନୋନୀତ ହୋଇଛନ୍ତି।

## ଘରକୁ ଫେରିଲେ ମୃତ ଘୋଷିତ କମ୍ପନ

**ଡୁଙ୍ଗୁରିପାଲି, ୧୬।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବାଗର୍ତ୍ତି ପରିବାରର ଜଣେ ମୃତ ଘୋଷିତ ବ୍ୟକ୍ତି ଘରକୁ ଜୀବିତ ଫେରିଛନ୍ତି। କମ୍ପନ ବଗର୍ତ୍ତି ର(୫୮) ନାମକ ଏହି ବ୍ୟକ୍ତି ଜଣକ ନିଜ ଗାଁର କିଛି ଲୋକଙ୍କ ସହ ବର୍ଷେ ପୂର୍ବେ କାମ କରିବାକୁ ତେଲେଙ୍ଗାନା ଯାଇଥିଲେ। ୨ ଦିନ ପରେ ସହଯାତ୍ରୀଙ୍କଠାରୁ ଅଲଗା ହୋଇ ନିଖୋଜ ହୋଇଯାଇଥିବା ସମ୍ପର୍କୀୟଙ୍କୁ ଜଣାଇଥିଲେ। ଏହାପରେ ଜ୍ୱାଇଁ ନରେନ୍ଦ୍ର ପାଣ୍ଡେ ତେଲେଙ୍ଗାନା ସିକନ୍ଦରାବାଦ ଜିଲା ମହୁଲ ଥାନା କସୁରରେ ପହଞ୍ଚି ଖୋଜାଖୋଜି କରିଥିଲେ। ନ ପାଇବାକରୁ



କମ୍ପନଙ୍କ ଫଟୋ ସହ ମୋବାଇଲ ନମ୍ବର ଦେଇ ଯୋଗାଯୋଗ କରିବାକୁ ସେହି ଅଞ୍ଚଳରେ ଲିଫଲେଟ୍ ମାରିଥିଲେ। ୩ ଦିନ ପରେ ନରେନ୍ଦ୍ରଙ୍କୁ ଏକ ରକ୍ତାକ୍ତ ଫଟୋ ଆସିଥିଲା। କମ୍ପନଙ୍କୁ ଆମ୍ବୁଲାନ୍ସରେ ଆର୍‌ବିଏମ୍ ଡାକ୍ତରଖାନାରେ ରଖାଯାଇଥିବା ସୂଚନା ଦିଆଯାଇଥିଲା। ଏହାପରେ ଘର ଲୋକେ ସେଠାରେ ପହଞ୍ଚିଥିଲେ। ତେବେ କମ୍ପନଙ୍କ ମୃତଦେହ ଦେଖିବାକୁ ଆର୍‌ବିଏମ୍ ଡାକ୍ତରଖାନା ୨ଲକ୍ଷ ୨୦ ହଜାର ଟଙ୍କା ଦାବି କରିଥିଲା। ସେହିପରି ଆମ୍ବୁଲାନ୍ସରେ ଘର ଘରକୁ ନେଲେ ଅତିରିକ୍ତ ୭୦ ହଜାର ଦେବାକୁ କୁହାଯାଇଥିଲା। ଏତେ ଟଙ୍କା ଦେବାକୁ ଅସମର୍ଥ ଦର୍ଶାଇ ପରିବାର ଲୋକେ ସେହି ମାସ ୧୨ରେ ଫେରି ଆସିଥିଲେ। ୧୩ ତାରିଖରେ ଶୁଦ୍ଧିକ୍ରିୟା ହୋଇଥିଲେ। ଏବେ ସେ ଘରକୁ ଫେରିବା ପରେ ପରିବାର ଲୋକେ ଯେତିକି ଆନନ୍ଦ ଉତ୍ସାହ ସେତିକି ଆଶ୍ଚର୍ଯ୍ୟ ମଧ୍ୟ। ସବୁଠୁ ବଡ଼ କଥା ହେଲା କମ୍ପନଙ୍କ ସ୍ତ୍ରୀଙ୍କ ଆନନ୍ଦ କହିଲେ ନ ସରେ। ସ୍ୱାମୀଙ୍କୁ ଦେଖି ସେ ଭାବ ବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଦିନେ ମୃତ ଘୋଷିତ ହୋଇଥିବା କମ୍ପନ ସଶରୀରରେ ଘରକୁ ଫେରିବେ ବୋଲି ଏହା କେହି କେବେ ଭାବି ନ ଥିଲେ। ତେବେ କସୁରର ଏକ ବିହନ କମ୍ପାନୀ ମାଲିକ କମ୍ପନଙ୍କୁ ଏକ ହାତ ଲେଖା ଦେଇ ତେଲେଙ୍ଗାନାରୁ ଭୁବନେଶ୍ୱର ପଠାଇଥିଲେ। ଭୁବନେଶ୍ୱରରୁ ତାଙ୍କୁ ଜଣେ ବ୍ୟକ୍ତି ଭୁବନେଶ୍ୱର-ବଲାଙ୍ଗିର ଇଣ୍ଟରସିଟିରେ ବଲାଙ୍ଗିରରେ ଛାଡ଼ିଥିଲେ। କମ୍ପନଙ୍କୁ ଦେଖି ଘର ଲୋକ ଏବେ ଭାବବିହ୍ୱଳ ହୋଇ ପଡ଼ିଛନ୍ତି।

## ଜନ କଲ୍ୟାଣକାରୀ ଦିବସ ପାଳିତ

**ଡୁଙ୍ଗୁରିପାଲି, ୧୬ ।୧(ସମିସ) :** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଆର ଏମ ସି ଠାରେ ବହୁଜନ ସମାଜ ପାଟି ପକ୍ଷରୁ ଆଜି ମାୟାବତୀଙ୍କ ଜନ୍ମ ଓ ଜନ କଲ୍ୟାଣକାରୀ ଦିବସ ବସ ପାଳିତ ହୋଇଯାଇଛି। ଡୁଙ୍ଗୁରିପାଲି ବୃକ ସଭାପତି ରାଜୁ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲା ବାମସେଫ କୋଅର୍ଡି ନେଟର ଖଗେଶ୍?ର କୁମ୍ଭାର ଯୋଗଦେଇ ମାୟାବତ ବତୀଙ୍କ ଗୁଣଗାନ କରିଥିଲେ। ଡୁଙ୍ଗୁରିପାଲି ବ୍ଲକ ପ୍ରଭାରୀ ରାଜକିଶୋର ତାଣ୍ଡି, ଉପଦେଷ୍ଟା ସୁ ନାରାମ ବାଗ, ଠାକୁର ସୁନା, ସମ୍ପାଦକ ଗଣେଶ ତାଣ୍ଡି, ସୁବର୍ଣ୍ଣପୁର ନିର୍ବାଚନମଣ୍ଡଳୀର ସଭାପତି କୃଷ୍ଣଚନ୍ଦ୍ର ବାଗ, ରୋହିତ କଠାର, ଉତ୍ତମ ତାଣ୍ଡି, ବାଟି ଦୀପ, ଶିବ ସା, ପବନ କୁମ୍ଭାର, ଭାଗ ହରିପାଲ, ସଂଖ୍ୟା ପଧାନ, ଯାଦବ ପାଲ, ସୁରେନ୍ଦ୍ର ଦୀପ, କୈଳାଶ ପଧାନ, ଝାରୁ ବାଗ, ହିମାଂଶୁ ପାରା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଦୁଃଖୁ ନାଗ ଧନ୍ୟବାଦ ଦେଇଥିଲେ।

୩ୟ ଦଧିବାମନ କ୍ରିକେଟ କପ୍

## ସେମିଫାଇନାଲରେ ଘିଚାପାଲି



**ବୀରମହାରାଜପୁର, ୧୬।୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବହଳପଦରରେ ହେଉଥିବା ତୃତୀୟ ଦଧିବାମନ କ୍ରିକେଟ କପ୍‌ର ଗୁରୁବାର ମ୍ୟାଚ୍‌ରେ ଜଉଁରାଭଉଁରାକୁ ହରାଇ ଘିଚାପାଲି ସେମି ଫାଇନାଲ ରେ ପ୍ରବେଶ କରିଛି। ଗୁରୁବାର ପ୍ରଥମ ମ୍ୟାଚ୍ ଭାଲୁଡୁଙ୍ଗୁରୀ ଓ ଘିଚାପାଲି ମଧ୍ୟରେ ହୋଇଥିଲା। ଭାଲୁଡୁଙ୍ଗୁରୀ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୮୧ ରନ କରିଥିବା ବେଳେ ଘିଚାପାଲି ୫.୪ ଓଭର ରେ ୪ ଉଇକେଟ ହରାଇ ଆବଶ୍ୟକୀୟ ୮୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ରେ ଜଉଁରାଭଉଁରା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ ହରାଇ ୧୪୧ ରନ କରିଥିଲା। ଜବାବରେ ରେ ନୂଆଁଗଡ଼ ୯.୫ ଓଭର ରେ ସମସ୍ତ ଉଇକେଟ ହରାଇ ୧୩୮ ରନ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚ୍‌ର ବିଜେତା ଘିଚାପାଲି ଓ ଦ୍ୱିତୀୟ ମ୍ୟାଚର ବିଜେତା ଜଉଁରାଭଉଁରା ମଧ୍ୟରେ ହୋଇଥିବା କ୍ୱାଟର ଫାଇନାଲ ମ୍ୟାଚ୍‌ରେ ଘିଚାପାଲି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୩ ଉଇକେଟ ହରାଇ ୧୧୪ ରନ କରିଥିବା ବେଳେ ଜଉଁରାଭଉଁରା ୮ ଓଭରରେ ୪ ଉଇକେଟ ହରାଇ ୧୦୩ ରନ କରି ପରାସ୍ତ ହୋଇଥିଲା। ଫଳରେ ଘିଚାପାଲି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଥମ ମ୍ୟାଚ୍ ପାଇଁ ନିରୋଦ ପ୍ରଧାନ, ଦ୍ୱିତୀୟ ମ୍ୟାଚ୍ ପାଇଁ ନିମୁ ପ୍ରଧାନ ଓ ତୃତୀୟ ମ୍ୟାଚ୍ ପାଇଁ ଆଶିଷ ଜଗଦଲାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଅଜିତ ପଧାନ ଓ ସନତ ପଧାନ ମ୍ୟାଚ ଗୁଡ଼ିକୁ ପରିଚାଳନା କରିଥିବା ବେଳେ ସୁନୀଲ ଭୁକ୍ତା ଓ କହ୍ନା ପଧାନ ସ୍କୋରିଂ ଏବଂ ଲଳିତ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ।

ବ୍ୟାସଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ସୋନପୁର ଓ ବାନେର ଦଳ



**କୋମନା, ୧୬ ।୧(ସମିସ):** ସ୍ଥାନୀୟ ଜିତାମିତ୍ରା ହାଇସ୍କୁଲ ପଡ଼ିଆରେ ଚାଲିଥିବା ବ୍ୟାସଦେବ ମେମୋରିଆଲ ଆନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ସେମି ଫାଇନାଲ ମ୍ୟାଚ୍‌ରେ ବାନେର ଦଳ ଶକ୍ତିଶାଳୀ ପଦ୍ମପୁର ଦଳକୁ ୩-୨ ଗୋଲରେ ପରାସ୍ତ କରି ଫାଇନାଲରେ ନିଜର ସ୍ଥାନ ପକ୍କା କରିଛି। ପ୍ରାରମ୍ଭରୁ ହିଁ ଖେଳ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ରହିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ବାନେର ଏବଂ ପଦ୍ମପୁର ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଉଭୟ ଦଳ ହାଲ୍ ଟାଇମ ପୂର୍ବରୁ ପରସ୍ପରକୁ ୧-୧ ଗୋଲ୍ ଦେବାରେ ସଫଳ ହୋଇଥିଲେ। ଦ୍ୱିତୀୟାର୍ଦ୍ଧରେ ବାନେର ଦଳ ୨ଟି ଗୋଲ ଦେଇଥିବା ବେଳେ ପଦ୍ମପୁର ଦଳ ଆଉ ଗୋଟିଏ ଗୋଲ ଦେବାକୁ ସକ୍ଷମ ହୋଇଥିଲା। ଫଳରେ ବାନେର ଦଳ ପଦ୍ମପୁର ଦଳକୁ ୩-୨ ଗୋଲରେ ପରାସ୍ତ କରି ଏହି ବିଜୟ ହାସଲ କରିଛି। ବାନେର ଦଳର ସଠିକ୍ ରଣନୀତି ଏବଂ ଗୋଲକିପରଙ୍କ ଦକ୍ଷତା ଯୋଗୁଁ ଦଳ ଫାଇନାଲରେ ପ୍ରବେଶ କରିବାରେ ସକ୍ଷମ ହୋଇଛି ।ସେମିଫାଇନାଲ ମ୍ୟାଚରେ ସଭାପତି ପ୍ରମୋଦ ପାଢ଼ୀଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଡ଼.ଅଙ୍କିତ ସିଂଘାଇ, ସଦନ ତିୱାରୀ, କମଳ ଚରଣ ତାଣ୍ଡି, ଜୟଦେବ ପ୍ରଧାନ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପ୍ରଶାନ୍ତ ପାଢ଼ୀ, କ୍ଷୀରସିନ୍ଧୁ ଭୋଇ, କୁନୁ କରୁଆଁ ପ୍ରମୁଖ ଉପସ୍ଥିତ ହୋଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କମିଟିର ବରିଷ୍ଠ ସଦସ୍ୟ ବିଜୟ କୁମାର ବଉକ, ଯାଦବ ପ୍ରଧାନ, ପରେଶ ଚନ୍ଦ୍ର ପାଣିଗ୍ରାହୀ, ମଙ୍ଗଳା ପ୍ରସାଦ ବର୍ଗେ, ରାଧେଶ୍ୟାମ କରୁଆଁ, ବଳରାମ ସରାଫ, ବାଳମତ ଘିଭେଲା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସେହିଭଳି ତୋଫାନ ନିଆଲ ଓ ଶଙ୍କର ଯୋଗା ରାଓ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

## ସିନାପାଲିରୁ ଦାଦନ ଶ୍ରମିକ ଉଦ୍ଧାର, ବୋଲେରୋ ଜବତ

**ସିନାପାଲି, ୧୬ ।୧(ସମିସ)**

ସିନାପାଲିର ଜଣେ ଜଣାଶୁଣା ଦାଦନ ସର୍ଦ୍ଦାର ଦାଦନ ଶ୍ରମିକ ଚାଲାଣ କରୁଥିବା ବେଳେ ସିନାପାଲି ପୁଲିସ ଚଢାଉ କରି ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ଏକ ବୋଲେରୋ ଗାଡିକୁ ଜବତ କରିଥିବା ବେଳେ ସର୍ଦ୍ଦାର ଫେରାର୍ ହୋଇଥିବା ଜଣାପଡ଼ିଛି। ଉଦ୍ଧାର ଦାଦନ ଶ୍ରମିକ ଭିତରୁ ୪ଜଣ ମହିଳା ୨ଜଣ ପୁରୁଷ ଥିବା ବେଳେ ୩ଜଣ ନାବାଳିକା ରହିଥିଲେ। ଜବତ ବୋଲେରୋ ଗାଡି ନମ୍ବର ଓଆର ୦୨ ଏଟି ୦୦୧୫। ସୂଚନା ଅନୁସାରେ ଗତ ଗୁରୁବାର ଦିନ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଫୋଟକି ଓ ମୋହରା ଗ୍ରାମର ଲୋକଙ୍କୁ ଦାଦନ ଶ୍ରମିକ ଭାବେ ସିନାପାଲି ସହରର ଜନୈକ ଜଣାଶୁଣା ସର୍ଦ୍ଦାର ବାହାର ରାଜ୍ୟକୁ ଚାଲାଣ କରିବାକୁ ବୋଲେରୋ ସହଯୋଗରେ ସିନାପାଲି ଆଣୁଥିବା ବେଳେ କୌଣସି ସୂତ୍ରରୁ ସିନାପାଲି ପୁଲିସ ଖବର ପାଇଥିଲା। ସିନାପାଲି ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ପୁଲିସ ଟିମ୍ କେନ୍ଦୁମୁଣ୍ଡା ନିକଟରେ ଚଢାଉ କରି ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ବୋଲେରୋ ଗାଡି ଜବତ କରିଥିଲା। ଗାଡି ପଛେପଛେ ସର୍ଦ୍ଦାର ଜଣକ ଆସୁଥିବା ବେଳେ ପୋଲିସ ଚଢାଉ ଦେଖି ଫେରାର୍ ହୋଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ପୁଲିସ ଉଦ୍ଧାର ଦାଦନ ଶ୍ରମିକଙ୍କୁ ପଚାରା ଉଚରା ପରେ ଶ୍ରମିକମାନେ ସର୍ଦ୍ଦାରଙ୍କ ଜରିଆରେ ସିନାପାଲି ଦେଇ ଯାଉଥିବା ବସ ଯୋଗେ ଆନ୍ଧ୍ରପ୍ରଦେଶ ଯିବାର ଥିବା ବେଳେ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରି ତାଙ୍କ ନିଜ ନିଜ ଘର ଛାଡି ଦିଆଯାଇଛି। ଏନେଇ ସିନାପାଲି ଥାନାରେ କେସ୍ ନମ୍ବର ୧୨/୨୦୨୬ ଅନୁସାରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଚଢାଉରେ ସିନାପାଲି ପୁଲିସ ଅଧିକାରୀ କର୍ମଚାରୀ ସାମିଲ ଥିଲେ।





## ଆଜିର ରାଶିଫଳ

**ମେଷ:** କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଦୂର ଯାତ୍ରା ଯୋଗ ରହିଛି। ପୁରୁଣା ସମସ୍ୟାର ସମାଧାନ ହେବ। ଜୀବନସାଥୀଙ୍କ ସହଯୋଗ ମିଳିବ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବୃଷ:** ପାରିବାରିକ ସମସ୍ୟା ଦେଖା ଦେବ। ଧନ ପ୍ରାପ୍ତି ହେବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଆୟ କମ୍ ହେବ ଏବଂ ଖର୍ଚ୍ଚ ବଢ଼ିବ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ମିଥୁନ:** ପିତାଙ୍କ ସହଯୋଗ ମିଳିବ। ଆୟରେ ଉନ୍ନତି ପରିଲକ୍ଷିତ ହେବ। ଋଣ ସମସ୍ୟା ସମାଧାନ ହେବ। କାର୍ଯ୍ୟସ୍ଥଳରେ ବରିଷ୍ଠଙ୍କ ସହଯୋଗ ମିଳିବ। ଚିନ୍ତାମୁକ୍ତ ରହିବେ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତାରେ ରହିବେ। କାର୍ଯ୍ୟରେ ସଫଳତା ମିଳିବ। ଧନ ପ୍ରାପ୍ତି ଯୋଗ ରହିଛି। ଦିନଟି ବ୍ୟସ୍ତତା ଭିତରେ ବିତିବ। ବିଦ୍ୟାର୍ଥୀ ପରୀକ୍ଷାରେ ଭଲ କରିବେ।

**ସିଂହ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଉତ୍ତମ। ଠିକ୍ ସମୟରେ କାର୍ଯ୍ୟ ପୂରା କରିବେ।

**କନ୍ୟା:** ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧନ ଆଗମନର ଯୋଗ ରହିଛି। କାର୍ଯ୍ୟରେ ମନ ଲାଗିବ ନାହିଁ। ବିଦ୍ୟାର୍ଥୀ ପାଠରେ ମନୋନିବେଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଧନ ଆଗମନ। ନୂଆ ଯାନ କିଣିପାରନ୍ତି। ପରିବାର ସହିତ ସମ୍ପର୍କ ମଧୁର ହେବ।

**ବିଛା:** ସମସ୍ୟାକୁ ସାମ୍ନା କରିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ମନ ଉଦାସ ରହିବ। କାର୍ଯ୍ୟରେ ଲୋକଙ୍କ ସାହାଯ୍ୟ ମିଳିବ। ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କାର୍ଯ୍ୟରେ ପଦୋନ୍ନତି ମିଳିବା ସମ୍ଭାବନା ଅଧିକ। ପୂଜାକାର୍ଯ୍ୟରେ ସମୟ କଟିବ। ଘରେ ସମସ୍ୟା ଦେଖା ଦେବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଭଲ ଦିନ।

**ମକର:** ମନୋରଞ୍ଜନରେ ସମୟ ବିତିବ। ସାଙ୍ଗସାଥୀଙ୍କ ସହଯୋଗରେ କାର୍ଯ୍ୟ ସଫଳ ହେବ। ଆୟରେ ବୃଦ୍ଧି ହେବ। ମାନସିକ ଦୁଶ୍ଚିନ୍ତାରେ ରହିବେ।

**କୁମ୍ଭ:** ରାଜନୀତିରେ ଆଶାତୀତ ସଫଳତା ମିଳିବ। ବ୍ୟବସାୟ ଓ ଚାକିରିରୁ ଲାଭ ମିଳିବ। ଗାଈଙ୍କୁ ଖାଇବାକୁ ଦିଅନ୍ତୁ। ପାରିବାରିକ ଜୀବନ ସୁଖମୟ ହେବ।

**ମୀନ:** ବାଦ ବିବାଦଠାରୁ ଦୂରେଇ ରୁହନ୍ତୁ। ଆୟ କମ୍ ଓ ବ୍ୟୟ ଅଧିକ ହେବ। ଅଯଥା କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାର୍ଯ୍ୟରେ ପରିବାର ଲୋକଙ୍କ ସହଯୋଗ ମିଳିବ।

## ଆଜିର ଇତିହାସ

- ୧୫୯୫ – ସ୍ପେନ ବିରୋଧରେ ଫ୍ରାନ୍ସ ଯୁଦ୍ଧ ଘୋଷଣା କରିଥିଲା।
- ୧୬୦୧- ଆକବର ଅସିରଗଡ଼ କିଲ୍ଲାରେ ପ୍ରବେଶ କଲେ।
- ୧୬୫୬ – ବ୍ରାଣ୍ଡେନବର୍ଗ-ସ୍ୱିଡେନ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା।
- ୧୯୪୬ – ମିଳିତ ଜାତିସଂଘ ସୁରକ୍ଷା ପରିଷଦର ପ୍ରଥମ ସଭା ଅନୁଷ୍ଠିତ।
- ୧୯୮୭-ଟାଟା ଫୁଟବଲ ଏକାଡେମୀ ଖୋଲିଲା।
- ୧୯୯୫- ଜାପାନର କୋବେ ସହରରେ ଭୂମିକମ୍ପ ଯୋଗୁଁ ଶତାଧିକ ଲୋକଙ୍କ ମୃତ୍ୟୁ।

## 'ଗୋଲମାଲ ୫' ମୁମ୍ବାଇରେ ହେବ ସୁଟିଂ ଗୋଆ ନୁହେଁ



ରୋହିତ୍ ସେଟ୍ଟୀଙ୍କ ଫିଲ୍ମ 'ଗୋଲମାଲ' ସିରିଜ୍‌କୁ ଦର୍ଶକୀୟ ଆଦୃତି ମିଳିଛି। ଏବେ ଏହି ସିରିଜ୍‌ର ପଞ୍ଚମ ଫିଲ୍ମକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏଥିରେ ଲିଡ୍ ରୋଲରେ ଅଜୟ ଦେବଗନ ଦେଖାଯିବେ। ଇତିମଧ୍ୟରେ ଏହାର ସୁଟିଂକୁ ନେଇ ଏକ ଖବର ଆସିଛି। ଏଥର କିନ୍ତୁ ରୋହିତ୍ ଗୋଆ ବଦଳରେ ମୁମ୍ବାଇରେ ସୁଟ୍ କରିବେ। ସେ ସବୁବେଳେ 'ଗୋଲମାଲ' ଫ୍ରାଞ୍ଚାଇଜ୍‌ର ଫିଲ୍ମଗୁଡ଼ିକର ସୁଟିଂ ଗୋଆ ନଚେତ୍ ହାଇଦ୍ରାବାଦର ରାମୋଜି ଫିଲ୍ମ ସିଟିରେ କରିଥାଆନ୍ତି। 'ଗୋଲମାଲ ୫'ର ସୁଟିଂ କିନ୍ତୁ ମୁମ୍ବାଇରେ ହେବ। କେଫେ ସେଟ୍, ପୁଲିସ୍ ଷ୍ଟେସନ୍, ଏକ ବଡ଼ ବଙ୍ଗଳାର ସେଟ୍‌ଅପ୍ ମୁମ୍ବାଇରେ କରାଯାଇଛି। ମୁମ୍ବାଇସ୍ଥିତ ଫିଲ୍ମ ସିଟିରେ ଏହାର ଅଧିକାଂଶ ସୁଟ୍ ହେବ। ସବୁଠୁ ବଡ଼ କଥା ହେଲା, ମୁମ୍ବାଇରେ ସୁଟ୍ ହେଉଥିବାରୁ କଳାକାରମାନେ ସିଧା ଘରୁ ସୁଟିଂ ସେଟ୍‌ରେ ପହଞ୍ଚି ସୁଟ୍ କରିପାରିବେ। 'ଗୋଲମାଲ ୫'ରେ ଅଜୟଙ୍କ ସହ ଅରଶଦ ୱାର୍ସି, ଶ୍ରେୟସ୍ ତଲପଡ଼େ, କୁନାଲ ଖେମୁ, ତୁଷାର କପୁର ନଜର ଆସିବେ।

## ହୃଦୟ ପାଇଁ ଭଲ ନୁହେଁ ମାଉଥୱାଶ୍ !

ମୁଖ ସ୍ୱଚ୍ଛତା ଦାନ୍ତ ଓ ମାଢ଼ିକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ସେଥିପାଇଁ ଲୋକେ ଦିନକୁ ଦୁଇଥର ବ୍ରଶ୍ କରିଥାନ୍ତି। ମାଉଥ୍‌ୱାଶ୍ ବି ବ୍ୟବହାର କରିଥାନ୍ତି। ଆଣ୍ଟିସେପ୍ଟିକ୍ ମାଉଥ୍‌ୱାଶ୍‌ର ମାତ୍ରାଧିକ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ବୋଲି ନିକଟରେ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି। ତେଣୁ ସର୍ବଦା ମାଉଥୱାଶ୍ ବ୍ୟବହାର କରିବା ଅନୁଚିତ। ଅନେକ କ୍ଷେତ୍ରରେ ଏହାଠାରୁ ଦୂରେଇ ରହିବା ଭଲ। ଏହାଦ୍ୱାରା ଶରୀରରେ ଥିବା ଜରୁରି ଜୀବାଣୁଗୁଡ଼ିକ ଦୂରେଇ ଯାଆନ୍ତି। ଏଥିଯୋଗୁ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ସମସ୍ୟା ଦେଖାଯାଇପାରେ। ଏନେଇ ଦନ୍ତବିଶେଷଜ୍ଞଙ୍କ କହିବା କଥା, ମାଉଥୱାଶ୍‌ରେ ଥିବା ରସାୟନିକ ତତ୍ତ୍ୱଗୁଡ଼ିକ ମୁଖରେ ଥିବା ଉପକାରୀ ଜୀବାଣୁଗୁଡ଼ିକୁ ମାରି ଦେଇଥାଏ। ଏହି ଜୀବାଣୁଗୁଡ଼ିକ ମନୁଷ୍ୟ ଶରୀରରେ ନାଇଟ୍ରିକ୍‌ଅକ୍ସାଇଡ୍ ତିଆରି କରିବାରେ ସାହାଯ୍ୟ କରନ୍ତି। ଏହା ରକ୍ତନାଳୀକୁ ଠିକ୍ ରଖିବା ସହ ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ହେଲେ ଯେତେବେଳେ ଏହି ଜୀବାଣୁଗୁଡ଼ିକ ମରି ଯାଆନ୍ତି, ନାଇଟ୍ରିକ୍‌ଅକ୍ସାଇଡ୍ ସ୍ତର ହ୍ରାସ ପାଇବା ସହିତ ରକ୍ତନଳୀଗୁଡ଼ିକ ସଙ୍କୁଚିତ ହେବାକୁ ଲାଗେ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ଆଶଙ୍କା ବଢ଼ିଯାଇଥାଏ। ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ଦିନରେ ଦୁଇଥର ଜୀବାଣୁମୁକ୍ତ ମାଉଥୱାଶ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କଠାରେ ଉଚ୍ଚ ରକ୍ତଚାପ ଆଶଙ୍କା ଦୁଇଗୁଣ ବୃଦ୍ଧି ପାଏ। ବିଶେଷକରି ପୂର୍ବରୁ ରକ୍ତଚାପ କିମ୍ବା ହୃଦ୍‌ରୋଗରେ ପୀଡ଼ିତଙ୍କ ପାଇଁ ଏହା ଅଧିକ ସମସ୍ୟା ସୃଷ୍ଟି କରେ। ତେଣୁ ପ୍ରତିଦିନ ମାଉଥୱାଶ୍ ବ୍ୟବହାର କରିବା ଅନୁଚିତ। କେବଳ ସତେଜତା ପାଇଁ ବେଳେବେଳେ ଏହାକୁ ବ୍ୟବହାର କରିବା ଭଲ। ମୁଖ ସ୍ୱଚ୍ଛତା ପାଇଁ ଦିନରେ ଦୁଇ ଥର ସଠିକ୍ ବ୍ରଶ୍ କରିବା ସହ କୁଳି କରିବା ଉଚିତ। ମାଉଥୱାଶ୍ କେବଳ ଦନ୍ତ ସଂକ୍ରମଣ, ସର୍ଜରୀ କିମ୍ବା ମାଢ଼ିଜନିତ ସମସ୍ୟା ବେଳେ ବ୍ୟବହାର କରିବା ଉଚିତ। ଯଥାସମ୍ଭବ ଆଲକହଲମୁକ୍ତ ମାଉଥୱାଶ୍ ବାଛିବା ଜରୁରି। ସପ୍ତାହକୁ ୨/୩ ଥରରୁ ଅଧିକ ଥର ମାଉଥୱାଶ୍ ବ୍ୟବହାର କରିବା ଅନୁଚିତ।



## ବିଶ୍ୱର ସବୁଠୁ ବଡ଼ ହୋଟେଲ

### ୩ଟି ଟାୱାରରେ ରହିଛି ୭୩୫୧ ରୁମ୍



ସମଗ୍ର ବିଶ୍ୱରେ ଏକାଧିକ ହୋଟେଲ ଅଛି। କେତେକ ବହୁତ ବଡ଼ ଏବଂ ଆଉ କେତେକ ବିଳାସପୂର୍ଣ୍ଣ। ପ୍ରତ୍ୟେକ ହୋଟେଲର ନିଜସ୍ୱ ବିଶେଷତା ବି ରହିଛି। ଏହି କ୍ରମରେ ମାଲେସିଆରେ ଥିବା 'ଫାଷ୍ଟ ୱାର୍ଲଡ୍ ହୋଟେଲ' ବିଶ୍ୱର ସବୁଠୁ ବଡ଼ ହୋଟେଲ ଭାବେ ଜଣାଯାଏ। ଏହି ହୋଟେଲରେ ସମୁଦାୟ ୭୩୫୧ଟି ରୁମ୍ ଅଛି। ଫାଷ୍ଟ ୱାର୍ଲଡ୍ ହୋଟେଲ ବିଶ୍ୱର ସବୁଠୁ ବଡ଼ ହୋଟେଲ ଭାବେ ଗିନିଜ୍ ବିଶ୍ୱ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି। ଏହି ହୋଟେଲ ଏତେ ବଡ଼ ଯେ, ଏଠାରେ ଚେକ୍‌ଇନ୍ ପାଇଁ ଲୋକଙ୍କୁ ଦୀର୍ଘ ସମୟ ଧରି ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥାଏ। ଏହି ହୋଟେଲ ମଧ୍ୟରେ ଏକକାଳୀନ ୧୪୦୦୦ ଅତିଥି ରହିପାରିବେ। ୫ ଲକ୍ଷ ବର୍ଗଫୁଟରେ ନିର୍ମିତ ଏହି ହୋଟେଲରେ ସପିଂ ସେଣ୍ଟର ଓ ଏଣ୍ଟରଟେନ୍‌ମେଣ୍ଟ କମ୍ପ୍ଲେକ୍ସ ରହିଛି। ଫାଷ୍ଟ ୱାର୍ଲଡ୍ ହୋଟେଲରେ ଦୁଇଟି ମୁଖ୍ୟ ଟାୱାର(ଟାୱାର ୧, ଟାୱାର ୨) ରହିଛି। ଏହାବ୍ୟତୀତ ଏଥିରେ ଅତିରିକ୍ତ ଆଉ ଏକ ଟାୱାର ଅଛି। ପ୍ରତ୍ୟେକ ଟାୱାର ୩୬ ମହଲା ବିଶିଷ୍ଟ। ଏଠାରେ ଗ୍ରାହକଙ୍କ ପାଇଁ ୬ ଟି ସ୍ତରର ରୁମ୍ ରହିଛି। ଗ୍ରାହକ ନିଜ ବଜେଟ୍ ଅନୁସାରେ ରୁମ୍ ନେଇ ପାରିବେ। ହୋଟେଲଟି ବେଶ୍ ବଡ଼ ହୋଇଥିବାରୁ ଗ୍ରାହକଙ୍କୁ ଚେକ୍‌ଇନ୍ ପାଇଁ ସମସ୍ୟା ହୋଇଥାଏ। ଏତେ ଗହଳି ହୋଇଥାଏ ଯେ, ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥାଏ। ତେବେ ଏଠାରେ ଏକାଥରକେ ୧୪୦୦୦ ପର୍ଯ୍ୟଟକ ରହିବା ପାଇଁ ବ୍ୟବସ୍ଥା ରହିଛି। ବିଶ୍ୱର ସବୁଠୁ ବଡ଼ ହୋଟେଲ ମଧ୍ୟରେ ଏହା ପ୍ରଥମ ସ୍ଥାନରେ ଅଛି। ଏହାପରେ ଦ୍ୱିତୀୟ ସ୍ଥାନରେ 'ଦ ଭେନିସନ୍' (ଲାସ୍ ଭେଗାସ) ଓ ତୃତୀୟ ସ୍ଥାନରେ ଏମ୍‌ଜିଏମ୍ ଗ୍ରାଣ୍ଡ(ଲାସ୍ ଭେଗାସ୍) ରହିଛି।

## ଆସ ବୀଣାପାଣି



ଗୋପୀନାଥ ଦାଶ

ଆସ ବୀଣାପାଣି କରୁଛୁ ବନ୍ଦନ
ରକମର ଫୁଲ ଧରି
ପିନ୍ଧାଇ ଦେବୁ ଗଳାରେ ମାଳ
ତୁମ୍ଭଙ୍କୁ ସ୍ମରଣ କରି।
ହଂସ ବାହିନୀ ଗୋ ଶୁଭ୍ର ବସ୍ତ୍ର ପରିହିତା
କମଳ ପୁଷ୍ପ ଆସନ
ପ୍ରଫୁଲ୍ଲ ବଦନ ଶାରଦା ବରଦା
ପଶୁଛୁ ତୁମ୍ଭ ଶରଣ।
ବିଦ୍ୟାଦାତ୍ରୀ ବୋଲି ଜଗତରେ ଖ୍ୟାତ
ସଙ୍ଗୀତର ଅଟ ରାଣୀ
ଅଜ୍ଞାନକୁ ହରି ଜ୍ଞାନ ଦିଅ ଭରି
ଉଦ୍ଧର ସକଳ ପ୍ରାଣୀ।
ମାଆ ସରସ୍ୱତୀ ବିରାଜିତ ହେବ
ରଖିଛୁ ଧୂପ ଓ ଦୀପ
ନାରିକେଳ ଆଉ କେତେ ଫଳ, ଭୋଗ
ସଜାଇ ଝୋଟିରେ ମଣ୍ଡପ।
ତୋରଣ ହୋଇଛି କେତେ ମନଲୋଭା
ଆମ୍ବ ପତ୍ରରେ ସଜ୍ଜିତ
ରଙ୍ଗୀନ କାଗଜ କାଟି ଲଗାଇଛୁ
ଦିଶଇ କି ସୁଶୋଭିତ।
ଜ୍ଞାନର ବିକାଶ କରିବ ବାଗ୍‌ଦେବୀ
ଭାରତୀ ହଂସ ବାହିନୀ
କରୁଥିବୁ ପୂଜା ସବୁଦିନ ପାଇଁ
ମା' ଗୋ ବିଦ୍ୟାଦାୟିନୀ। ■

ବରପାଲିପଡ଼ା, ବଲାଙ୍ଗିର
ମୋ -୬୩୭୧୮୦୫୦୭୦



- ମାଘ ମାସ ଶୁକ୍ଳ ପଞ୍ଚମୀ ଦିନ
ହସିଉଠେ ସାରା ମରତ ଧାମ
ସ୍ୱର୍ଗରୁ ଆସନ୍ତି ମା' ଅବତରି
ବିଦ୍ୟା ବୁଦ୍ଧି ପ୍ରାଣେ ଦିଅନ୍ତି ଭରି
ହାତେ ଧରିଥାନ୍ତି ବୀଣା ପୁସ୍ତକ
ଛାତ୍ରଙ୍କୁ ଦିଅନ୍ତି ଜ୍ଞାନ ବିବେକ
ସାଜସଜା ମନ ମୋହେ
ସାରା ବିଦ୍ୟାଳୟ ଲାଗେ କୋଳାହଳ
କୁହ ତା'ର ନାମ କିଏ।
ଉତ୍ତର-ସରସ୍ୱତୀ ପୂଜା
- ପକ୍ଷୀଟିଏ ସିଏ ବର୍ଣ୍ଣ ଧବଳ
ପାଣିରେ ପହଁରେ ଭାରି ଚଞ୍ଚଳ
ସରସ୍ୱତୀଙ୍କର ବାହନ ସିଏ
ତା'ସୁନ୍ଦର ରୂପ ମନକୁ ମୋହେ
ପାଦ ଗଣି ଗଣି ଚାଲେ
କ୍ଷୀରରୁ ପାଣିକୁ ଭିନ୍ନ କରେ ସେହି
କୁହ ତା'ର ନାମ ପିଲେ।
ଉତ୍ତର-ହଂସ
- ବାଦ୍ୟ ଯନ୍ତ୍ରଟିଏ ସିଏ ଆମର
ତା' କୋମଳ ଧ୍ୱନି ଭାରି ମଧୁର
ମା' ସରସ୍ୱତୀ ତାକୁ ହାତରେ ଧରି
ବାଣ୍ଟିଥାନ୍ତି ସର୍ବେ କରୁଣା ବାରି
ଅତି ପୁରାତନ ସିଏ
ତା' ଧ୍ୱନି ବଢ଼ାଏ ସଙ୍ଗୀତର ସୁର
ନାଆଁ କହିଦେବ କିଏ।
ଉତ୍ତର-ବୀଣା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬



ବିଦ୍ୟାଦାୟିନୀ ମାଗୋ ବୀଣାପାଣି
ଡାକୁଛି ଭକତି ଚିତ୍ତେ,
ମୁଁ ଅବୋଧ ଶିଶୁ ଜାଣେ ନାହିଁ କିଛି
ବୁଦ୍ଧି ଜ୍ଞାନ ଦିଅ ମୋତେ।
ତୁମେ ତ ଅମାପ ବିଦ୍ୟାର ସାଗର
କିଅବା ମାଗିବି ମାଆ,
ଏ ସାରା ସଂସାରେ ତୁମ ବିନା ଆଉ
କିଏ ଅଛି ମୋର ସାହା।
ତୁମ ଦୟା ହେଲେ ମୁକ କହେ କଥା
ପଙ୍ଗୁ ଲଘେଁ ପାରେ ଗିରି,
ତୁମରି ଦୟାରେ ଶ୍ରାବଣ ସଞ୍ଜରେ
ବରଷା ପଡ଼ଇ ଝରି।
ତୁମେ ତ ଗୀତରେ ତୁମେ ତ ତାଳରେ
ତୁମେ ଛନ୍ଦ, ଲୟ, ସୁରେ,
ତୁମକୁ ଅରପି ଦେଇଛି ଭକତି
ଯେତେ ଥାଏ ପଛେ ଦୂରେ।



ତପନ କୁମାର ସ୍ୱାଇଁ

ବିଦ୍ୟା ଦାୟିନୀ ମାଆ ମରାଳ ବାହିନୀ
ରଖିଛି ମୁଁ ପୂଜା ଫୁଲ,
ତୁମ ଚରଣରେ ଅରପିବି ବସି
ମାଗୁ ନାହିଁ କିଛି ମୂଲ।
ଏତିକି ମାଗୁଣି ଶ୍ରୀ ଛାମୁରେ ତୋର
କଣ୍ଠରେ ମୋ ଥିବୁ ସଦା,
ବିପଦ ଆପଦେ ଦୟା କରିବୁ ମା'
ଦେବୁ ନାହିଁ କେବେ ବାଧା। ■

ଅଇବିଲି, ଜଗତସିଂହପୁର
ମୋ - ୯୦୪୦୦୩୩୩୯୦



## ସୁମନ

## କିଆଫୁଲ



ରାଜେଶ ରାୟ



ମକର ସଂକ୍ରାନ୍ତି ପାଳନ କରିବା ପାଇଁ ରାଧାରାଣୀ ନିଜ ବାପା ବୋଉଙ୍କ ସହ ଟ୍ରେନ୍‌ରେ ବସି କଟକରୁ ବିଶାଖାପାଟଣା ଯାଉଥିଲା। ଗଞ୍ଜାମ ଷ୍ଟେସନ୍ ଆସିବାକୁ କିଛିବାଟ ଥାଏ। ଟ୍ରେନ୍ ଝରକା ପାଖରେ ବସି ରାଧାରାଣୀ ପ୍ରକୃତିର ସୁନ୍ଦରତାକୁ ଉପଭୋଗ କରୁଥିଲା। ଠିକ୍ ଏହି ସମୟରେ ହଠାତ୍ ତା' ନଜର ଯାଇ ପଡ଼ିଲା ଧାନ କ୍ଷେତ କଡ଼ରେ ସୁନ୍ଦର ଭାବେ ସଜେଇ ହୋଇ ରହିଥିବା ସବୁଜ ରଙ୍ଗର ବୁଦାଳିଆ ଗଛ ଉପରେ ଯାହାର ପତ୍ର ସପୁରି ଗଛ ପତ୍ର ପରି ଦିଶୁଥିଲା । ରାଧାରାଣୀ ବାପାଙ୍କୁ ଡାକି ପଚାରିଲା ଏ ଗଛର ନାଁ କଣ ? ବାପା ଉତ୍ତର ଦେଲେ " କିଆଗଛ"। ସେହି ଗଛରେ ଫୁଟିଥିବା ଧଳା ରଙ୍ଗ ଫୁଲର ବାସ୍ନାରେ ପରିବେଶ ମହକି ଯାଉଥିଲା। ଟ୍ରେନ୍‌ରେ ବସିଥିବା ଅନ୍ୟ ଯାତ୍ରୀମାନେ ସେହି ସୁଗନ୍ଧିତ ବାସ୍ନାରେ ଟାଣିହୋଇ ନିଜ ମୋବାଇଲ କ୍ୟାମେରାରେ କିଆ ଫୁଲର ସୌନ୍ଦର୍ଯ୍ୟକୁ କଏଦ କରୁଥିଲେ। ଏତିକିବେଳେ ଟ୍ରେନ୍‌ରେ ବସିଥିବା ଜଣେ ବ୍ୟକ୍ତି କହି ଉଠିଲେ-"ଆପଣମାନେ ଜାଣି ନାହାନ୍ତି କି , ଗଞ୍ଜାମ ଜିଲ୍ଲା କିଆଫୁଲ ପାଇଁ ପ୍ରସିଦ୍ଧ।" ଏହିଠାରୁ କିଆଫୁଲ ନିଆଯାଇ ଦେଶ ବିଦେଶରେ ବିକ୍ରି କରାଯାଏ। ଲୋକଟିର କଥାବାର୍ତ୍ତାରୁ ଜଣାପଡ଼ିଲା ସିଏ ବ୍ରହ୍ମପୁରର ଲୋକ। ରାଧାରାଣୀ ଏ କଥା ଶୁଣିବା ପରେ ତା ମନ ହେଲା କିଆଫୁଲ ବିଷୟରେ ଆହୁରି ଅଧିକ କଥା ଜାଣିବା ପାଇଁ ତେଣୁ ସେ ସେହି ବ୍ୟକ୍ତିଙ୍କୁ ଅନୁରୋଧ କଲା କିଆଫୁଲ ବିଷୟରେ ଆଉ କିଛିକଥା କହିବା ପାଇଁ। ଅନ୍ୟ ଯାତ୍ରୀମାନେ ମଧ୍ୟ କିଆଫୁଲ ବିଷୟରେ ଜାଣିବା ପାଇଁ ପାଖରେ ଆସି ଭିଡ଼ ଜମେଇଲେ। ବ୍ୟକ୍ତି ଜଣକ କହିଲେ କିଆ ଏକ କଣ୍ଟା ଜାତୀୟ ଗଛ, ଯାହା ଦେହରେ ସୁଗନ୍ଧିତ ଫୁଲ ଫୁଟିଥାଏ। ସେହି ଫୁଲକୁ ନେଇ ଅତରଠାରୁ ଆରମ୍ଭ କରି ତେଲ, ଔଷଧ, କ୍ରିମ୍ ଆଦି ପ୍ରସ୍ତୁତ କରାଯାଏ। ଆମ ଦେଶରେ ମିଳୁଥିବା କିଆଫୁଲର ପ୍ରାୟ ୯୦ ପ୍ରତିଶତ କେବଳ ଗଞ୍ଜାମ ଜିଲ୍ଲାରୁ ମିଳିଥାଏ। ତେଣୁ କିଆଫୁଲ ଏବଂ କିଆ ଅତରକୁ ଗଞ୍ଜାମ ଜିଲ୍ଲାର ପ୍ରମୁଖ ଉତ୍ପାଦ ରୂପେ ସରକାରୀ ମାନ୍ୟତା ମିଳିଛି। ଏହି ଫୁଲକୁ ପାଖାପାଖି ୧୧୦ ଟି ଗ୍ରାମର ଚାଷୀମାନେ ଉତ୍ପାଦନ କରିଥାନ୍ତି। ଦୁଃଖର ଘଟଣା ହେଉଛି, ମଣିଷର ଆଧୁନିକ କାରୁକାର୍ଯ୍ୟ ଯୋଗୁ ପରିବେଶରେ ଦେଖାଯାଉଥିବା ନକାରାତ୍ମକ ପରିବର୍ତ୍ତନ ପାଇଁ ଏବେ କିଆଫୁଲର ଅବସ୍ଥା ସଙ୍କଟରେ ରହିଛି। ପରିବେଶ ଓ ଜଳବାୟୁର ପ୍ରଭାବ ଏବେ କିଆ ଗଛ ଉପରେ ଏପରି ଭାବେ ପଡୁଛି ଯାହାଦ୍ୱାରା ତାର ବଂଶ ବୃଦ୍ଧି ଆଉ ଆଗଭଳି ହୋଇପାରୁନାହିଁ । ମାଟି ଉର୍ବରତା ହରାଇବା କାରଣରୁ ଉକ୍ତ ଗଛର ବୃଦ୍ଧି ଓ ବିକାଶ ଠିକ୍ ଭାବେ ହୋଇପାରୁନାହିଁ । କିଆଗଛ କେବଳ ଆମକୁ ଫୁଲ ଦିଏନାହିଁ ବରଂ ଏହାର ଶରୀରରୁ ବାହାରୁଥିବା ଶକ୍ତ ଚେରକୁ ନେଇ ସେଥିରେ ଗୋଟିଏ ପ୍ରକାରର ମଜବୁତ୍ ଦଉଡ଼ି ପ୍ରସ୍ତୁତ କରାଯାଏ ଯାହାକୁ ପଟ ବୋଲି କୁହାଯାଏ। ପୂର୍ବ କାଳରେ ଚାଳ ଛପର ଘରକୁ ତିଆରି କରିବା ପାଇଁ ଏହି କିଆ ଗଛର ପଟକୁ ବ୍ୟବହାର କରାଯାଉଥିଲା କିନ୍ତୁ ବର୍ତ୍ତମାନ ଚାରିଆଡ଼େ କୋଠାଘର ଗଢ଼ି ଉଠିବା କାରଣରୁ କିଆ ପତର ବ୍ୟବହାର ଆଉ କରାଯାଉନାହିଁ। ଗଞ୍ଜାମ ଜିଲ୍ଲାରେ ଗୋଟିଏ କିଆ ଫୁଲକୁ ପାଖାପାଖି ୨୫ ରୁ ୩୦ ଟଙ୍କାରେ ବିକ୍ରି କରାଯାଏ। ପୂର୍ବ ସମୟରେ କିଆ ଅତରକୁ ଲିଟର ପିଛା ୧୮ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଥିଲା ଯାହା ଏବେ ୮ ଲକ୍ଷରେ ଆସି ପହଞ୍ଚିଲାଣି। କିଆଫୁଲରୁ ସୁଗନ୍ଧିତ ଅତର ବାହାର କରିବା ପାଇଁ ଗଞ୍ଜାମ ଜିଲ୍ଲାରେ କିଆଫୁଲ ଭାଟି ସବୁ ନିର୍ମାଣ କରାଯାଇଛି କିନ୍ତୁ ଏବେ ତାହା କାମ ନ କରି ବନ୍ଦ ହେବାକୁ ବସିଲାଣି। ଲୋକ ଜଣକ ଆହୁରି ମଧ୍ୟ କହିଲେ ଯେ, ଶରତ ଋତୁ ଆସିଲେ କିଆଫୁଲ ବହୁତ୍ ପରିମାଣରେ ଫୁଟିଥାଏ ଏବଂ ଶୀତ ଋତୁରେ ବି କିଛି ଫୁଟେ। ବର୍ତ୍ତମାନ ସମୟରେ କିଆଫୁଲ ଚାଷ କରିବାକୁ ଚାଷୀମାନେ ରାଜି ହେଉ ନାହାନ୍ତି କାରଣ ପରିବେଶ ପ୍ରଦୂଷଣ କାରଣରୁ ସେମାନଙ୍କର ଉତ୍ପାଦନ ହ୍ରାସ ପାଉଛି। କିଆଗଛର ସଂରକ୍ଷଣ କରିବା ପାଇଁ ସରକାରୀସ୍ତରରେ ଯଦି କିଛି ପଦକ୍ଷେପ ନିଆ ଯାଆନ୍ତା ତେବେ ଆଗାମୀ ଦିନରେ କିଆ ଫୁଲ ପୁଣିଥରେ ହସି ଉଠନ୍ତା। ଆଗରୁ ଏହି ସ୍ଥାନ ଦେଇ ଯିବା ଆସିବା କଲାବେଳେ ଅଧିକ ସୁଗନ୍ଧିତ ବାସ୍ନାରେ ନାକ ଫାଟି ପଡୁଥିଲା କିନ୍ତୁ ଏବେ ଏହାର ପରିମାଣ ବହୁତ୍ କମିଯାଇଛି। ଯେଉଁ ଫୁଲ ସବୁ ଆପଣ ଦେଖୁଛନ୍ତି ଆଗାମୀ ବର୍ଷ ହୁଏତ ତାହା ଆଉ ଏହି ସ୍ଥାନରେ ନଥିବ! କିଆଫୁଲ ଏବେ ନିଜକୁ ରକ୍ଷା କରିବା ପାଇଁ ଆମକୁ ନିବେଦନ କରୁଛି। ହେଲେ ଆମେ ବୁଝିଲେ ତ ! ଏହିକଥା କହିବା ସମୟରେ ଲୋକଟିର ଆଖି ଦୁଃଖର ଲୁହରେ ଜକେଇ ଯାଇଥିଲା। କଥାରେ କଥାରେ ରେଳ ଆସି ବ୍ରହ୍ମପୁରରେ ପହଞ୍ଚି ସାରିଥିଲା। ଲୋକଟି ପାଖରୁ କିଆଫୁଲର କଥା ଶୁଣି ରାଧାରାଣୀର ମନ ବହୁତ୍ କଷ୍ଟ ହେଲା। ତାର ନୂଆବର୍ଷ ପାଳିବା ଖୁସି ସବୁ ମଉଳି ଗଲା। ସେହି ଦିନଠାରୁ ସେ କେବଳ କିଆଫୁଲ କଥା ଭାବିଲା। ଏମିତି କିଛିଦିନ ବିତିଗଲା ପରେ ରାଧାରାଣୀ ପୁଣି ଟ୍ରେନ୍‌ରେ ବସି ସେହିବାଟ ଦେଇ ନିଜ ଘରକୁ ଫେରିଲା ଏବଂ ବାଟରେ ଆସିଲା ସମୟରେ କିଆଫୁଲର ଶୁଖିଲା ମୁହଁକୁ ଦେଖି ସେ ଭାବୁଥିଲା, "ଏମିତି କିଛି ହୁଅନ୍ତାନି , ଲୋକମାନେ ନିଜର ଭୁଲକୁ ବୁଝିପାରି ପରିବେଶର ଯତ୍ନ ନିଅନ୍ତେ ଏବଂ କାନ୍ଦୁଥିବା ଏହି କିଆଫୁଲ ପୂର୍ବପରି ଖିଲି ଖିଲି ହସି ଉଠନ୍ତା।" ■

ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର
ମୋ-୬୩୭୧୫୫୫୯୪୦





ଶ୍ରୀୟା ନାୟକ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ୍
ନିମାପଡ଼ା





ସନ୍ଦୀପ୍ତା ଦିବ୍ୟାରାଣୀ
ଚତୁର୍ଥ ଶ୍ରେଣୀ
ଡି.ଏ.ଭି ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ଶ୍ରେୟାନ୍ କୁମାର ସାହୁ
ୟୁକେଜି
କିଡ୍‌ଜି ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ସହିଷ୍ଣୁ ସାହୁ
ଷଷ୍ଠ ଶ୍ରେଣୀ
ସେଣ୍ଟ ଜାଭିୟର ହାଇ ସ୍କୁଲ
ଖଣ୍ଡଗିରି, ଭୁବନେଶ୍ୱର

● ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍

# ଆୟର, ବିଷ୍ଣୋଇ ସାମିଲ

ନୂଆଦିଲ୍ଲୀ, ୧୬ ।୧ (ଏଜେନ୍ସି): ଘରୋଇ ପରିବେଶରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଆଗାମୀ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଲାଗି ଭାରତୀୟ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ନିର୍ଭରଯୋଗ୍ୟ ବ୍ୟାଟର୍ ଶ୍ରେୟାସ ଆୟର ଓ ସ୍ପିନର ରବି ବିଷ୍ଣୋଇ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଦୁଇ ଆହତ ଖେଳାଳି ତିଲକ ବର୍ମା ଓ ୱାଶିଂଟନ ସୁନ୍ଦରଙ୍କ ସ୍ଥାନରେ ଉଭୟଙ୍କୁ ଦଳରେ ନିଆଯାଇଛି ବୋଲି ଶୁକ୍ରବାର ବିସିସିଆଇ ପକ୍ଷରୁ କୁହାଯାଇଛି। ବିଜୟ ହଜାରେ ଟ୍ରଫିରେ ଖେଳୁଥିବାବେଳେ ତିଲକ ଆହତ ହୋଇଥିଲେ। ସେହିଭଳି ନ୍ୟୁଜିଲାଣ୍ଡ ବିପକ୍ଷ ଚଳିତ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ବୋଲିଂ କରୁଥିବାବେଳେ ସୁନ୍ଦରଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଫଳରେ ଉଭୟଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରୁ ବାଦ୍ ଦିଆଯାଇଛି। ଉଭୟେ ଟି-୨୦ ବିଶ୍ୱକପ୍‌ରେ ଖେଳିବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଆୟର କେବଳ ପ୍ରଥମ ୩ଟି ଟି-୨୦ ପାଇଁ ସ୍ଥାନ ପାଇଛନ୍ତି। ଯଦି ତିଲକ ସୁସ୍ଥ ନ ହୁଅନ୍ତି ତେବେ ଆୟର ଶେଷ ୨ଟି ମ୍ୟାଚ୍‌ରେ ମଧ୍ୟ ଖେଳିବେ ବୋଲି ଜଣାପଡ଼ିଛି। ପ୍ରକାଶଯୋଗ୍ୟ ନ୍ୟୁଜିଲାଣ୍ଡ ବିପକ୍ଷ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ବର୍ତ୍ତମାନ ୧-୧ରେ ବରାବର୍ ରହିଛି। ନିର୍ଣ୍ଣାୟକ ୩ୟ ଦିନିକିଆ ରବିବାର ଇନ୍ଦୋରରେ ଖେଳାଯିବ। ଏହାପରେ ଜାନୁଆରୀ ୨୧ରୁ ବିଦର୍ଭରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଆରମ୍ଭ ହେବ।

**ନ୍ୟୁଜିଲାଣ୍ଡ ସିରିଜ ପାଇଁ ଭାରତୀୟ ଟି-୨୦ ଦଳ** : ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟ୍‌କିପର), ଶ୍ରେୟାସ ଆୟର, ହାର୍ଦ୍ଦିକ ପାଣ୍ଡ୍ୟା, ଶିଭମ ଦୁବେ, ଅକ୍ଷର ପଟେଲ (ଉପ-ଅଧିନାୟକ), ରିଙ୍କୁ ସିଂ, ଯଶପ୍ରୀତ୍ ବୁମରା, ହର୍ଷିତ ରାଣା, ଅର୍ଶଦୀପ୍ ସିଂହ, କୁଳଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇ।

# ଆର୍ଯ୍ୟାନ ଭାରତର ୯୨ତମ ଗ୍ରାଣ୍ଡମାଷ୍ଟର



ନୂଆଦିଲ୍ଲୀ, ୧୬ ।୧ (ଏଜେନ୍ସି): ଆର୍ଯ୍ୟାନ ଭାର୍ଶନେ ଭାରତର ୯୨ତମ ଚେସ୍ ଖେଳାଳି ଭାବେ ଗ୍ରାଣ୍ଡମାଷ୍ଟର (ଜିଏମ୍) ଟାଇଟଲ୍ ହାସଲ କରିଛନ୍ତି। ୨୧ ବର୍ଷୀୟ ଏହି ଦିଲ୍ଲୀ ଖେଳାଳି ଆର୍ମେନିଆରେ ଚାଲିଥିବା ଆନ୍ଦ୍ରିଙ୍କ ମାର୍ଗାରିନ ମେମୋରିଆଲ ପ୍ରତିଯୋଗିତା ଅବସରେ ଏହି ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତାର ୮ମ ରାଉଣ୍ଡର ଏକ ମୁକାବିଲାରେ ଆର୍ଯ୍ୟାନ ୟୁକ୍ରେନ ଜନ୍ମିତ ଆର୍ମେନିଆ ଖେଳାଳି ତଥା ଫିଡେ ମାଷ୍ଟର (ଏଫ୍‌ଏମ୍) ତିହରାନ ଆମ୍ବ୍ରାତସୁମେନଙ୍କ ବିପକ୍ଷରେ ଡ୍ର ରଖିଥିଲେ। ଏହା ଫଳରେ ଆର୍ଯ୍ୟନ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ଲାଗି ଆବଶ୍ୟକ ଅନ୍ତିମ ତଥା ୩ୟ ନର୍ମ ହାସଲ କରିଥିଲେ। ଏଥିସହ ଆର୍ଯ୍ୟାନ ଦେଶର ୯୨ତମ ଓ ଦିଲ୍ଲୀର ୮ମ ଖେଳାଳି ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ହାସଲ କରିବାର ସୌଭାଗ୍ୟ ଲାଭ କରିଥିଲେ। ୧୯୮୮ରେ ବିଶ୍ୱନାଥନ ଆନନ୍ଦ ଭାରତର ପ୍ରଥମ ଚେସ୍ ଖେଳାଳି ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ପାଇଥିଲେ।

ହକି ଇଣ୍ଡିଆ ଲିଗ୍

# ଆଜିଠୁ କଳିଙ୍ଗରେ ଶେଷ ପର୍ଯ୍ୟାୟ ରୋମାଞ୍ଚ

ଭୁବନେଶ୍ୱର, ୧୬ ।୧ (ସମିସ)



କ୍ରିକେଟ୍‌ରେ ଆଇପିଏଲ୍ ଭଳି ହକିରେ ଖେଳାଯାଉଥିବା ଫ୍ରାଞ୍ଚାଇଜଭିତ୍ତିକ ଟୁର୍ଣ୍ଣାମେଣ୍ଟ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ୍)ର ଚଳିତ ୭ମ ସଂସ୍କରଣର ୩ୟ ପର୍ଯ୍ୟାୟ ଶନିବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଜାନୁଆରୀ ୩ ତାରିଖରୁ ଆରମ୍ଭ ହୋଇଥିବା ପୁରୁଷ ବିଭାଗର ଏହି ଆଠ ଦଳୀୟ ପ୍ରତିଯୋଗିତାର ଚେନ୍ନାଇ ଓ ରାଞ୍ଚି ଲେଗ୍ ଶେଷ ହୋଇଯାଇଛି। ଏବେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଶନିବାରଠାରୁ ଅନ୍ତିମ ତଥା ୩ୟ ପର୍ଯ୍ୟାୟ ଖେଳ ଆରମ୍ଭ ହେବ। ଜାନୁଆରୀ ୨୬ରେ ଫାଇନାଲ ସହ ମୋଟ୍ ୧୪ଟି ମ୍ୟାଚ୍ ଏଠାରେ ଖେଳାଯିବ। ଦର୍ଶକ ବିନା କୌଣସି ଦେୟରେ ନିଜ ନିଜର ଟିକଟ୍ ଅନଲାଇନରେ ବୁକ୍ କରି ଷ୍ଟାଡିୟମରେ ଖେଳ ଉପଭୋଗ କରିବେ।

ଶନିବାର କଳିଙ୍ଗରେ ୨ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚରେ ବେଙ୍ଗଲ ଟାଇଗର୍ସ ଓ ହାଇଦରାବାଦ୍ ତୁଫାନ୍ସ ସାମ୍ନାସାମ୍ନି ହେବେ। ଏହି ମ୍ୟାଚଟି ସନ୍ଧ୍ୟା ୫ଟାରେ ଆରମ୍ଭ ହେବ। ସେହିଭଳି ଘରୋଇ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ରାତି ୭ଟା ୩୦ରେ ଏସ୍‌ଜି ପାଇପର୍ସ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ବେଲ୍‌ଜିୟମର ଆର୍ଥର ଭାନ ଡୋରେନ କଳିଙ୍ଗ ଲାନ୍ସର୍ସର ଅଧିନାୟକ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ଲିଗରେ କଳିଙ୍ଗ ଦଳ ୪ଟି ମ୍ୟାଚ୍ ଖେଳି ୪ ବିଜୟ ସହ ଅପରାଜେୟ ରହିଛି। ୧୧ ପଏଣ୍ଟ ସହ କଳିଙ୍ଗ ସାରଣୀର ଶୀର୍ଷରେ ରହିଛି।

### ରାଞ୍ଚି ରୟାଲ୍ସର ହ୍ୟାଟ୍ରିକ ବିଜୟ

ଶୁକ୍ରବାର ରାଞ୍ଚି ଲେଗ୍‌ର ଶେଷ ମ୍ୟାଚ୍ ଘରୋଇ ରାଞ୍ଚି ରୟାଲ୍ସ ଓ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାଞ୍ଚି ରୟାଲ୍ସ ଦଳ ୪-୧ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଟମ୍ ବୁନ ୨ଟି ଏବଂ ମନଦୀପ୍ ସିଂହ ଓ ମନମିତ୍ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ରାଞ୍ଚିର ଏହା ହ୍ୟାଟ୍ରିକ ବିଜୟ ଥିଲା। ଏଥିସହ ରାଞ୍ଚି ୫ ମ୍ୟାଚରୁ ୯ ପଏଣ୍ଟ ପାଇ ଟେବଲ୍‌ର ୩ୟ ସ୍ଥାନକୁ ଉଠିଛି। ବେଦାନ୍ତ କଳିଙ୍ଗ ଲାନ୍ସର୍ସ (୧୧ ପଏଣ୍ଟ) ଏଚଆଇଏଲ୍ ଜିସି (୧୦) ଯଥାକ୍ରମେ ଟେବଲର ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଲାନ୍ସର୍ସ ଏହି ବିଜୟଧାରାକୁ ବଜାୟ ରଖି ୯ ବର୍ଷ ପରେ ପୁଣିଥରେ ଟ୍ରଫି ଜିତିବାର ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ରହିଛି।

**ଆଜିର ମୁକାବିଲା**

ସନ୍ଧ୍ୟା ୫ଟା
ବେଙ୍ଗଲ ଟାଇଗର୍ସ-ହାଇଦରାବାଦ୍ ତୁଫାନ୍ସ

ରାତି ୭ଟା ୩୦
କଳିଙ୍ଗ ଲାନ୍ସର୍ସ-ଏସ୍‌ଜି ପାଇପର୍ସ

ପ୍ରସାରଣ : ସୋନି ସ୍ପୋର୍ଟ୍ସ ଓ ଡିଡି ସ୍ପୋର୍ଟ୍ସ ନେଟୱର୍କ

ତ୍ରୁଟି ସୁଧାରିଲା ଆଇସିସି

# ୧୫୪୭ ଦିନ ଶୀର୍ଷରେ ରହିଛନ୍ତି କୋହଲି

ଦୁବାଇ, ୧୬ ।୧ (ଏଜେନ୍ସି): ଷ୍ଟାର୍ ଭାରତୀୟ ବ୍ୟାଟର୍ ବିରାଟ କୋହଲି ଚଳିତ ସପ୍ତାହ ପ୍ରାରମ୍ଭରେ ଆଇସିସି ଦିନିକିଆ ମାନ୍ୟତାର ଶୀର୍ଷ ସ୍ଥାନକୁ ଫେରିଥିଲେ। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଏହି ଅବସରରେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରାଯାଇଥିଲା। ଯେଉଁଥିରେ କୋହଲି ତାଙ୍କ କ୍ୟାରିୟରରେ ମୋଟ୍ ଉପରେ ୮୨୫ ଦିନ ଦିନିକିଆ ର୍‍ୟାଙ୍କିଙ୍ଗର ଶୀର୍ଷରେ ରହିଥିବା ନେଇ ତଥ୍ୟ ପ୍ରଦାନ କରାଯାଇଥିଲା। ଦିନିକିଆ ର୍‍ୟାଙ୍କିଙ୍ଗରେ ସର୍ବାଧିକ ଦିନ ଶୀର୍ଷରେ ରହିଥିବା ବ୍ୟାଟର୍ ତାଲିକାରେ କୋହଲି ୧୦ ନମ୍ବର ସ୍ଥାନରେ ରହିଥିବା ନେଇ ଆଇସିସି ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ଆଇସିସିର ଏହି ତଥ୍ୟ ଭୁଲ ରହିଥିବା ନେଇ ସାମାଜିକ ଗଣମାଧ୍ୟମରେ ୟୁଜର ଦାବି କରିଥିଲେ। ଏପରିକି ଆଇସିସି ପୂର୍ବରୁ ପୋଷ୍ଟ କରିଥିବା କିଛି ତଥ୍ୟକୁ ୟୁଜରମାନେ ସେୟାର କରିଥିଲେ। ଯେଉଁଥିରେ କୋହଲି ୧୫୪୭ ଦିନ ଏକ ନମ୍ବର ସ୍ଥାନରେ ରହିଥିବା ନେଇ ଆଇସିସି ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ତ୍ରୁଟିକୁ ଆଇସିସି ଜାଣିବା ପରେ ସଦ୍ୟ କରିଥିବା ପୋଷ୍ଟକୁ ଡିଲିଟ୍ କରିଦେଇଥିଲା।

ସବ୍-ଜୁନିଅର ଜାତୀୟ ରଗବୀ କଳିଙ୍ଗରେ ଆରମ୍ଭ

# ପ୍ରି-କ୍ୱାର୍ଟରରେ ଓଡ଼ିଶା ବାଳିକା



ଭୁବନେଶ୍ୱର, ୧୬ ।୧ (ସମିସ): କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାରଠାରୁ ସବ୍-ଜୁନିଅର ରଗବୀ ସେଭେନ୍ସ ଚାମ୍ପିଅନସିପ୍‌ର ୧୦ମ ସଂସ୍କରଣ ଆରମ୍ଭ ହୋଇଛି। ରଗବୀ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ରଗବୀ ଫୁଟ୍‌ବଲ ଆସୋସିଏସନ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଏହି ଜାତୀୟସ୍ତରୀୟ ୧୫ ବର୍ଷରୁ କମ୍ ପ୍ରତିଯୋଗିତା ଜାନୁଆରୀ ୨୧ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଭାରତୀ ରଗବୀ ଦଳର ଉପ-ଅଧିନାୟିକା ତଥା ଓଡ଼ିଶାର ତାରକା ଖେଳାଳି ଡୁମୁନି ମାର୍ଣ୍ଡି ଚାମ୍ପିଅନସିପ୍‌ର ଟ୍ରଫିକୁ ପଡ଼ିଆରେ ସ୍ଥାପନ କରିବା ପରେ ଅଂଶଗ୍ରହଣକାରୀ ୨୪ ରାଜ୍ୟ ଦଳର ଅଧିନାୟିକାମାନେ ଜଣଙ୍କ ପରେ ଜଣେ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ଅତିଥିଙ୍କ ସହ ପରିଚୟ ହେବା ପରେ ପ୍ରତିଯୋଗିତା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା।

ପ୍ରଥମ ଦିବସରେ ବାଳିକା ବିଭାଗ ମ୍ୟାଚ୍ ଖେଳାଯାଇଛି। ଏଥିରେ ଓଡ଼ିଶା ଦଳ ଡବଲ ବିଜୟ ହାସଲ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ୍-ଡି'ରେ ଓଡ଼ିଶା ବାଳିକା ଦଳ ୩୫-୦ରେ ଉତ୍ତରପ୍ରଦେଶକୁ ଓ ୨୮-୦ରେ ରାଜସ୍ଥାନକୁ ହରାଇଥିଲା। ପ୍ରି-କ୍ୱାର୍ଟରରେ ଓଡ଼ିଶାର ମୁକାବିଲା ଉତ୍ତରାଖଣ୍ଡ ସହ ହେବ। ଅନ୍ୟ ଦଳଗୁଡ଼ିକ ମଧ୍ୟରେ କେରଳ, ବିହାର, ଝାଡ଼ଖଣ୍ଡ, ଚଣ୍ଡିଗଡ଼, ଛତିଶଗଡ଼, ଦିଲ୍ଲୀ, ରାଜସ୍ଥାନ, କର୍ଣ୍ଣାଟକ, ହରିୟାଣା, ପଶ୍ଚିମବଙ୍ଗ, ଗୁଜରାଟ, ମହାରାଷ୍ଟ. ଜମ୍ମୁ ଓ କାଶ୍ମୀର ଏବଂ ଦାଦ୍ରା ଓ ନଗର ହାବେଳୀ ପ୍ରି-କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ଶନିବାର ବାଳିକା ବିଭାଗ ହୋଇ ରବିବାର ଶେଷ ହେବ। ସେହିଭଳି ଜାନୁଆରୀ ୨୦ ଓ ୨୧ ତାରିଖରେ ବାଳକ ବିଭାଗ ମ୍ୟାଚ୍ ଖେଳାଯିବ।

କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡା. ୟେଦୁଲ୍ଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ, ଓଡ଼ିଶା ରଗବୀ ସଂଘର ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

# ପୁରୁଷ ଓ ମହିଳାବର୍ଗରେ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟବଲ

ଭୁବନେଶ୍ୱର, ୧୬ ।୧ (ସମିସ): ଡଃ ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଏକ ରାଜ୍ୟସ୍ତରୀୟ ମହିଳା ଏବଂ ପୁରୁଷ ବିଭାଗର ଫୁଟବଲ ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଭୁବନେଶ୍ୱରଠାରେ ଆରମ୍ଭ ହେବ। ଭୁବନେଶ୍ୱର ସିଟି କ୍ଲବ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ (ବିଏଏ)ର ମିଳିତ ଆନୁକୂଲ୍ୟରେ ଏବଂ ଡଃ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫାଉଣ୍ଡେସନ ଟ୍ରଷ୍ଟ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଓଡ଼ିଶା ଅଲିମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପାଲଲହଡ଼ା ବିଧାୟକ ତଥା ଟ୍ରଷ୍ଟର ସଭାପତି ଅଶୋକ ମହାନ୍ତିଙ୍କ ସମେତ ବିଏଏ ସମ୍ପାଦକ ଡଃ ସୌର୍ଯ୍ୟରଞ୍ଜନ ପରିଜା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ଜିଲ୍ଲା ଭାଜପା ସଭାପତି ନିରଞ୍ଜନ ମିଶ୍ର, ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, କ୍ରୀଡ଼ା ପ୍ରଶାସକ ଅଶୋକ କୁମାର ମହାନ୍ତି, ବିଏଏର ଫୁଟବଲ ସମ୍ପାଦକ ଦିଲ୍ଲୀପ ଦାସ, ଭାଗ୍ୟଧର ଜଗଦେବ, ଇଂ ଅରୁଣ ବିଶ୍ୱାଳ, ମହିନ୍ଦ୍ରନାଥ ନାୟକ, ବନୋଜ କୁମାର ପ୍ରଧାନ ଓ ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ଉପସଭାପତି ମହମ୍ମଦ ସହିଦ ଜବାର, କ୍ରିଷ୍ଣା ଗ୍ରୁପର ଅଧ୍ୟକ୍ଷ ପବିତ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ସମୀର ମହାନ୍ତିଙ୍କୁ ସର୍ବସମ୍ମତିକ୍ରମେ ଟୁର୍ଣ୍ଣାମେଣ୍ଟ କମିଟିର ଚେୟାରମ୍ୟାନ ଭାବେ ମନୋନୀତ କରାଯାଇଥିଲା।

ବିଜୟ ହଜାରେ ଟ୍ରଫି

# ଫାଇନାଲରେ ସୌରାଷ୍ଟ୍ର

ବେଙ୍ଗାଲୁରୁ, ୧୬ ।୧ (ଏଜେନ୍ସି): ଚଳିତ ବିଜୟ ହଜାରେ ଟ୍ରଫିର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ରବିବାର ସୌରାଷ୍ଟ୍ର ଓ ବିଦର୍ଭ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ସୌରାଷ୍ଟ୍ର ୯ ୱିକେଟରେ ପଞ୍ଜାବକୁ ହରାଇଦେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ୫୦ ଓଭରରେ ୨୯୧ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଅନମୋଲ୍‌ପ୍ରୀତ୍ ସିଂହ ଲିଷ୍ଟ-ଏ କ୍ରିକେଟ୍‌ରେ ୮ମ ଶତକ ସହ ୧୦୦ ରନର ପାଳି ଖେଳିଥିଲେ। ସେହିଭଳି ଅଧିନାୟକ ପ୍ରଭସିମରନ ସିଂହ ମଧ୍ୟ ୮୭ ରନ କରିଥିଲେ। ସୌରାଷ୍ଟ୍ରର ବାମହାତୀ ଦ୍ରୁତ ବୋଲର ଚେତନ ସାକରିୟା ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଜବାବରେ ସୌରାଷ୍ଟ୍ର ଓପନର୍ ଭୈଶବରାଜ ଜାଡେଜାଙ୍କ ୧୬୫ ରନ ବଳରେ ୬୩ଟି ବଲ୍ ବଳକା ଥାଇ ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ୧୨୭ ବଲର ପାଳିରେ ଜାଡେଜା ୧୮ଟି ଚୌକା ଓ ୩ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ହାର୍ଭିକ ଦେଶାଇ ୬୪ ଓ ପ୍ରେରକ ମଙ୍କଡ ଅପରାଜିତ ୫୨ ରନ କରିଥିଲେ। ଜାଡେଜାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

# ଡବ୍ଲ୍ୟୁପିଏଲ୍‌ରେ ରାଧାଙ୍କ ପ୍ରଥମ ଅର୍ଦ୍ଧଶତକ

ନଭି ମୁମ୍ବଇ, ୧୬ ।୧ (ଏଜେନ୍ସି): ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ବାମହାତୀ ସ୍ପିନର ରାଧା ଯାଦବ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଶୁକ୍ରବାର ଗୁଜରାଟ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚରେ ରାଧା ଏହି ସଫଳତା ପାଇଛନ୍ତି। ରାଧାଙ୍କ ଅର୍ଦ୍ଧଶତକ ବଳରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ୨୦ ଓଭରରେ ୭ ୱିକେଟ ହରାଇ ୧୮୨ ରନ କରିଥିଲା। ବ୍ୟାଟିଂକ୍ରମର ୫ମ ସ୍ଥାନରେ ଆସିଥିବା ରାଧା ୪୭ ବଲରେ ସର୍ବାଧିକ ୬୬ ରନ କରିଥିଲେ। ରିଚା ଘୋଷ ୪୪, ଅଧିନାୟିକା ସ୍ମୃତି ମନ୍ଧାନା ୫ ରନ କରିଥିଲେ। ସୋଫି ଡିଭାଇନଙ୍କୁ ୩ଟି ୱିକେଟ ମିଳିଥିଲା।

# ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଚେସ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୧୬ ।୧ (ସମିସ)

ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବର ୧୬ତମ ସଂସ୍କରଣ ଶୁକ୍ରବାର ସ୍ଥାନୀୟ ସୋଆ ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଅଲଇଣ୍ଡିଆ ଚେସ୍ ଫେଡେରେସନର ତତ୍ତ୍ୱାବଧାନରେ ଓଡ଼ିଶା ଚେସ୍ ସଂଘ ଓ ଇ-ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହି ମେଗା ଚେସ୍ ପ୍ରତିଯୋଗିତାରେ ଭାରତ ସମେତ ୧୪ଟି ଦେଶର ୧,୦୫୦ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ୧୦ଜଣ ଗ୍ରାଣ୍ଡମାଷ୍ଟର ଓ ୧୯ଜଣ ଅନ୍ତର୍ଜାତୀୟ ମାଷ୍ଟର ରହିଛନ୍ତି। ପାଞ୍ଚଥରର କମନଓ୍ୱେଲ୍ଥ ଚାମ୍ପିଅନ ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତା ଟୁର୍ଣ୍ଣାମେଣ୍ଟର ଟପ୍ ସିଡ୍ ଖେଳାଳି ମାନ୍ୟତା ପାଇଛନ୍ତି।

ଚାରୋଟି କାଟାଗୋରୀରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। କାଟାଗୋରୀ-ଏ'ରେ ୨୫ ଲକ୍ଷ ଟଙ୍କା ପୁରସ୍କାର ରଖାଯାଇଛି। ଏଥିରେ ୧୯୦୦ ରେଟିଂରୁ ଉର୍ଦ୍ଧ୍ୱ ରେଟିଂ ଥିବା ଖେଳାଳି ଅଂଶଗ୍ରହଣ କରିପାରିବେ। ସେହିଭଳି ୧୯୦୦ ରେଟିଂରୁ କମ୍ ଥିବା ଖେଳାଳି କାଟାଗୋରୀ-ବି'ରେ ଭାଗନେବେ। କାଟାଗୋରୀ-ସି'ରେ ୧୭୦୦ ରେଟିଂରୁ କମ୍ ଥିବା ଖେଳାଳି ଏବଂ କାଟାଗୋରୀ-ଡି' ଓପନ ବ୍ଲିଜବର୍ଗରେ ଅନୁଷ୍ଠିତ ହେବ। କାଟାଗୋରୀ-ବି ଓ ସି ଲାଗି ୯ ଲକ୍ଷ ଲେଖାଏ ଏବଂ ଡି' ଲାଗି ୨ ଲକ୍ଷ ଟଙ୍କା ପୁରସ୍କାର ରହିଛି।

ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ରାଜୀବ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲ୍‌ଓଡ଼ିଶା ଚେସ୍ ଆସୋସିଏସନର ସମ୍ପାଦକ ଦେବବ୍ରତ ଭଞ୍ଜ, ଇ-ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶାର ସମ୍ପାଦକ ଅଭିଷେକ ମିତ୍ର, ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନିଳାଦ୍ରୀର ସଭାପତି ସୁଜିତ କୁମାର ରାଉତ, କୋଷାଧ୍ୟକ୍ଷ ଧର୍ମେନ୍ଦ୍ର କୁମାର, ସୋଆ ବିଶ୍ୱବିଦ୍ୟାଳୟର ଡିନ୍ ଜ୍ୟୋତିରଞ୍ଜନ ଦାସ, ଆଇଏମ୍ ସତ୍ୟପ୍ରଜ୍ଞ, ଟୁର୍ଣ୍ଣାମେଣ୍ଟର ଲୋକ ସମ୍ପର୍କ ଅଧିକାରୀ ପ୍ରଣୟ ଜେଠୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।

# ୧୮ ଜଣିଆ ଓଡ଼ିଶା ରଣଜୀ ଦଳ ଘୋଷିତ

କଟକ,୧୬।୧(ସମିସ): ଚଳିତ ରଣଜୀ ଟ୍ରଫିର ଅନ୍ତିମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ। ଏଥି ନିମନ୍ତେ ଶୁକ୍ରବାର ଓସିଏ ପକ୍ଷରୁ ୧୮ ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱରେ ଘୋଷିତ ରାଜ୍ୟ ଦଳରେ ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ, ସାୱନ ପହରିୟା, ରାଜେଶ ଧୂପର, ଅନୀଲ ପରିଡା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ପ୍ରଶାନ୍ତ ରଣା, ତରଣୀ ସ, ଦେବବ୍ରତ ପ୍ରଧାନ ସ୍ଥାନ ପାଇଛନ୍ତି। ମିଡଲ ଅର୍ଡର ବ୍ୟାଟର ଶାନ୍ତନୁ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କିଟ ଗ୍ରାଉଣ୍ଡରେ ୨୨ ତାରିଖରୁ ତାମିଲନାଡୁ ବିପକ୍ଷରେ ଓଡ଼ିଶା ୬ଷ୍ଠ ଲିଗ୍ ମ୍ୟାଚ୍ ଖେଳିବ। ଚଳିତ ରଣଜୀ ଟ୍ରଫିରୁ ବିଦା ହେବା ଓଡ଼ିଶା ନିମନ୍ତେ ଏକ ପ୍ରକାର ନିଶ୍ଚିତ ହୋଇସାରିଛି। ଦଳ ୫ଟି ମ୍ୟାଚ୍‌ରୁ ୭ ପଏଣ୍ଟ ହାସଲ କରି ଏଲିଟ ଗ୍ରୁପ-ଏ ଟେବଲର ୬ଷ୍ଠ ସ୍ଥାନରେ ରହିଛି।

୧୯ ବର୍ଷରୁ କମ୍ ବିଶ୍ୱକପରେ ବଡ଼ ବିପର୍ଯ୍ୟୟ

# ଦକ୍ଷିଣ ଆଫ୍ରିକାକୁ ହରାଇଲା ଆଫଗାନିସ୍ତାନ



ୱିଣ୍ଡହୋଏକ, ୧୬ ।୧ (ଏଜେନ୍ସି): ୧୯ ବର୍ଷରୁ କମ୍ ଆଇସିସି ଦିନିକିଆ ବିଶ୍ୱକପ୍‌ର ଚଳିତ ୧୬ତମ ସଂସ୍କରଣର ଦ୍ୱିତୀୟ ଦିବସରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଶୁକ୍ରବାର ନାମିବ୍ୟା କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ପୂର୍ବ ବିଜେତା ଦକ୍ଷିଣ ଆଫ୍ରିକାକୁ ୨୮ ରନରେ ଆଫଗାନିସ୍ତାନ ହରାଇ ଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୫୦ ଓଭରରେ ୮ ୱିକେଟ୍ ହରାଇ ୨୬୬ ରନ କରିଥିଲା। ଜବାବରେ ଜାସନ ରୋଲିସଙ୍କ ୯୮ ରନ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୪୭.୪ ଓଭରରେ ୨୩୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସେହିଭଳି ଅନ୍ୟ ମ୍ୟାଚଗୁଡ଼ିକରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ସି'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୮ ୱିକେଟରେ ଆର୍ୟଲାଣ୍ଡକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ଷ୍ଟିଭେନ ହୋଗାନଙ୍କ ୧୧୫ ରନର ମ୍ୟାଚ ବିଜୟୀ ଶତକୀୟ ପାଳି ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ଗ୍ରୁପ୍-ବି'ର ଏକ ମ୍ୟାଚରେ ଇଂଲଣ୍ଡ ୩୭ ରନରେ ପାକିସ୍ତାନକୁ ହରାଇଦେଇଛି। ଶନିବାର ଭାରତ ଓ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଭାରତ ଏହାର ପ୍ରଥମ ମ୍ୟାଚରେ ୬ ୱିକେଟରେ ଆମେରିକାକୁ ହରାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS